49

# ଧରିତ୍ରୀ
DHARITRI

୪୯

ଭୁବନେଶ୍ୱର, ସୋମବାର, ଡିସେମ୍ବର ୫/୨୦୨୨ (୧୬ ପୃଷ୍ଠା) | Bhubaneswar, Monday, December 5/2022 | Page 16 | ₹ 7.00 | ★★★★

୪୯ଶ ଭାଗ ୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 12 | ମୂଲ୍ୟ ₹୭/-



ODISHA
NEW OPPORTUNITIES

DSPL-356

## "THANK YOU for joining the Juggernaut"

**Shri Naveen Patnaik**
Hon'ble Chief Minister, Odisha



MAKE IN ODISHA CONCLAVE'22
BHUBANESWAR | 30 NOV-04 DEC | 2022

**10,48,830 Cr.** Investment Intent Received

**10,37,701** Direct and Indirect Employment Potential

**18,785** Delegate Registrations

**279** Speakers in 38 Business Sessions

**741** Projects announced across 22 diversified sectors

OIPR-14005/13/0052/2223

Industry Partner FICCI | Investment Promotion Advisor pwc

Country Partners: Germany, Japan, Norway

# ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨

## ପ୍ରଦର୍ଶନୀ, ଫୁଡ୍ କୋର୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ

ଭୁବନେଶ୍ୱର ଜନତା ମଇଦାନରେ ନଭେମ୍ବର ୩୦ରୁ ଆରମ୍ଭ ହୋଇଥିବା ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨ ରବିବାର ଶେଷ ହୋଇଛି। କନ୍‌କ୍ଲେଭ୍‌ରେ ଆୟୋଜିତ ପ୍ରଦର୍ଶନୀ, ଫୁଡ୍ କୋର୍ଟ ଏବଂ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରବିବାର ଉପଭୋଗ କରିଛନ୍ତି ସାଧାରଣ ଜନତା।























**ଅଭିମାନୀ କରୀନା କପୁର**
ଏକ ଇଭେଣ୍ଟରେ ସ୍ୱାମୀଙ୍କ ମୁହଁରୁ ଶାଶୁଙ୍କ ପ୍ରଶଂସା ଶୁଣି ରାଗିଗଲେ ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ । ୧୨

୧୪ **ଲିଅନଙ୍କୁ ୬ଉଇକେଟ ସଫଳତା**
ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲୀୟ ଅଫ୍ ସ୍ପିନର ନାଥାନ ଲିଅନ ୬ଉଇକେଟ ସଫଳତା ହାସଲ କରିଛନ୍ତି।





# ସରିଲା ନିବେଶ ମହାକୁମ୍ଭ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ଚଳିତ ବର୍ଷ ନଭେମ୍ବର ୩୦ରୁ ଆରମ୍ଭ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ (ଏମ୍‌ଆଇଓସି)-୨୨ ରବିବାର ଆନୁଷ୍ଠାନିକ ଭାବେ ଶେଷ ହୋଇଛି। ଗତ ୫ ଦିନ ହେବ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ନିବେଶ ମହାକୁମ୍ଭକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଏକ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଘାଟନ କରିଥିଲେ। ବିଶେଷକରି କନ୍‌କ୍ଲେଭର ପ୍ରଥମ ଦିନରେ ଏମ୍‌ଆଇଓସିର ଉଦ୍‌ଘାଟନ ସାଙ୍ଗକୁ ବିଶିଷ୍ଟ କଳାକାର ଅରୁଣା ମହାନ୍ତିଙ୍କ ଦ୍ୱାରା ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିଭଳି ୨ୟ, ☞ପୃଷ୍ଠା-୨

## ବାଦ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ସମୂହ ବାଦ୍ୟଯନ୍ତ୍ରର ଧ୍ୱନି ବେଶ୍ ନିଆରା ଥିଲା। ତା' ସାଙ୍ଗକୁ ଦର୍ଶକ ତଥା ଶ୍ରୋତାଙ୍କ କରତାଳି ଶୀତୁଆ ସନ୍ଧ୍ୟାକୁ ଉଷ୍ମ କରିଦେଇଥିଲା। ରଙ୍ଗାରଙ୍ଗ ଆଲୋକ, ଖଚାଖଚ୍ ଭିଡ଼ ସହ ଝୁମି ଉଠିଥିଲା ପୂରା ଜନତା ମଇଦାନ। ଅବସର ଥିଲା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ଶେଷ ସନ୍ଧ୍ୟା। ଶିବାଗ୍ନୀ ଅନୁଷ୍ଠାନର ୧୦ ବାଦ୍ୟଶିଳ୍ପୀଙ୍କ ସମୂହ ବାଦ୍ୟଧ୍ୱନିରୁ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ☞ପୃଷ୍ଠା-୨

# ମୋରାଲିଟି ପୋଲିସ ହଟିଲା

## ମୁଣ୍ଡ ନୁଆଁଇଲେ ଇରାନର ରଇସି ସରକାର

- ହିଜାବ ନିୟମର ସମୀକ୍ଷା ହେବ
- ମହସାଙ୍କୁ ହତ୍ୟା ପରେ ଆନ୍ଦୋଳନ
- ପୋଲିସ ବର୍ବରତାରେ ୪୪୮ ମୃତ


ଇବ୍ରାହିମ ରଇସି


ମହସା ଅମିନି

ତେହରାନ,୪।୧୨

ଦୀର୍ଘ ଅଢ଼େଇ ମାସର ଆନ୍ଦୋଳନ ପରେ ଶେଷରେ ମୁଣ୍ଡ ନୁଆଁଇଛନ୍ତି ଇରାନର ଇବ୍ରାହିମ ରଇସି ସରକାର। ଧର୍ମୀୟ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ମୋରାଲିଟି ପୋଲିସ ହାଜତରେ ମହସା ଅମିନିଙ୍କ ମୃତ୍ୟୁ ପରେ ଦେଶରେ ମୁଣ୍ଡ ଟେକିଥିବା ହିଜାବ ବିରୋଧୀ ଆନ୍ଦୋଳନର ଅନେକ ରାଷ୍ଟ୍ରକୁ ବ୍ୟାପିବା ପରେ ତେହରାନ ଉପରେ ଅନ୍ତର୍ଜାତୀୟ ଚାପ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରଇସିଙ୍କ ଅତି ରକ୍ଷଣଶୀଳ ସରକାର ରବିବାର ମୋରାଲିଟି ପୋଲିସକୁ ଉଚ୍ଛେଦ କରିବା ସହ ମହିଳାଙ୍କ ଡ୍ରେସ୍ କୋଡ୍‌ର ସମୀକ୍ଷା କରିବା ନେଇ ଘୋଷଣା କରିଛନ୍ତି। ନ୍ୟାୟପାଳିକା ସହ ମୋରାଲିଟି ପୋଲିସର କିଛି ସମ୍ପର୍କ ନାହିଁ। ଏହି ପୋଲିସ ବାହିନୀକୁ ଉଚ୍ଛେଦ କରାଯାଇଛି ବୋଲି ଆଟର୍ନି ଜେନେରାଲ ମହମ୍ମଦ ଜାଫର ମୋଣ୍ଟାଜେରି ସ୍ପଷ୍ଟ କରିଛନ୍ତି।

ଗତ ସେପ୍ଟେମ୍ବରରେ ୧୩ରେ ୨୨ ବର୍ଷୀୟା କୁର୍ଦ୍ଦିଶ ବଂଶୋଦ୍ଭବ ମହସା ଅମିନି ଉଚିତ ଢଙ୍ଗରେ ହିଜାବ ପରିଧାନ କରି ନ ଥିବା ଦର୍ଶାଇ ମୋରାଲିଟି ପୋଲିସ ତାଙ୍କୁ ଗିରଫ କରିଥିଲା। ଏହାର ୩ ଦିନ ପରେ ଅର୍ଥାତ୍ ୧୬ ତାରିଖରେ ପୋଲିସ ହାଜତରେ ତାଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ବର୍ବରତାରେ ମହସାଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଥିଲା। ସେବେଠୁ ଏହାର ପ୍ରତିବାଦରେ ଯୁବପିଢ଼ି ହିଜାବ ବିରୋଧୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୯୭୯ ଇସ୍‌ଲାମୀୟ ବିପ୍ଳବ ପରଠୁ ଇରାନ ଆମେରିକା ସମର୍ଥିତ ରାଜତନ୍ତ୍ରକୁ ପ୍ରତ୍ୟାଖ୍ୟାନ କରି ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ କରିଥିଲା। କିଏ କିପରି ପୋଷାକ ପିନ୍ଧୁଛନ୍ତି ତାହା ଉପରେ ସରକାରୀ ଅଧିକାରୀମାନଙ୍କ କଡ଼ା ନଜର ରହିଥିଲା। ☞ପୃଷ୍ଠା-୨



## ହିଜାବ ନ ପିନ୍ଧିବାରୁ ଆଥ୍‌ଲେଟ୍‌ଙ୍କ ଘର ଭାଙ୍ଗିଦେଲେ

ଇରାନୀୟ ରକ୍ କ୍ଲାଇମର ଏଲ୍‌ନାଜ୍ ରେକାବିଙ୍କ ପୈତୃକ ଘରକୁ ସରକାର ଭାଙ୍ଗିଦେଇଛନ୍ତି। ତାଙ୍କ ଦୋଷ ହେଲା ଗତ ଅକ୍ଟୋବରରେ ଦକ୍ଷିଣ କୋରିଆରେ ଆୟୋଜିତ ଏକ ଇଭେଣ୍ଟରେ ସେ ବିନା ହିଜାବରେ ଭାଗନେଇଥିଲେ। ଉଚ୍ଛେଦକାରୀମାନେ ବୁଲ୍‌ଡୋଜର ଲଗାଇ ୩୯ ବର୍ଗ ମିଟର ଘରକୁ ଧ୍ୱସ୍ତବିଧ୍ୱସ୍ତ କରିବା ସହ ସେ ହାସଲ କରିଥିବା ଅନେକ ପଦକ ମଧ୍ୟ ମାଟିରେ ମିଶିଯାଇଛି। ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ପରେ ଏଲ୍‌ନାଜ୍ ଇରାନର ବିକ୍ଷୋଭକାରୀମାନଙ୍କ ପାଇଁ ପ୍ରତୀକ ପାଲଟିଯାଇଛନ୍ତି। ତେବେ ଏଲ୍‌ନାଜ୍ ତେହରାନକୁ ଫେରିଲେ ତାଙ୍କ ସୁରକ୍ଷା ବିପନ୍ନ ହୋଇପାରେ ବୋଲି ମାନବାଧିକାର ସଙ୍ଗଠନଗୁଡ଼ିକ ଆଶଙ୍କା ବ୍ୟକ୍ତ କରିଛନ୍ତି।




ଆଜିର ସମ୍ପାଦକୀୟ
ଆଣ୍ଠେଇଲା ଇରାନ

# ପଦ୍ମପୁର ଉପନିର୍ବାଚନ, ଆଜି ମତଦାନ

ବରଗଡ଼ ଅଫିସ୍/ପଦ୍ମପୁର,୪।୧୨(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ସୋମବାର ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ କରାଯିବ। ଏହାପୂର୍ବରୁ ସକାଳ ସାଢେ ୫ଟାରେ ମକ୍ ପୋଲ୍ ଆରମ୍ଭ କରାଯିବ। ପଦ୍ମପୁର ନିର୍ବାଚନ ମଣ୍ଡଳୀର ସମୁଦାୟ ୨ଲକ୍ଷ ୫୭ହଜାର ୪୭୪ ଭୋଟର ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ୧୦ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିପାଇଁ ଉକ୍ତ ନିର୍ବାଚନ ମଣ୍ଡଳୀ ଅଧୀନ ପଦ୍ମପୁର ବିଜ୍ଞାପିତ ପରିଷଦ ଅଞ୍ଚଳ(ଏନ୍‌ଏସି)ର ୧୩ ବୁଥ୍ (ଭୋଟ୍‌ଗ୍ରହଣ କେନ୍ଦ୍ର) ସମେତ ୩୧୯ ବୁଥ୍‌ରେ ଭୋଟଗ୍ରହଣ କରାଯିବ। ତେବେ



ସ୍କୁଲର ନାମ ପରିବର୍ତ୍ତନ ଯୋଗୁ ସେଥିମଧ୍ୟରୁ ୩୦୬ ବୁଥ୍‌ର ନାମ ପରିବର୍ତ୍ତନ ହୋଇଛି । କିନ୍ତୁ ବୁଥ୍‌ଗୁଡିକର ସ୍ଥାନ (ଲୋକେଶନ) ବଦଳି ନାହିଁ।

- ୩୧୯ ବୁଥ୍‌ରେ ହେବ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ
- ନିର୍ବାଚନ ମଣ୍ଡଳୀରେ ଏଥର ୨,୫୭,୪୭୪ ଭୋଟର
- ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

କେବଳ ବୁଥ୍ ନଂ-୨୪୧, ୨୪୩ ଏବଂ ୨୯୫ର ସ୍ଥାନ ପରିବର୍ତ୍ତନ ହୋଇଥିଲେ ସୁଦ୍ଧା ତାହା ପୂର୍ବ ବୁଥ୍ ନିକଟରେ ରହିଥିବା ସୂଚନା ଦିଆଯାଇଛି। ସମୁଦାୟ ବୁଥ୍ ମଧ୍ୟରୁ ୧୫ ଆଦର୍ଶ ବୁଥ୍ ଏବଂ ୬ ପିଙ୍କ୍ ବୁଥ୍ ରହିଛି। ମତଦାନ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ☞ପୃଷ୍ଠା-୨

# ଆକାଶରେ ୧୫ କି.ମି. ବ୍ୟାପିଲା ପାଉଁଶ

## ଇଣ୍ଡୋନେସିଆର ସର୍ବୋଚ୍ଚ ଆଗ୍ନେୟଗିରି ଉଦ୍‌ଗିରଣ

ଜାକର୍ତ୍ତା,୪।୧୨

ଇଣ୍ଡୋନେସିଆର ସର୍ବୋଚ୍ଚ ଆଗ୍ନେୟଗିରି ମାଉଣ୍ଟ ସେମେରୁରୁ ରବିବାର ଲାଭା ଉଦ୍‌ଗିରଣ ହୋଇଛି। ଏହାର ପ୍ରଭାବରେ ୧୫ କି.ମି. ଅଞ୍ଚଳ ପର୍ଯ୍ୟନ୍ତ ଆକାଶ ପାଉଁଶ ଓ ବାଷ୍ପରେ ମେଘାଚ୍ଛନ୍ନ ହୋଇଛି। ଆସନ୍ନ ବିପଦକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରୁ ୨,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜାଭା ଦ୍ୱୀପର ପୂର୍ବ ଭାଗରେ ସର୍ବୋଚ୍ଚ ସତର୍କତା ଜାରି କରାଯାଇଛି।

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ଇଣ୍ଡୋନେସିଆ ଉପରେ ଗୋଟିଏ ପରେ ଗୋଟିଏ ବିପତ୍ତି ମାଡ଼ିଆସୁଛି। ଗତ ମାସରେ ୱେଷ୍ଟ୍ ଜାଭାରେ ୫.୬ ତୀବ୍ରତା ବିଶିଷ୍ଟ ଭୂକମ୍ପରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିବା ପରେ ଏବେ ଦେଶର ସର୍ବୋଚ୍ଚ ଆଗ୍ନେୟଗିରି ନିଜ ପ୍ରକୋପ ଦେଖାଇଛି। ଦେଶରେ ଥିବା ମୋଟ ୧୪୨ ଆଗ୍ନେୟଗିରି ମଧ୍ୟରୁ ୧୨୯ଟି ସକ୍ରିୟ ରହିଛି। ସେଗୁଡ଼ିକ ନିକଟ ୧୦ କି.ମି. ରେ ୮.୬ ନିୟୁତ ଲୋକ ବସବାସ କରନ୍ତି। ୨୦୦ ବର୍ଷ ମଧ୍ୟରେ ଏହି ଆଗ୍ନେୟଗିରିଗୁଡ଼ିକରୁ ବହୁବାର ଉଦ୍‌ଗିରଣ ହୋଇସାରିଛି। ଏଥିଯୋଗୁ ଲକ୍ଷାଧିକ ଲୋକଙ୍କ ଜୀବନ ପ୍ରତି ସବୁବେଳେ ବିପଦ ଆଶଙ୍କା ରହିଥାଏ। ମୌସୁମୀ ବର୍ଷା ଯୋଗୁ ଜାଭା ଦ୍ୱୀପରେ ଥିବା ୩,୬୭୬ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ସେମେରୁର ଉପରଭାଗ ଧସିଯିବାରୁ ତହିଁରୁ ଲାଭା ଉଦ୍‌ଗିରଣ ହୋଇଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ମୁଖପାତ୍ର ଅବ୍‌ଦୁଲ ମୁହାରି କହିଛନ୍ତି। ସେମେରୁ ପର୍ବତରୁ ଲାଭା ନିର୍ଗତ ହେବା ପରେ ଆଖପାଖର ଅନେକ ଗ୍ରାମ ଉପରେ ପାଉଁଶ ଆଚ୍ଛାଦିତ ହୋଇରହିଛି। ସୂର୍ଯ୍ୟାଲୋକର ଚିହ୍ନବର୍ଣ୍ଣ ନାହିଁ। ଉଦ୍ଧାରକାରୀ ଦଳ ଗ୍ରାମବାସୀମାନଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରିଛନ୍ତି। ☞ପୃଷ୍ଠା-୨

**ଜାଭାରେ ଲାଭା**


ଆଗ୍ନେୟଗିରି ଉଦ୍‌ଗିରଣ ପରେ ଇଷ୍ଟ୍ ଜାଭା ପ୍ରଦେଶର ଲୁମାଜଙ୍ଗସ୍ଥିତ ଗ୍ଲାଡାକ୍ ପେରାକ୍ ବ୍ରିଜ୍ ପାଉଁଶରେ ଆଚ୍ଛାଦିତ ହୋଇଛି।

Remembering



LATE MANA GOVINDA MOHANTY
05.12.1904 - 21.03.1981
Mandasahi, Jagatsinghpur

On his 118th Birth Anniversary we at
**Mana Govinda Mohanty Charitable Trust**
pledge to continue our journey as an organisation with the community at its heart.

Your Humble nature and revolutionary vision towards building an enterprise with humility and compassion will continue to inspire us.

In fond memory:
Sabita, Rajib Lochan, Namita, Kamal Lochan, Padma Lochan, Pankaj Lochan, Meenoti, Annapurna, Sandhya, Seema, Siddhartha, Anshuman, Tanuj, Rumi, Anamika, Poonam, Priyangana, Ivaani &
The Family of MGM Group (Odisha)

**ଆଜିର ମନ୍ତବ୍ୟ**

" ୨୦୪୭ରେ ସ୍ୱାଧୀନତାର ଶତବାର୍ଷିକୀ ପାଳିତ ହେବାକୁ ଥିବାବେଳେ ଆସନ୍ତା ୨୫ ବର୍ଷ ମଧ୍ୟରେ ଭାରତ ବିଶ୍ୱଗୁରୁ ହେବ। **-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୁଆଡ଼େ ବର୍ଷା**
**ସିଆଡ଼େ ଛତା।**

ବର୍ଷା ଯୁଆଡେ ଛତା ସିଆଡେ ଭଳି ଯେଉଁଆଡ଼େ କିଛି ପାଇବାର ଆଶା ରହିଥାଏ, କିଛି ବ୍ୟକ୍ତି ସେହି ଆଡ଼କୁ ଧାଉଁଥିବାର ଲକ୍ଷ୍ୟ କରାଯାଇଥାଏ। ସୁବିଧାବାଦୀ ବ୍ୟକ୍ତିଙ୍କର ଏପରି ଗୋଡ଼ାଣିଆ ଚରିତ୍ର ରହିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେତେ ବାଉଁଶ**
**ସେତେ ପୋଲା।**

କଣ୍ଟାବାଉଁଶ ଦେଖିବାକୁ ଅପେକ୍ଷାକୃତ ଛୋଟ, ତା'ଭିତର ପୋଲା ନୁହେଁ। ପରନ୍ତୁ ଲମ୍ବ ବାଉଁଶ ଆକାରରେ ଖୁବ୍ ବଡ଼, ମୋଟା ହୋଇଥିବା ବେଳେ ଭିତରଟା କିନ୍ତୁ ପୋଲା ହୋଇଥାଏ। ପରୋକ୍ଷରେ ଆୟ ଅନୁସାରେ ବ୍ୟୟ। ଯାହାର ଆୟ ଯେତେ ବେଶି ତା'ର ବ୍ୟୟ ମଧ୍ୟ ସେହି ଅନୁସାରେ ଅଧିକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବିଭିନ୍ନ ଜିଲାରୁ ଆସିଥିବା ମିଶନ ଶକ୍ତିର ମା'ମାନେ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି।

# ଦାୟିତ୍ୱରେ ଥିବା ନେତାଙ୍କ ପାଇଁ କର ବା ମର ସ୍ଥିତି

**ପଦ୍ମପୁର ଉପନିର୍ବାଚନ**

ପଦ୍ମପୁରରୁ ସୁନିତ୍ ମିଶ୍ର

ପଦ୍ମପୁର ଉପନିର୍ବାଚନରେ ବିଜୟ ହାସଲ କରିବା ବର୍ତ୍ତମାନ ବିଜେଡି ଏବଂ ଭାଜପା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଏହା ଶେଷ ଉପନିର୍ବାଚନ ହୋଇଥିବାରୁ ଏହାକୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବର ସେମିଫାଇନାଲ ବୋଲି କୁହାଯାଉଛି। ଅବଶ୍ୟ ଏହାପରେ ଯଦି ୨୦୨୪ ପୂର୍ବରୁ କୌଣସି ସ୍ଥାନରେ ଉପନିର୍ବାଚନ ହେବାକୁ ପଡ଼େ, ତେବେ ତାହା ମଧ୍ୟ ଆହୁରି ଅଧିକ ଗୁରୁତ୍ୱ ବହନ କରିବ। ଯେପରି ଧାମନଗର ଉପନିର୍ବାଚନରେ ବିଜେଡିର ପରାଜୟ ଯୋଗୁ ପଦ୍ମପୁରରେ ଶାସକ ଦଳ ନେତାଙ୍କୁ ଆବଶ୍ୟକତାଠାରୁ ଅଧିକ କଠିନ ପରିଶ୍ରମ କରିବାକୁ ପଡ଼ିଛି। ସେହିପରି ଏବେର ଫଳାଫଳ ମଧ୍ୟ ଆଗାମୀ ରାଜନୈତିକ ଭବିଷ୍ୟତ ସ୍ଥିର କରିବା ନେଇ ସ୍ପଷ୍ଟ ଅନୁମେୟ।

ଧାମନଗର ଉପନିର୍ବାଚନ ପରେ ପଦ୍ମପୁରରେ ବିଜୟୀ ହେବାକୁ ୨ ପ୍ରମୁଖ ଦଳ ସବୁପ୍ରକାର ବଳ ଲଗାଇ ଦେଇଛନ୍ତି ବୋଲି ରାଜ୍ୟ ରାଜନୀତିରେ ମୁଖ୍ୟ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ବିଭିନ୍ନ ଜାଗାରେ ଆଲୋଚନା ଶୁଣିବା ପରେ ଧରିତ୍ରୀ ପକ୍ଷରୁ ପଦ୍ମପୁର ଅଭିମୁଖେ ଶନିବାର ବିଳମ୍ବିତ ରାତିରେ ଗସ୍ତ ଆରମ୍ଭ କରିଥିଲୁ। ରବିବାର ସକାଳ ୮ଟା ୩୦ ମିନିଟ ସମୟରେ ପଦ୍ମପୁର ନିର୍ବାଚନ ମଣ୍ଡଳୀ ଖୁଣ୍ଟପାଲି ଛକଠାରେ ପୋଲିସ ଅଟକାଇଥିଲା। ସେଠାରେ ବରଗଡ଼ ଏସ୍‌ପି ଅଫିସରେ କାର୍ଯ୍ୟରତ କ୍ଷୀରୋଦ୍ର ବିଶ୍ୱାଳ ଅଟକାଇ ଗାଡ଼ି ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଏଇଠାରୁ ହିଁ ପଦ୍ମପୁର ଉପନିର୍ବାଚନର ଉଷ୍ମତା ବିଷୟରେ ଜଣାପଡ଼ିଥିଲା। ୪ଦିନ ପୂର୍ବରୁ ଏକ ଗାଡ଼ିରୁ ୨ଲକ୍ଷ ୬୦ହଜାର ଟଙ୍କା ଜବତ ହେବା କଥା ଆମେ ତାଙ୍କ ମୁହଁରୁ ଶୁଣିବା ପରେ ଆମେ ଆମର ଯାତ୍ରା ପୁଣି ଆରମ୍ଭ କରିଥିଲୁ। ସେଠିଠାରୁ ଯେତିକି ଆଗକୁ ଯାଉଥିଲୁ ପୋଷ୍ଟର, ବ୍ୟାନର, ଦଳୀୟ ପତାକା ଛାଉଣି ହୋଇଥିବା ଦୃଶ୍ୟ ଦେଖିବାକୁ ପାଇଲୁ। ଉଭୟ ବିଜେଡି ଏବଂ ଭାଜପା ଯେଉଁ ମାତ୍ରାରେ ପୋଷ୍ଟର, ବ୍ୟାନରମୟ କରିଥିଲେ ସେଥିରୁ ନିର୍ବାଚନୀ ଖର୍ଚ୍ଚ ସମ୍ପର୍କରେ ଭଲ ଭାବେ ବୁଝା ପଡ଼ିଯାଇଥିଲା। ସେଠାରୁ ଯାଇ ରଜାପଡ଼ା ଅଞ୍ଚଳର ଭିକ ଲୁହାଙ୍କୁ ଏକ ଘରୋଇ ହୋଟେଲର ଠିକଣା ପଚାରିଥିଲୁ। ହଠାତ୍ ସେ ଟଙ୍କା ଦିଅ, ଭୋଟ୍ ନେବ ବୋଲି ଆମକୁ କହିଥିଲେ। ଆମେ କିଛି ବୁଝିବା ପୂର୍ବରୁ ସେ ଆହୁରି କହିଥିଲେ ଯେ, ଯିଏ ପଇସା ଦେବ, ତାକୁ ଆମେ ଭୋଟ୍ ଦେବୁ। ଶଙ୍ଖ ଆମକୁ ଚଳାଉଛି। ହେଲେ ମୋଦି ଆସିବା ପରେ ଆମ ଏନ୍‌ଏସି ଏରିଆରେ ଛାତଘର ଦିଆଯାଇଛି। ତେଣୁ ଆମକୁ ଏବେ ଯିଏ ଟଙ୍କା ଦେବ, ସେ ଭୋଟ୍ ନେବ ବୋଲି ଆମକୁ କହିଥିଲେ। ଭିକଙ୍କ ଏହି କଥାରୁ ବହୁତ କିଛି ବୁଝା ପଡୁଥିଲା। ଏହାପରେ ଯେତେବେଳେ ଆମେ ଠିକଣା ଖୋଜୁଥିବା ହୋଟେଲକୁ ପାଇଲୁ, ସେଠାରେ ଆମର ୨ଟି ରୁମ୍ ଆବଶ୍ୟକତା ଥିଲା। ଏ ବାବଦରେ ଯେତେବେଳେ ଆମେ ହୋଟେଲ ମାଲିକଙ୍କୁ କହିଲୁ, ସେ ଗୋଟିଏ ରୁମ୍ ଅଛି ରହିଯାଅ ବୋଲି କହିଥିଲେ। ହେଲେ ଆମେ ୨ଟି ରୁମ୍‌ର ଆବଶ୍ୟକତା ଅଛି ବୋଲି କହିବାରୁ ସେ ପାଲଟା କହିଥିଲେ, ଦେଖନ୍ତୁ ଆପଣ ଭାଗ୍ୟବାନ। ଯେଉଁ ଦାମ୍‌ରେ ଆପଣ ବର୍ତ୍ତମାନ ଗୋଟିଏ ରୁମ୍ ପାଉଛନ୍ତି, ଦିନକ ପୂର୍ବରୁ ତାହା ଆପଣ ଦେଉଥିବା ମୂଲ୍ୟର ୪ଗୁଣା ଅଧିକ ଥିଲା। ହୋଟେଲ ମାଲିକଙ୍କ ଏହି କଥାରୁ ବୁଝାପଡୁଛି, ରାଜନେତାମାନେ କେବଳ ହୋଟେଲରେ ରହଣି ବାବଦକୁ ଗତ ୧୦ଦିନ ମଧ୍ୟରେ କେତେ ଖର୍ଚ୍ଚ କରିଥିବେ। କାରଣ କିଛି ସମୟ ଆଲୋଚନା ଭିତରେ ଉକ୍ତ ହୋଟେଲ ମାଲିକ ଜଣାଇଥିଲେ, ଏଠାରେ ୧୦ଜଣ ବିଧାୟକ ଏବଂ ୨ଜଣ ମନ୍ତ୍ରୀ ରହୁଥିଲେ।

ନିର୍ବାଚନ ଆଚରଣ ବିଧି ଅନୁଯାୟୀ ଶନିବାର ୪ଟା ସୁଦ୍ଧା ସମସ୍ତ ବାହାର ନେତା, ମନ୍ତ୍ରୀ ପଦ୍ମପୁର ଛାଡ଼ି ଦେଇଥିଲେ। ତେଣୁ ଭୁବନେଶ୍ୱର ଏବଂ ଅନ୍ୟ ଅଞ୍ଚଳରୁ ଆସିଥିବା ମାଳ ମାଳ ନେତା, ମନ୍ତ୍ରୀଙ୍କୁ ରବିବାର ପଦ୍ମପୁର ଅଞ୍ଚଳରେ ଦେଖିବାକୁ ମିଳି ନ ଥିଲା। ହେଲେ ଉକ୍ତ ନେତା, ମନ୍ତ୍ରୀଙ୍କ ଜଣେ ଲେଖାଏ ସହଯୋଗୀ ବିଭିନ୍ନ ହୋଟେଲରେ ଲୁଚି ରହିଥିବା ଆମ ଦୃଷ୍ଟିକୁ ଆସିଥିଲା। ଆମେ ରହୁଥିବା ହୋଟେଲରେ କଟକ ଅଞ୍ଚଳର ଜଣେ ଯୁବନେତାଙ୍କ ସହିତ ଭେଟ ହୋଇଥିଲା। ସିଏ ଯେଉଁ ନେତାଙ୍କ ଟିମ୍‌ରେ ରହି ଗୋଟିଏ ପଞ୍ଚାୟତର ଦାୟିତ୍ୱ ବୁଝୁଥିଲେ ଭୋଟ୍ ନ ସରିବା ପର୍ଯ୍ୟନ୍ତ ସେଠାରେ ରହିବାକୁ ତାଙ୍କୁ ନିର୍ଦ୍ଦେଶ ମିଳିଥିବା ସେ ଜଣାଇଥିଲେ। ଅବଶ୍ୟ ସେ କୌଣସି ଗାଡ଼ି, ମୋଟର ନ ରଖି ସାଧାରଣ ଲୋକଙ୍କ ଭଳି ଚଲାବୁଲା କରି ନିଜ କାମ କରୁଥିଲେ। ପଦ୍ମପୁର ସ୍ଥିତି କ'ଣ ବୋଲି ପଚାରିବାରୁ ତାଙ୍କ ନାମ ନ କହିବା ସର୍ତ୍ତରେ ସେ ଜଣାଇଥିଲେ, ସେ ଯେଉଁ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି, ସେଠାରେ ଭୋଜିଭାତ, ପୋଷ୍ଟର, ବ୍ୟାନର, ମଦ ଖର୍ଚ୍ଚ ଛାଡ଼ି ବିଜେଡି ଭୋଟର ପ୍ରତି ହଜାରେ ଟଙ୍କା ଲେଖାଏ ଦେଇଛି। ଏହା ସହ କୌଣସି ବଡ଼ ବଡ଼ ନେତାମାନେ ମଧ୍ୟ ଭୋଟ୍ ନ ସରିବା ଯାଏ ଜିଲାର ଅନ୍ୟତ୍ର ରହି ନିଜ କାର୍ଯ୍ୟ ଚଳାଇଥିବା ସେ କହିଥିଲେ।

ଆମେ ଭେଉଁରିଆ ଛକରୁ ବାହାରି ପାଇକମାଳ ବ୍ଲକରେ ପହଞ୍ଚିଥିଲୁ। ପାଇକମାଳର ହୀରାପୁର, କେଛୋଦାଦର, ମହାରାଣୀ ମେରିପୁର ଭଳି କେତେଗୁଡ଼ିଏ ଗ୍ରାମକୁ ଗସ୍ତ କରି ସେଠାରେ ବିଭିନ୍ନ ବର୍ଗର ଭୋଟରଙ୍କୁ ଭେଟିଥିଲୁ। ଏହି ଗ୍ରାମର ଲୋକମାନେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଥିବାବେଳେ ବହୁ ପ୍ରକାର ସୁବିଧା, ସୁଯୋଗଠାରୁ ଏମାନେ ଦୂରରେ ରହିଛନ୍ତି। ତଥାପି ମତାମତ ନେବା ପରେ ସେମାନେ ଯେ ଅତ୍ୟନ୍ତ ସଚେତନ ଭୋଟର ଏକଥାକୁ ଏଡ଼ାଇ ଦିଆଯାଇ ନ ପାରେ। ଆମେ ଭେଟିଥିବା ଏକାଧିକ ଭୋଟର ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଉପରେ ଭରସା ରଖି ନ ଥିବା କହିଥିଲେ ହେଁ ଦଳ ନୁହେଁ, ପ୍ରାର୍ଥୀ ଦେଖି ଭୋଟ୍ ଦେବେ ବୋଲି ଜଣାଇଥିଲେ। ଗ୍ରାମାଞ୍ଚଳର ଏହି ଭୋଟରଙ୍କ ମତାମତ ହିଁ ଅନେକ କିଛି ସଙ୍କେତ ଦେଉଥିଲା। ଏହାସହ ଗାଁ ଗାଁରେ ବନ୍ଧୁକଧାରୀ ଫୋର୍ସ ଘୂରି ବୁଲୁଥିଲେ। ତେବେ କିଛି ଭୋଟରଙ୍କୁ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଇନ୍‌ପୁଟ ସବସିଡ଼ି, ପଦ୍ମପୁରକୁ ଜିଲା ମାନ୍ୟତା ଏବଂ କୁଲିତା ସମାଜ ପାଇଁ ପୁରୀରେ ଧର୍ମଶାଳା ବିଷୟ ନେଇ ବୁଝିଥିଲୁ। ହେଲେ ଲୋକମାନଙ୍କର ସେହି କଥା ପ୍ରତି କୌଣସି ପ୍ରକାର ଗୁରୁତ୍ୱ ନ ଥିବା ସେମାନେ କହିଥିଲେ। ପ୍ରଥମକରି ସେମାନେ ଏହିପରି ବ୍ୟୟବହୁଳ ଏବଂ ଜନବହୁଳ ଉପନିର୍ବାଚନ ଦେଖି ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ସମାଧାନ କରିଦେବେ ବୋଲି କହି ଫେରିଥିବା ନେତାମାନେ ଆଗକୁ କ'ଣ କରୁଛନ୍ତି ବୋଲି ସେମାନେ ଅପେକ୍ଷା କରିଥିବା ମତ ରଖିଥିଲେ। ତେବେ ଶାସକ ଦଳ ଭଳି ନ ହେଲେ ମଧ୍ୟ ଭାଜପା ଭୋଟର ପିଛା ୫୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିଥିବା କିଛି ଗ୍ରାମକୁ ଗଲା ପରେ ଭାଜପା ସମର୍ଥିତ କର୍ମୀଙ୍କ ମୁହଁରୁ ଶୁଣିବାକୁ ମିଳିଛି। ଅନ୍ୟପଟେ ଉପକୂଳ ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଆସିଥିବା ବିଜେଡି ଏବଂ ଭାଜପା ନେତାମାନେ ଏବେ ପଦ୍ମପୁର ନିର୍ବାଚନ ମଣ୍ଡଳୀରୁ ବାହାରି ଯାଇ ଗାଇସିଲେଟ, ନୂଆପଡ଼ା, ସୋହେଲା, ବରଗଡ଼ ହେଡ୍‌କ୍ୱାର୍ଟର୍ସର ବିଭିନ୍ନ ହୋଟେଲରେ ରହି ଭୋଟ୍ ନ ସରିବା ପର୍ଯ୍ୟନ୍ତ ଉପନିର୍ବାଚନର ଟିକିନିଖି ଖବର ରଖି ତଦାରଖ ଚଳାଇଥିବା ଜଣାପଡ଼ିଛି। ଧାମନଗର ଭଳି ପଦ୍ମପୁର ଉପନିର୍ବାଚନ ଫଳାଫଳ ଯେଭଳି ଖରାପ ନ ହୁଏ, ସେଥିଲାଗି ଦାୟିତ୍ୱରେ ଥିବା ଶାସକ ଦଳ ନେତାଙ୍କ ମୁଣ୍ଡରେ ଖଣ୍ଡା ଝୁଲୁଛି। ତେଣୁ ସେମାନେ ଏବେ କର ବା ମର ସ୍ଥିତିରେ କାର୍ଯ୍ୟ ଜାରି ରଖିଥିବା ଜଣେ ବରିଷ୍ଠ ବିଜେଡି ନେତା କହିଛନ୍ତି। ଅନୁରୂପ ଭାବେ ପଦ୍ମପୁର ଉପନିର୍ବାଚନ ଫଳାଫଳ ନିଜ ସପକ୍ଷରେ ନେଇ ରାଜ୍ୟ ରାଜନୀତିରେ ଏକ ପରିବର୍ତ୍ତନର ସୁନିଶ୍ଚିତ ବାର୍ତ୍ତା ଦେବାକୁ ଭାଜପା ନେତାମାନେ କଳବଳ ଲଗାଇ ଦେଇଛନ୍ତି। ହେଲେ ବିଗତ ଦିନରେ ଏକାଧିକବାର ଏହି ଆସନ ନିଜ ହାତରେ ରଖି ଆସିଥିବା କଂଗ୍ରେସ ବ୍ୟାନର, ପୋଷ୍ଟର ଏବଂ ପ୍ରଚାର ରାଜନୀତିରେ ବହୁପଛରେ ରହିଛି। ଅନେକ ଭୋଟର କଂଗ୍ରେସ ପ୍ରାର୍ଥୀଙ୍କ ନାମ ମଧ୍ୟ ଜାଣି ନ ଥିବା ସିଧାସଳଖ ଧରିତ୍ରୀ ଲାଇଭ୍‌ରେ ମତ ରଖିଛନ୍ତି।

## ସ୍ତ୍ରୀଙ୍କ କଟୁରି ମାଡ଼ରେ ସ୍ୱାମୀ ମୃତ

ବାଲେଶ୍ୱର ଅଫିସ,୪।୧୨

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ଚାରିଗୋଛିଆ ଗ୍ରାମରେ ଘରୋଇ କଳହକୁ ନେଇ ସ୍ତ୍ରୀଙ୍କ କଟୁରି ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋବିନ୍ଦ ମାରାଣ୍ଡି (୫୮)। ହତ୍ୟାକାରୀ ସ୍ତ୍ରୀ ଜବା(୪୫)ଙ୍କୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୧୧୬/୨୨) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଗୋବିନ୍ଦ ଓ ଜବାଙ୍କ ମଧ୍ୟରେ ଘରୋଇ କଥାକୁ ନେଇ ୨ଦିନ ହେବ ଝଗଡ଼ା ଲାଗିରହିଥିଲା। ଶନିବାର ମଧ୍ୟରାତିରେ ଗୋବିନ୍ଦ ଜବାଙ୍କୁ ମାଡ଼ ମାରିବା ପାଇଁ ଗୋଡ଼ାଉ ଥିବା ବେଳେ ଜବା ରାଗିଯାଇ ପାଖରେ ଥିବା ଏକ କଟୁରିରେ ତାଙ୍କ ମୁଣ୍ଡ ଏବଂ କାନ ପାଖକୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ଗୋବିନ୍ଦ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଚାନ୍ଦିପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତାଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ କଟୁରି ଜବତ ହୋଇଛି।

## ମହାପ୍ରଭୁ, ଓଡ଼ିଶାବାସୀଙ୍କୁ କ୍ଷମା ମାଗିଲେ ଅନିମେଷ

ପୁରୀ ଅଫିସ, ୪।୧୨: ଶ୍ରୀମନ୍ଦିର ଭିଡିଓ ଭାଇରାଲ ଘଟଣା ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇବା ପରେ ରବିବାର କୋଲକାତାର ୟୁଟ୍ୟୁବର ଅନିମେଶ ଚକ୍ରବର୍ତ୍ତୀ ଏକ ଭିଡିଓ ଜାରି କରି ଭୁଲ୍ ମାଗିଛନ୍ତି। ଶ୍ରୀମନ୍ଦିରର ଏହି ଭିଡିଓ ଉତ୍ତୋଳନ ବେଆଇନ ହୋଇଥିବା ବେଳେ ସେ ଏ ସଂକ୍ରାନ୍ତରେ ଅବଗତ ନ ଥିବା କହିଛନ୍ତି। ଏ ନେଇ ସେ ମହାପ୍ରଭୁ ଏବଂ ପୁରୀ ପୋଲିସ ସମେତ ଚାରିକୋଟି ଓଡ଼ିଆଙ୍କଠାରୁ କ୍ଷମା ପ୍ରାର୍ଥନା କରିଛନ୍ତି। ଏହି ଭୁଲ ପାଇଁ ସେ ନିଜକୁ ଦାୟୀ କରିଥିବାବେଳେ ଏଭଳି ଭୁଲ ଆଗକୁ କରିବେ ନାହିଁ ବୋଲି କହିବା ସହ ସମ୍ପୃକ୍ତ ଭିଡିଓକୁ ଡିଲିଟ କରିଛନ୍ତି। ସେ ୩ ମାସ ତଳେ ପୁରୀ ଆସିଥିଲେ ଓ ରହିଥିଲେ। ସେତେବେଳେ ବର୍ଷା ଲାଗିରହିଥିଲା। ସେ ଫେରିଯିବା ଦିନ ଅପରାହ୍ନରେ ପାଗ ଭଲ ଥିବାରୁ ଡ୍ରୋନ ସାହାଯ୍ୟରେ ଭିଡିଓ କରିଥିଲେ। ତେବେ ତାଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥିଲା। ଡ୍ରୋନ ଉଡାଇ ଭିଡିଓ ଶୁଟ୍ କଲା ବେଳେ ନୋ ଫ୍ଲାଇଂ ଜୋନ ବାବଦରେ ଜାଣି ନ ଥିଲେ କି ତାଙ୍କୁ ସେପରି କିଛି ସୂଚନା ମିଳି ନ ଥିଲା ବୋଲି ଅନିମେଶ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

### ମୋରାଲିଟି ପୋଲିସ...

ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଅହମାଦିନେଜାଦଙ୍କ ଅମଳରେ ମୋରାଲିଟି ପୋଲିସ (ଗସ୍‌ହତ୍-ଇ-ଏର୍ଶାଦ) ବା ଗାଇଡେନ୍ସ ପାଟ୍ରୋଲ ପ୍ରତିଷ୍ଠା କରାଯାଇଥିଲା। ମର୍ଯ୍ୟାଦା ଓ ହିଜାବ ସଂସ୍କୃତିର ପ୍ରସାର ଥିଲା ସୁପ୍ରିମ କାଉନ୍‌ସିଲ ଅଧୀନ ଏହି ପୋଲିସର ଦାୟିତ୍ୱ। ୧୯୮୩ରେ ହିଜାବ ପରିଧାନକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ୨୦୦୬ରୁ ମୋରାଲିଟି ପୋଲିସ ୟୁନିଟ୍ ଡ୍ରେସ୍ କୋଡ୍ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିଆସୁଥିଲା। ଛୋଟ ବସ୍ତ୍ର କିମ୍ବା ଜିନ୍ସ ପିନ୍ଧିବା ମହିଳାଙ୍କ ପାଇଁ ସ୍ୱପ୍ନ ହୋଇଯାଇଥିଲା। ଏବେ ରାଷ୍ଟ୍ରପତି ଇବ୍ରାହିମ୍ ରଇସିଙ୍କ ଅଧୀନରେ ଥିବା ସୁପ୍ରିମ କାଉନ୍‌ସିଲ ହିଜାବ ପରିଧାନକୁ ଆହୁରି କଡ଼ାକଡ଼ି କରିଥିଲା, ଯାହାର ପରିଣାମ ସ୍ୱରୂପ ମହସାଙ୍କୁ ପ୍ରାଣବଳି ଦେବାକୁ ପଡ଼ିଲା। ମହସାଙ୍କ ମୃତ୍ୟୁ ପରେ ଆନ୍ଦୋଳନକାରୀ ଯୁବତୀମାନେ ନିଜ ଚୁଟି କାଟି ନିଜ ନିଜ ହିଜାବକୁ ଜାଳିବାରେ ଲାଗିଥିଲେ। ସରକାର ବିରୋଧୀ ସ୍ଲୋଗାନର ଧ୍ୱନିରେ ରାଜଧାନୀ ତେହରାନ ପ୍ରକମ୍ପିତ ହୋଇଥିଲା। ପୋଲିସ ସେମାନଙ୍କୁ ଘଉଡ଼ିବାକୁ ଯାଇ ଅନେକ ସ୍ଥାନରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଆନ୍ଦୋଳନକାରୀମାନେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ବିରୋଧରେ ନାରାବାଜି କରି ଦେଶରେ ଇସ୍‌ଲାମିକ୍ ସରକାର ଉଚ୍ଛେଦ ପାଇଁ ମଧ୍ୟ ଦାବି କରିଥିଲେ। ସାମାଜିକ ଗଣମାଧ୍ୟମରେ ଏସବୁ ବହୁଳ ପ୍ରସାରିତ ହେବା ପରେ ଆମେରିକା ସମେତ ବିଭିନ୍ନ ଦେଶରେ ଇରାନ ବିରୋଧୀ ମନୋଭାବ ବଢ଼ିବାରେ ଲାଗିଥିଲା। ପୋଲିସର ଲାଠିମାଡ଼ ଓ ଗୁଳିରେ ପ୍ରାୟ ୩୦୦ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିଥିବାବେଳେ ବହୁସଂଖ୍ୟକ ଲୋକ ଆହତ ହୋଇଥିବା ଜାତିସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୃତକଙ୍କ ପ୍ରକୃତ ସଂଖ୍ୟା ୪୪୮ ବୋଲି ଓସ୍‌ଲୋର ଏନ୍‌ଜିଓ ଇରାନ ହ୍ୟୁମାନ୍ ରାଇଟ୍ସ ଗତ ମଙ୍ଗଳବାର କହିଥିଲା। କିନ୍ତୁ ଇରାନର ସିକ୍ୟୁରିଟି କାଉନ୍‌ସିଲ ଏହାକୁ ଖଣ୍ଡନ କରିବା ସହ ମୃତ୍ୟୁସଂଖ୍ୟା ୨୦୦ ମଧ୍ୟରେ ସୀମିତ ବୋଲି କହିଛି। ଏଥିସହ ଆନ୍ଦୋଳନ ପଛରେ ବିଦେଶୀ ଶକ୍ତିଙ୍କ ହାତ ଥିବା ସମାଲୋଚନା କରିଛି। ରଷ୍ଟ୍ରେପତି ରଇସି ବୁଧବାର ଷ୍ଟୁଡେଣ୍ଟ ଡେ ପାଳନ ଅବସରରେ ତେହରାନ ୟୁନିଭର୍ସିଟିରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବାକୁ ଥିବାବେଳେ ଛାତ୍ରୀଛାତ୍ରମାନେ ରବିବାରଠାରୁ ୩ ଦିନିଆ ଷ୍ଟ୍ରାଇକ୍‌ର ଆହ୍ୱାନ ଦେଇଥିଲେ। ଏହାର ଅବ୍ୟବହିତ ପୂର୍ବରୁ ରଇସି ସରକାର ଦେଶ ଭିତର ଓ ବାହାର ଚାପରେ ଆସି ମୁଣ୍ଡ ନୁଆଁଇଥିବା କୁହାଯାଉଛି।

### ପଦ୍ମପୁର ଉପନିର୍ବାଚନ, ...

ଉକ୍ତ ନିର୍ବାଚନ ମଣ୍ଡଳୀରେ ୭୯ ବୁଥ୍‌କୁ ଅଧୀନ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଫଳରେ ଏହି ବୁଥ୍ ସମେତ ୧୨୦ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା ହୋଇଛି। ୬୬ ବୁଥ୍‌ରେ ସିସିଟିଭି ସଂଲଗ୍ନ କରାଯାଇଛି। ସେହିପରି ୯୧ ମାଇକ୍ରୋ ଅବଜର୍ଭରଙ୍କୁ ନିୟୋଜିତ କରାଯାଇଛି ଏବଂ ସେମାନେ ସମସ୍ତେ କେନ୍ଦ୍ର ସରକାର ଅଧୀନରେ କାର୍ଯ୍ୟରତ କର୍ମଚାରୀ ହୋଇଥିବା ବେଳେ ସାଧାରଣ ପର୍ଯ୍ୟବେକ୍ଷଙ୍କ ତତ୍ତ୍ୱାବଧାନରେ ଦାୟିତ୍ୱ ତୁଲାଉଛନ୍ତି। ମତଦାନ ସମୟରେ ଆଇନଶୃଙ୍ଖଳା ପ୍ରତି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଏଥିପାଇଁ ୨୦୬ ପୋଲିସ ଅଧିକାରୀ, ୨୧ପ୍ଲାଟୁନ ଆର୍ମସ୍ ଫୋର୍ସ, ୪୪୫ ହୋମ୍‌ଗାର୍ଡଙ୍କ ସମେତ ସମୁଦାୟ ୧୪୧୩ ପୋଲିସ କର୍ମଚାରୀ ଏବଂ ୯ କମ୍ପାନୀ ସିଏପିଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଛି।

ମତଦାନ ଯେଭଳି ସୁରୁଖୁରୁରେ ସମାପନ ହେବ ସେଥିପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୧୨୭୬ ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ପଦ୍ମପୁର ଆର୍‌ଏମ୍‌ସି ପରିସରରୁ ଇଭିଏମ୍ ଏବଂ ଅନ୍ୟ ସାମଗ୍ରୀ ଧରି ନିର୍ଦ୍ଧାରିତ ବୁଥ୍‌ଗୁଡ଼ିକରେ ପହଞ୍ଚି ସାରିଛନ୍ତି। ପ୍ରତି ବୁଥ୍‌ରେ ୪ଜଣ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଅତିରିକ୍ତ ୧୨୮ ପୋଲିଂ କର୍ମଚାରୀ ରହିଛନ୍ତି ଏବଂ କେଉଁଠି କିଛି ଅସୁବିଧା ହେଲେ ସେମାନେ ସେଠାକୁ ପହଞ୍ଚି ପୋଲିଂ ଦାୟିତ୍ୱ ନିର୍ବାହ କରିବେ। ସେହିପରି ସ୍ୱତନ୍ତ୍ର ଇଭିଏମ୍ ମଧ୍ୟ ସୁରକ୍ଷିତ ରଖାଯାଇଛି। କୌଣସି ବୁଥ୍‌ରେ ଇଭିଏମ୍ ତ୍ରୁଟି ଦେଖାଗଲେ ଅଧ ଘଣ୍ଟା ମଧ୍ୟରେ ସେଠାକୁ ଅନ୍ୟ ଇଭିଏମ୍ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷେ ମତାଦାନର ୪୮ଘଣ୍ଟା ପୂର୍ବରୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ଥିବା ସବୁ ମଦ ଦୋକାନକୁ ସିଲ୍ କରାଯାଇଛି। ହୋଟେଲ, ବାର୍, ରେଷ୍ଟୁରାଣ୍ଟ, ଦୋକାନ ଏବଂ ଅନ୍ୟ ସ୍ଥାନରେ ମଦ ବିକ୍ରି କିମ୍ବା ବଣ୍ଟନକୁ ବାରଣ କରାଯାଇଛି। ସେହିପରି ମତଦାନ ବେଳେ ଏକ୍‌ଜିଟ୍ ପୋଲ୍ ଉପରେ ରୋକ୍ ଲଗାଯାଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ଆକାଶରେ ୧୫ କି.ମି....

ଧୂଳି ଓ ବର୍ଷା ଯୋଗୁ ରାସ୍ତାଗୁଡ଼ିକୁ ବନ୍ଦ କରିଦିଆଯାଇଛି। ୮ କି.ମି ଅଞ୍ଚଳକୁ ଡେଞ୍ଜର ଜୋନ୍ ଘୋଷଣା କରାଯାଇଥିବା ଭୋଲ୍‌କାନୋଲୋଜି ଆଣ୍ଡ୍ ଜିଓଲୋଜିକାଲ ହାଜାର୍ଡ ମିଟିଗେଶନ୍ ସେଣ୍ଟର ମୁଖ୍ୟ ହେନ୍ଦ୍ରା ଗୁନାୱନ୍ କହିଛନ୍ତି। ତେବେ ଏଥିଯୋଗୁ କେହି ମୃତାହତ ହୋଇ ନ ଥିବା ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀ ଜାକର୍ତ୍ତାରୁ ୬୪୦ କି.ମି. ଦୂରରେ ଅବସ୍ଥିତ ସୁମେରୁ ମହାମେରୁ ନାମରେ ମଧ୍ୟ ପରିଚିତ। ଗତବର୍ଷ ଡିସେମ୍ବରରେ ଶେଷ ଥର ପାଇଁ ସେମେରୁରୁ ବଡ଼ ଧରଣର ଲାଭା ଉଦ୍‌ଗିରଣ ହୋଇଥିଲା। ଜନବସତିକୁ ଲାଭା ମାଡ଼ିଯିବାରୁ ଶତାଧିକ ଘର ମାଟିରେ ମିଶିଯାଇଥିଲା। ଏହାର ପ୍ରଭାବରେ ୫୧ ଜଣଙ୍କ ମୃତ୍ୟୁ ଘଟିଥିଲା।

### ସରିଲା ନିବେଶ ...

୩ୟ ଓ ୪ର୍ଥ ଦିନରେ ମୋଟ ୪୦ଟି ସ୍ୱତନ୍ତ୍ର ସମ୍ମିଳନୀଭିତ୍ତିକ କାର୍ଯ୍ୟକ୍ରମ ସହ ନିବେଶ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏପରିକି ରାଜ୍ୟର ବିକାଶ ପାଇଁ ଅନେକ କ୍ଷେତ୍ର ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ ହୋଇଥିଲା। କନ୍‌କ୍ଲେଭର ଶେଷ ଦିନର ପ୍ରଥମ ପର୍ଯ୍ୟାୟରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ବେଳେ ୨ୟ ପର୍ଯ୍ୟାୟରେ ସାଂସ୍କୃତିକ ସନ୍ଧ୍ୟାର ଆୟୋଜନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ କନ୍‌କ୍ଲେଭ ପରିସରରେ ମୋଟ ୩ୟ ସ୍ୱତନ୍ତ୍ର କକ୍ଷରେ ୧୧୪ ଶିଳ୍ପସଂସ୍ଥା ଓ ଅନ୍ୟାନ୍ୟ ସଂସ୍ଥାର ମଣ୍ଡପ (ଷ୍ଟଲ) ରହିଥିବା ବେଳେ ୮ଟି ସ୍ୱତନ୍ତ୍ର କକ୍ଷ ଓ ୧୪ଟି ବିଶେଷ ସ୍ଥାନ ଏବଂ ୧୨ଟି ଫୁଡ୍ ଷ୍ଟଲ ରହିଥିଲା। ସେହିପରି ରବିବାର ସକାଳେ ପ୍ରାୟ ୫ହଜାରରୁ ଅଧିକ ଲୋକ ପ୍ରଦର୍ଶନୀ ପରିଭ୍ରମଣ କରିଥିବା ବେଳେ ସନ୍ଧ୍ୟା ସମୟରେ ୧୦ରୁ ୧୫ ହଜାର ଲୋକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶିଳ୍ପ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ବାଦ୍ୟ, ସଙ୍ଗୀତରେ ...

ପ୍ରଭୁ ଗଣେଶଙ୍କୁ ଆବାହନ ପୂର୍ବକ 'ବକ୍ର ତୁଣ୍ଡ ମହାକାୟ...' ବନ୍ଦନା ସହ ବାଦ୍ୟଯନ୍ତ୍ରର ଶାନ୍ତ, ସୁଶୀତଳ ଧ୍ୱନି ଉପସ୍ଥିତ ଅତିଥି ଓ ହଜାର ହଜାର ଜନତାଙ୍କ ମନରେ ଭକ୍ତିଭାବ ସୃଷ୍ଟି କରିଥିଲା। ବେହେଲାରେ ଅଗ୍ନିମିତ୍ରା ବେହେରା, ବଂଶୀରେ ଶ୍ରୀନିବାସ ଶତପଥୀ, ଗିଟାରରେ ଦେବ ରଞ୍ଜନ ନାୟକ ଓ ପ୍ରଣବ ପ୍ରଧାନ, କିବୋର୍ଡରେ ରମେଶ ଚନ୍ଦ୍ର ବେହେରା, ତବଲାରେ ବିଶ୍ୱ ରଞ୍ଜନ ନନ୍ଦ, ପରକ୍ୟୁଶନରେ ବୈଭବ କୁମାର ଦାସ ଓ ସମୀର ରଞ୍ଜନ ପ୍ରଧାନ, ଡ୍ରମ୍‌ରେ ବିକସିତ୍ ସାହୁ ଏବଂ କଣ୍ଠରେ ମିଲନ୍ କୁମାର ପଣ୍ଡା ରହିଥିଲେ। ପରବର୍ତ୍ତୀ ପ୍ରସ୍ତୁତି ଇମ୍ପୋସିଆନ୍‌ରେ ଶିଳ୍ପୀଙ୍କ ଉତ୍ସାହ ଓ ଶକ୍ତି ଦେଖିବାକୁ ମିଳିଥିଲା। ପରେ ଶ୍ରୋତାଙ୍କୁ ଆଉଟିକେ ମନୋରଞ୍ଜନ ଦେବାକୁ ଯାଇ ଶିଳ୍ପୀମାନେ ଓଡ଼ିଶୀ ଫ୍ୟୁଜନ ପରିବେଷଣ କରିଥିଲେ, ଯାହା ସେମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହା ପରେ ଆରମ୍ଭ ହୋଇଥିଲା ସଙ୍ଗୀତ କାର୍ଯ୍ୟକ୍ରମ। କଣ୍ଠଶିଳ୍ପୀ ବିଶ୍ୱମୋହନ କବିଙ୍କ 'ଓଡ଼ିଶା ମୋ ଓଡ଼ିଶା...' ସଙ୍ଗୀତ ଉପସ୍ଥିତ ଶ୍ରୋତାଙ୍କୁ ଆତ୍ମୀୟତାର ଅନୁଭବ ଆଣିଦେଇଥିଲା। ଏଥିସହ ବାହାର ଅତିଥିଙ୍କୁ ଓଡ଼ିଶାର କଳା, ସଂସ୍କୃତି, ଇତିହାସ, ପର୍ଯ୍ୟଟନ ଆଦିର ସ୍ପର୍ଶ ଭରିଦେଇଥିଲା। ସେହିପରି କଣ୍ଠଶିଳ୍ପୀ ଶଶାଙ୍କ ଶେଖର, ବର୍ଣ୍ଣାଳୀ ହୋତା ଓ ଭାଗ୍ୟଶ୍ରୀଙ୍କ ସଙ୍ଗୀତ ବେଶ୍ ମନଛୁଆଁ ଥିଲା। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ଓ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରାହୁଯୁକ୍ତ ଚନ୍ଦ୍ର ଯୋଗୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଗଡ଼ାର ଆଶଙ୍କା ରହିଛି। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟିଜନିତ ସମସ୍ୟା କିମ୍ବା କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। କେବଳ କର୍ମକ୍ଷେତ୍ର ପ୍ରଶସ୍ତ ରହିବା ସହ ଶାରୀରିକ ସୁସ୍ଥତା ମନ୍ଦ ହେବନି।

**ବୃଷ**
ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ମୃଗଶିରା ନକ୍ଷତ୍ର ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ପ୍ରକାଶ ପାଇବ।

**ମିଥୁନ**
ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ, ମାତ୍ର ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। ଜଣେ ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବାଧବାଧକତାରେ ମନୋରଞ୍ଜନ ସମ୍ପର୍କିତ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ**
ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ଆକସ୍ମିକ ଭାବରେ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣବଶତଃ ବିରକ୍ତିକର କଥାବାର୍ତ୍ତା କରି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ୍ ମାର୍ଗର ଅନୁସରଣ କରିବେ। ପୁଷ୍ୟା ନକ୍ଷତ୍ର ଜମିଜମା କାରବାର ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସନ୍ତାନହେତୁକ ଚିନ୍ତା ବଢ଼ିବ।

**ସିଂହ**
କର୍ମକ୍ଷେତ୍ରରେ ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୋଇପାରନ୍ତି। ବ୍ୟବସାୟରେ ସନ୍ତୋଷଜନକ ଫଳ ଦେଖାଦେଇପାରେ। ସ୍ୱାର୍ଥସାଧନର ଅଭିଳାଷ ପୂରଣ ନ ହେବାରୁ ମିତ୍ର କେହି ଛଳନା କରି ଦୂରେଇଯିବେ। ସବୁ ଭଲ ଥିଲେ ସୁଦ୍ଧା କେତେକ କଥାକୁ କେନ୍ଦ୍ରକରି ମାନସିକ ସ୍ତରରେ କଷ୍ଟ ପାଇବେ।

**କନ୍ୟା**
ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଶତ୍ରୁତା ଅର୍ଜନ କରିପାରନ୍ତି। ଉପରିସ୍ଥ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। କାଳକ୍ଷେପଣ ନୀତି ହେତୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ।

**ତୁଳା**
ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସ ବ୍ୟସନରେ ସମୟ ଅତିବାହିତ କରିପାରନ୍ତି। ବନ୍ଧୁମାନେ ବିଭ୍ରାନ୍ତିକର ଖବର ପରିବେଷଣ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ଆନୁଷ୍ଠାନିକ କାମ କିମ୍ବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। କ୍ରନିକ୍ ରୋଗପୀଡ଼ା ଜନିତ ସ୍ୱାସ୍ଥ୍ୟରେ ଅବନତି ଘଟିପାରେ।

**ବିଛା**
ଆଜି ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇ ଦୁଃଖ ଭୁଲି ଯାଇପାରନ୍ତି। ସହକର୍ମୀଙ୍କ କାର୍ଯ୍ୟକଳାପ ମନରେ ବିରକ୍ତିଭାବ ସୃଷ୍ଟି କରିବ। ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ଓ ମନସ୍ତାପ ମଧ୍ୟ କରିବେ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ଅପରାହ୍ନେ ଖୁସି ବାର୍ତ୍ତା ପାଇବେ।

**ଧନୁ**
ହାତରୁ ପଇସା ଖର୍ଚ୍ଚ କରି ବନ୍ଧୁଙ୍କ କାର୍ଯ୍ୟରେ କୌଣସି ନିର୍ଦ୍ଦିଷ୍ଟ ଅଭିସନ୍ଧିମୂଳକ ଉଦ୍ଦେଶ୍ୟ ନିହିତ ରହିଥିବାର ଅନୁମାନ କରିପାରନ୍ତି। ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତାରିତ ହେବା ସମ୍ଭାବନା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। ପୂର୍ବାଷାଢ଼ା ନକ୍ଷତ୍ରର ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ।

**ମକର**
ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ସୂଚନାକୁ ଅସ୍ୱୀକାର କରିପାରିବେ ନାହିଁ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କର୍ମକ୍ଷେତ୍ରରେ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଆର୍ଥିକ ସ୍ଥିତି ବଦଳିଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ। ପାରିବାରିକ ସମସ୍ୟା କେତେକାଂଶରେ ନିୟନ୍ତ୍ରିତ ରହିବ।

**କୁମ୍ଭ**
ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବ। ପରକଥାରେ ମୁଣ୍ଡ ପୂରାଇ ଭୁଲ୍ ମାର୍ଗରେ ଗତି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଶେୟାର ବଜାରରେ କ୍ଷତିର ଆଶଙ୍କା ରହିଛି। ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସଜାରେ ମଜ୍ଜିରହିପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ। ପ୍ରଶାସନ, ସଙ୍ଗଠନ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଗୃହ ନିର୍ମାଣ କାମରେ ଉନ୍ନତି ଘଟିବ। ପ୍ରତ୍ୟେକ କାମରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ଡିସେମ୍ବର ୫ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ଅନଙ୍ଗ ତ୍ରୟୋଦଶୀ ସୋମବାର, ଅଦ୍ୟ ଗୀତା ଜୟନ୍ତୀ, ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ, ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ବିଶ୍ୱ ମୃତ୍ତିକା ଦିବସ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୧ ମି. ଗତେ ଘ.୦୭।୩୨ ମଧ୍ୟେ, ଘ.୦୯।୦୪ ଗତେ ଘ.୧୧।୧୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୩୨ ମି. ଗତେ ଘ.୦୮।୫୪ ମି. ମଧ୍ୟେ ରାହୁକାଳ।

# ଓଲଟିଲା ଗ୍ୟାସ ବୋଝେଇ ଟ୍ୟାଙ୍କର

■ ଭବାନୀପାଟଣା-ରାୟପୁର ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ
■ ଗ୍ୟାସ ଲିକ୍ ପରେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର

ଭବାନୀପାଟଣା,୪।୧୨(ସ୍ୱ.ପ୍ର.)


ଓଲଟି ପଡ଼ିଥିବା ଟ୍ୟାଙ୍କର।

କଳାହାଣ୍ଡି ଜିଲା ଭବାନୀପାଟଣା–ରାୟପୁର ୧୬ନଂ ଜାତୀୟ ରାଜପଥର ପାଷ୍ଟିପଡ଼ା ନିକଟରେ ରବିବାର ସକାଳେ ଭାରସାମ୍ୟ ହରାଇ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର ରାସ୍ତା ପାର୍ଶ୍ୱକୁ ଓଲଟି ପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରବଳ କୁହୁଡ଼ି ଯୋଗୁ ବାଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଏଥିଯୋଗୁ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଏହି ରାସ୍ତାରେ ଯାଉଥିବା ଲୋକମାନେ ଏବେ ପାଷ୍ଟିକୁଡି ଦେଇ ଖରିଆର, ରାୟପୁରକୁ ଯାଉଥିବା ଜଣାପଡିଛି।

ପ୍ରକାଶ ଯେ, ବିଶାଖାପାଟଣାରୁ ରାୟପୁର ଅଭିମୁଖେ ଯାଉଥିବା ଏହି ଟ୍ୟାଙ୍କର ଓଲଟି ପଡିବାରୁ ଅଧିକ ପରିମାଣର ଗ୍ୟାସ ଲିକ୍ ହୋଇଥିଲା । ଏଥିଯୋଗୁ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏପରି କି ଗ୍ୟାସ ଯୋଗୁ ଚାରିଆଡ଼େ କୁହୁଡ଼ି ଭଳି ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ ଓ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ପ୍ରଶାସନ ପକ୍ଷରୁ ଭବାନୀପାଟଣା–ରାୟପୁର ରାସ୍ତାରେ ଯାତାୟାତକୁ ବନ୍ଦ କରାଯାଇଥିବା ବେଳେ ଅଗ୍ନିଶମ କର୍ମଚାରୀ ଗ୍ୟାସ ଲିକ୍ ହେଉଥିବା ସ୍ଥାନକୁ କିଭଳି ବନ୍ଦ କରାଯିବ ସେ ନେଇ ଉଦ୍ୟମ ଆରମ୍ଭ କରିଥିଲେ। ସେହିପରି ନିକଟରେ ଥିବା କୁବୁଡି ଗାଁର ପାଖାପାଖି ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ୟତ୍ର ପଠାଯାଇଥିଲା। ପ୍ରଶାସନ ପକ୍ଷରୁ ଲୋକଙ୍କୁ ରିଲିଫ ଯୋଗାଇ ଦିଆଯାଇଥିଲା। ଖବର ପାଇ ଭାରତ ପେଟ୍ରୋଲିୟମ୍‌ର ଏକ ସ୍ୱତନ୍ତ୍ର ଟିମ୍ ଆସି ଗ୍ୟାସ ଲିକ୍ ରୋକିବାକୁ ଉଦ୍ୟମ କରିଥିଲେ। ତେବେ ସନ୍ଧ୍ୟାରେ ଏହି ଟିମ୍ ଗ୍ୟାସ ଲିକ୍‌କୁ ରୋକିବାରେ ସଫଳ ହୋଇଥିବା ଜଣାପଡ଼ିଛି। ଏହାପରେ ସ୍ଥାନାନ୍ତର ହୋଇଥିବା ଗ୍ରାମବାସୀ ନିଜ ଗାଁକୁ ଚାଲି ଆସିଥିଲେ। ତେବେ ସ୍ଥାନୀୟ ଲୋକଙ୍କୁ ଘରେ ରୋଷେଇ ବନ୍ଦ କରିବା ସହ ନିଆଁ ନ ଲଗାଇବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଏପରି କି ରାତିରେ ମଧ୍ୟ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ରିଲିଫ ଦିଆଯାଇଥିବା ଜଣାପଡିଛି। ଗ୍ୟାସ ଲିକ୍ ବନ୍ଦ ହୋଇଥିଲେ ମଧ୍ୟ ଭବାନୀପାଟଣା–ରାୟପୁର ରାସ୍ତାରେ ଯାତାୟାତ ବନ୍ଦ ରହିଥିବା ପୋଲିସଠାରୁ ସୂଚନା ମିଳିଛି।


ସ୍ଥାନାନ୍ତର କରାଯାଇଥିବା ଗ୍ରାମବାସୀ।

# ସୀମାନ୍ତରେ ମାଓବାଦୀ-ପୋଲିସ ଗୁଳି ବିନିମୟ

## ୪ ମାଓବାଦୀଙ୍କ ମୃତଦେହ ଜବତ

ମାଲକାନଗିରି, ୪।୧୨(ଡି.ଏନ୍.ଏ.)


ଜବତ ଅସ୍ତ୍ରଶସ୍ତ୍ର।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲା ପେର୍ମା ନିକଟରେ ଶନିବାର ରାତିରେ ହୋଇଥିବା ଏନକାଉଣ୍ଟରରେ ୪ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ସହ ୪ଟି ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

ଛତିଶଗଡ଼ ବିଜାପୁର ଜିଲା ପେର୍ମାଠାରେ ଶନିବାର ରାତିରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୪ ଜଣ ମାଓବାଦୀ ନିହତ ହୋଇଥିଲେ। ଘଟଣା ସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା। ତେବେ ଆଶ୍ଚର୍ଯ୍ୟର ବିଷୟ ଯେ, ମାଓବାଦୀଙ୍କ ନିକଟରୁ ମିଳିଥିବା ୪ଟି ଅସ୍ତ୍ର ମଧ୍ୟରୁ ଗୋଟିଏ ଆମେରିକାରେ ନିର୍ମିତ ସ୍ୱୟଂଚାଳିତ ଅସ୍ତ୍ର ବୋଲି ଜଣାପଡିଛି। ଏଠାରୁ କାରବାଇନ କ୍ୟାଲେବର୍ ୩୦ ଏମ୍–୧ ରାଇଫଲ ମଧ୍ୟ ମିଳିଛି। ଏହି ରାଇଫଲ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆମେରିକାର ସୈନ୍ୟମାନେ ବ୍ୟବହାର କରୁଥିଲେ। ମାଓବାଦୀଙ୍କ ନିକଟକୁ ଆମେରିକା ନିର୍ମିତ ଅସ୍ତ୍ରଶସ୍ତ୍ର କିପରି ଆସିଲା ସେନେଇ ତଦନ୍ତ ଚାଲିଥିବା ବିଜାପୁର ଏସ୍‌ପି ଅଞ୍ଜାନେ ଭାରସାମି ପ୍ରକାଶ କରିଛନ୍ତି। ବିଜାପୁରରୁ ମାଓବାଦୀମାନଙ୍କ ନିକଟରୁ ମିଳିଥିବା ଆମେରିକୀୟ ଅସ୍ତ୍ରର ଅଗ୍ନିଶକ୍ତି ୩୦୦ ୟାର୍ଡ ବୋଲି କୁହାଯାଉଛି, ଯେଉଁଥିରେ ୧୫ରୁ ୨୦ ରାଉଣ୍ଡ ଗୁଳି ଏକା ସାଙ୍ଗରେ ଚଳାଇହେବ, ଯାହା ଅତ୍ୟନ୍ତ ମାରାତ୍ମକ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ନାରାୟଣପୁରର ମାଡ ଅଞ୍ଚଳରେ ଏନକାଉଣ୍ଟର ପରେ ଜର୍ମାନୀ ନିର୍ମିତ ରାଇଫଲ ମିଳିଥିଲା।







# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୪।୧୨(ବ୍ୟୁରୋ): କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଅଂଶୁପା ହ୍ରଦ ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଘଟଣାସ୍ଥଳରୁ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନେ ଆସିଥିବା ଏକ କାର୍ (ଓଡି୦୯ଇ୫୧୧୧)କୁ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜୁମେଶ କୁମାର ସାହୁ ଓ ଆଠଗଡ଼ ଥାନା ଅଞ୍ଚଳର ହେମନ୍ତ କୁମାର ପ୍ରଧାନ। ଉଭୟଙ୍କଠାରୁ ୧ କେଜି ୩୩୫ ଗ୍ରାମ ବ୍ରାଉନସୁଗାର ମିଳିଛି। ଏନେଇ ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟର ୨୧(ସି) ଓ ୨୯ ଦଫାରେ ଏକ ମାମଲା (ନଂ.୨୯/୨୦୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ରବିବାର କଟକ ଜିଲା ଓ ଦୌର ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଟିଏଫ୍ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରୁଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର କିମ୍ବା ଆଖପାଖ ଅଞ୍ଚଳରେ ବ୍ରାଉନସୁଗାରର ବଡ଼ ଡିଲ୍ ପାଇଁ ଅନୁଗୋଳରୁ କେତେଜଣ ବ୍ରାଉନସୁଗାର ବେପାରି କାର୍‌ରେ ଆସୁଥିବା ନେଇ ଏସ୍‌ଟିଏଫ୍ ସୂଚନା ପାଇଥିଲା। ର୍‍ୟାକେଟକୁ ଧରିବାକୁ କଟକ ଜିଲା ପୋଲିସକୁ ଏସ୍‌ଟିଏଫ୍ ଜଣାଇବା ସହ ଚଢ଼ାଉ ଯୋଜନା ହୋଇଥିଲା। ଶନିବାର ସନ୍ଧ୍ୟାରେ ଅଂଶୁପା ହ୍ରଦ ନିକଟରେ ମିଳିତ ପୋଲିସ୍ ଟିମ୍ ପୂର୍ବପ୍ରସ୍ତୁତି ଅନୁଯାୟୀ ଛକି ରହିଥିଲେ। ସନ୍ଦିଗ୍ଧ କାର୍‌ଟି ଉକ୍ତ ବାଟଦେଇ ଯିବା ସମୟରେ ଏସ୍‌ଟିଏଫ୍ ଓ ପୋଲିସ ଟିମ୍ ଅଟକାଇ ଯାଞ୍ଚ କରିବା ପରେ ବ୍ରାଉନସୁଗାର ମିଳିଥିଲା।

# ଆସନ୍ତା ବର୍ଷରୁ ପେପରଲେସ୍ ହେବ ଏମ୍ସ

## ବହୁମୁଖୀ ଅଟ୍ଟାଳିକା ଉଦ୍‌ଘାଟନ କଲେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)



■ ଖୁବ୍‌ଶୀଘ୍ର ସେଣ୍ଟର ଅଫ୍ ଏକ୍ସିଲେନ୍ସ ଓ ସାଟେଲାଇଟ୍ ସେଣ୍ଟର ହେବ
■ ରୋଗୀ ଓ ସମ୍ପର୍କୀୟଙ୍କ ରହଣି ନିମନ୍ତେ ହେବ ବିଶ୍ରାମ କେନ୍ଦ୍ର

ଆସନ୍ତା ବର୍ଷରୁ ଭୁବନେଶ୍ୱର ଏମ୍ସରେ ଇ–ହସ୍ପିଟାଲ କାର୍ଯ୍ୟକ୍ଷମ ହେବ। ଅର୍ଥାତ୍ ଏହି ଜାତୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ସମ୍ପୂର୍ଣ୍ଣ ପେପରଲେସ୍ ହେବ। ଫଳରେ ଚିକିତ୍ସା ସମ୍ପର୍କିତ ସମସ୍ତ ପଞ୍ଜୀକରଣ ବ୍ୟବସ୍ଥାରେ ସୁଧାର ଆସିପାରିବ। ଏମ୍ସରେ ପ୍ରତିଦିନ ୧୦ ହଜାରରୁ ଅଧିକ ରୋଗୀଙ୍କ ଭିଡ଼ ଲାଗୁଥିବାରୁ ଖୁବ୍‌ଶୀଘ୍ର ଏହି ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା କରାଯାଇଛି। ରବିବାର ଏମ୍ସ ପରିଦର୍ଶନ ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡା. ଭାରତୀ ପ୍ରବୀଣ ପାୱାର ଏହି ସୂଚନା ଦେଇଛନ୍ତି। ସେ ଏମ୍ସରେ ସ୍ୱାସ୍ଥ୍ୟସେବା ସ୍ଥିତି ଅନୁଧ୍ୟାନ କରିବା ସହ ପରିସରରେ ଏକ ବହୁମୁଖୀ ଅଟ୍ଟାଳିକାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଲେ, ବିଶେଷକରି ଗୁରୁତର ରୋଗୀଙ୍କୁ ଏମ୍ସରେ ଚିକିତ୍ସା ପାଇଁ ଅଧିକ ଗୁରୁତ୍ୱ ଦିଆଯିବ। ବିଭିନ୍ନ ହସ୍ପିଟାଲରୁ ସାଧାରଣ ରୋଗୀଙ୍କୁ ଏମ୍ସ ରେଫର କରାଯାଉଥିବାରୁ ଗୁରୁତର ରୋଗୀଙ୍କ ଚିକିତ୍ସା ପ୍ରଭାବିତ ହେଉଛି। ତେଣୁ ସାଧାରଣ ରୋଗୀଙ୍କୁ ଏଠାକୁ ନ ପଠାଇବାକୁ ସବୁ ହସ୍ପିଟାଲ ସହ ଆଲୋଚନା କରାଯିବ। ଓଡ଼ିଶାବାସୀଙ୍କ ଚିକିତ୍ସା ସୁବିଧା ପାଇଁ କେନ୍ଦ୍ରୀୟ ଆୟୁଷ୍ମାନ ଯୋଜନା ଲାଗୁ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ। ଏହାଦ୍ୱାରା ଗରିବ ଲୋକେ ଚିକିତ୍ସା କ୍ଷେତ୍ରରେ ୫ ଲକ୍ଷ ଟଙ୍କା ବୀମାର ସୁବିଧା ପାଇପାରିବେ। କେନ୍ଦ୍ର ସରକାର ଏମ୍ସର ଉନ୍ନତୀକରଣ ନିମନ୍ତେ ପଦକ୍ଷେପ ନେଉଛନ୍ତି। ଖୁବ୍‌ଶୀଘ୍ର ଏଠାରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଓ ସାଟେଲାଇଟ୍ ସେଣ୍ଟର ହେବାକୁ ଯାଉଛି। ରୋଗୀ ଓ ସମ୍ପର୍କୀୟଙ୍କ ରହଣି ନିମନ୍ତେ ବିଶ୍ରାମ କେନ୍ଦ୍ର ପ୍ରତିଷ୍ଠା କରାଯିବ। ତେବେ କେନ୍ଦ୍ର ସରକାର ସମସ୍ତ ରାଜ୍ୟରେ ଗୋଟିଏ ଲେଖାଏ ଏମ୍ସ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଖୁବ୍‌ଶୀଘ୍ର ଦେଶରେ ୨୨ଟି ଏମ୍ସ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବାକୁ ଯାଉଥିବା ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଏମ୍ସରେ ଚିକିତ୍ସା, ଗବେଷଣା, ନିଯୁକ୍ତି, ଆର୍ଥିକ ଏବଂ ଅନ୍ୟାନ୍ୟ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଠାରେ ବୃକ୍କ ପ୍ରତିରୋପଣ ଚିକିତ୍ସା ଆରମ୍ଭ କରାଯାଇଥିବାରୁ ସେ ପ୍ରଶଂସା କରିବା ସହିତ ଆଗକୁ ଅନ୍ୟାନ୍ୟ ଅଙ୍ଗ ପ୍ରତିରୋପଣ ଚିକିତ୍ସା ଆରମ୍ଭ କରିବା ପାଇଁ ଉତ୍ସାହିତ କରିଥିଲେ।

ଏହି ବୈଠକରେ ଭୁବନେଶ୍ୱର ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଏସ୍. ଏନ୍. ମହାନ୍ତି, ଡିନ୍ ଡା. ପି. ଆର୍. ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ସମସ୍ତ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ। ଏଥିସହ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।




# ଆଇଆଇସି ଗିରଫ: ମାମଲାରୁ ନାଁ କାଟିବାକୁ ନେଉଥିଲେ ୨୫ହଜାର ଟଙ୍କା

ବଲାଙ୍ଗୀର ଅଫିସ, ୪।୧୨


ଆଇଆଇସି ଆଲୋକ ବେହେରା

ଏକ ମାମଲାରୁ ନାଁ କାଟିଦେବାକୁ ଲାଞ୍ଚ ନେବାବେଳେ ରବିବାର ଭିଜିଲାନ୍ସ ଜାଲରେ ପଡିଛନ୍ତି ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଆଇଆଇସି ଆଲୋକ କୁମାର ବେହେରା। ଅଫିସ୍ ଚାମ୍ବରରେ ଅଜିତ ଘଡେଇ ନାମକ ବ୍ୟକ୍ତିଙ୍କଠାରୁ ସେ ଉକ୍ତ ଟଙ୍କା ନେଉଥିବାବେଳେ ବଲାଙ୍ଗୀର, ବରଗଡ ଏବଂ ସମ୍ବଲପୁରର ମିଳିତ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିନେଇଥିଲା। ତାଙ୍କଠାରୁ ଲାଞ୍ଚ ବାବଦକୁ ନେଉଥିବା ୨୫ହଜାର ଟଙ୍କା ଜବତ କରାଯାଇଥିଲା। ୨୦୨୦ ମସିହାର ଟଙ୍କା ହେରଫେର ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା। ଏଥିରୁ ନାଁ କାଟି ଦେବାକୁ ଆଇଆଇସି ବେହେରା ଘଡେଇଙ୍କଠାରୁ ୨୫ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ସେ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଘଡେଇ ଆଇଆଇସି ବେହେରାଙ୍କ ଅଫିସ ଚାମ୍ବରକୁ ଯାଇ ଟଙ୍କା ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଆଇଆଇସିଙ୍କଠାରୁ ୨୫ ହଜାର ଟଙ୍କା ଜବତ କରିଥିଲା। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (୪୧/୨୨) ରୁଜୁ ହୋଇଛି। ସୋମବାର ଗିରଫ ଆଇଆଇସିଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ଡିଏସ୍‌ପି ପୌଲସ୍ତି ଛତ୍ରିଆ ସୂଚନା ଦେଇଛନ୍ତି। ଭିଜିଲାନ୍ସ ଟିମ୍ ବେହେରାଙ୍କୁ ଗିରଫ କରିବା ପରେ ସିନ୍ଧେକେଲାସ୍ଥିତ ସରକାରୀ କ୍ୱାର୍ଟର୍ସ ଏବଂ କଟକ ଜିଲା ଆଓଲପୁରସ୍ଥିତ ପୈତୃକ ଘରେ ଚଢ଼ାଉ କରିଛି।



କବିମାନେ ମୃତ୍ୟୁ ଓ ବାହ୍ୟ ଦୁଃଖକଷ୍ଟକୁ ଖୁବ୍ ବଡ଼ କରି ଦେଖନ୍ତି। କିନ୍ତୁ ଏକମାତ୍ର କରୁଣ ନାଟକ ହେଲା ଅନ୍ତରାତ୍ମାର ବ୍ୟର୍ଥତା ଏବଂ ଏକମାତ୍ର ମହାକାବ୍ୟ ହେଲା ଦେବତ୍ୱ ଦିଗରେ ମନୁଷ୍ୟର ବିଜୟୀ ଉତ୍ତରଣ। -ଶ୍ରୀଅରବିନ୍ଦ

# ଆଣ୍ଟେଇଲା ଇରାନ

ଜନଶକ୍ତି ରାଜଶକ୍ତିଠାରୁ ଅଧିକ ବଳଶାଳୀ ବୋଲି ଇତିହାସ ପ୍ରମାଣ ଦେଇଆସିଛି। ସାଧାରଣ ଲୋକଙ୍କ ଦ୍ୱାରା ହୋଇଥିବା ଆନ୍ଦୋଳନ ଯୋଗୁ ବହୁ କ୍ଷମତାସୀନ ବ୍ୟକ୍ତିଙ୍କୁ ଗାଦିଚ୍ୟୁତ କରାଯାଇପାରିଛି। ରାଜତନ୍ତ୍ର ହେଉ ବା ଗଣତନ୍ତ୍ର ସବୁଠାରେ ଶାସକଙ୍କ ଭୁଲ୍ କାର୍ଯ୍ୟକୁ ଯୁକ୍ତିଯୁକ୍ତ ଭାବେ ଦର୍ଶାଯାଇପାରିଲେ, ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଏହାର ସଦ୍ୟ ଦୃଷ୍ଟାନ୍ତ ହେଉଛି ଇରାନ। ଦୁଇ ମାସ ପୂର୍ବେ ମହସା ଅମିନିଙ୍କ ମୃତ୍ୟୁରୁ ଲାଗିଥିବା ନିଆଁ ସେହି ଶକ୍ତିଶାଳୀ ଇସ୍‌ଲାମୀୟ ରାଷ୍ଟ୍ରର ବ୍ୟବସ୍ଥାକୁ ଦୋହଲାଇ ଦେଇଛି। ହିଜାବ ପିନ୍ଧିବାକୁ ଅନିଚ୍ଛୁକ ମହସାଙ୍କୁ ଇରାନର ରିଭୋଲ୍ୟୁଶନାରୀ ପୋଲିସ ଗିରଫ କରି ହାଜତରେ ମାଡ଼ ମାରିବା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିଲା। ସେଥିରୁ ଆରମ୍ଭ ହୋଇଥିବା ଜନଅସନ୍ତୋଷ ଏବଂ ଆନ୍ଦୋଳନ ବିପ୍ଳବର ରୂପ ନେଲା। ଇରାନ ସରକାରଙ୍କ କହିବା ଅନୁଯାୟୀ ୨୦୦ ଲୋକଙ୍କ ମୃତ୍ୟୁ ଘଟିଛି। ଅଣାନୁଷ୍ଠାନିକ ଭାବେ ସେହି ସଂଖ୍ୟା କାହିଁ କେତେ ଅଧିକ ହେବ ବୋଲି ବିଭିନ୍ନ ମାନବ ଅଧିକାର ସଂଗଠନ କହିଛନ୍ତି। ଆଜି ଇରାନର ମୌଳବାଦୀ ସରକାର ଧର୍ମର ଆଢୁଆଳରେ ଅଧିକ ସମୟ ରହିପାରିବ ନାହିଁ ବୋଲି ବୁଝିବା ପରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ପ୍ରଥମ ପର୍ଯ୍ୟାୟରେ ନୈତିକ ପୋଲିସକୁ ଉଚ୍ଛେଦ କରିଛି। ଆର୍ଟର୍ନି ଜେନେରାଲ ମହମ୍ମଦ ଜାଫର କହିଛନ୍ତି, ମହିଳାମାନେ ସେମାନଙ୍କ ମୁହଁକୁ ଲୁଚାଇବା ଦରକାର କି ନୁହେଁ, ତାହା ଉପରେ ସମୀକ୍ଷା ହେବ। ଅର୍ଥାତ୍ ହିଜାବ ସମ୍ପର୍କରେ ଇରାନ ସରକାର ପୁନର୍ବିଚାର କରିବାକୁ ମଙ୍ଗିଲେଣି। ଏହା ମୋଡ଼ ପରିବର୍ତ୍ତନର ଆଭାସ ଦେଉଛି। ପାର୍ଲାମେଣ୍ଟ ଓ ନ୍ୟାୟପାଳିକା ଏହି ପ୍ରସଙ୍ଗ ଉପରେ ଗଭୀର ଅନୁଧ୍ୟାନ କରିବା ପରେ ସରକାରୀ ସ୍ତରରେ ଏଭଳି ନିଷ୍ପତ୍ତି ନିଆଯିବା ନିଶ୍ଚିତ ଭାବେ ପ୍ରତିବାଦକାରୀଙ୍କ ବିଜୟ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ, ୧୯୮୩ରେ ଇରାନ୍‌ରେ ହିଜାବ ବାଧ୍ୟତାମୂଳକ କରାଯାଇଥିଲା। କିନ୍ତୁ ତା' ପୂର୍ବରୁ ମହିଳାମାନେ ସ୍ୱାଧୀନ ଭାବେ ବିଚରଣ କରିବା ସହ ଜିନ୍ସ ଭଳି ପାଶ୍ଚାତ୍ୟ ପୋଷାକ ପିନ୍ଧିପାରୁଥିଲେ। ତେବେ ଇସ୍‌ଲାମୀୟ ରକ୍ଷଣଶୀଳତା ଯୋଗୁ ହିଜାବ ବ୍ୟବସ୍ଥା ପ୍ରଚଳନ ଇରାନ୍‌କୁ ଏକ ପଛୁଆ ରାଷ୍ଟ୍ର ଭାବେ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ କରିଥିଲା। ସେହି ପରିବର୍ତ୍ତନକୁ ସେଠାକାର ସ୍ୱାଧୀନଚେତା ବ୍ୟକ୍ତି ବିରୋଧ କରୁଥିଲେ। ସେଥିପାଇଁ ଅନେକଙ୍କୁ ଇସ୍‌ଲାମୀୟ ଆଇନ ମାଧ୍ୟମରେ ଦଣ୍ଡିତ କରାଯାଉଥିଲା। ଏହା ସତ୍ତ୍ୱେ ସରକାରବିରୋଧୀ ଏକ ସ୍ରୋତ ଇରାନ୍‌ରେ ବୋହୁଥିଲା। ତେବେ ବିପ୍ଳବ ଲାଗି ଯେଉଁ ଏକ ତୀବ୍ର ଆହ୍ୱାନର ଆବଶ୍ୟକତା ଥିଲା, ତାହା ୨୦୨୨ ସେପ୍ଟେମ୍ବରରେ ୨୨ ବର୍ଷୀୟା ମହସା ଅମିନଙ୍କ ହାଜତରେ ଘଟିଥିବା ଅସ୍ୱାଭାବିକ ମୃତ୍ୟୁ ଦ୍ୱାରା ଅଧିକ ଇନ୍ଧନ ପାଇଥିଲା। ମହସା ହିଜାବକୁ ବିରୋଧ କରୁଥିବାରୁ ପୋଲିସ ତାଙ୍କୁ ଉଠାଇନେଇ ଅତ୍ୟାଚାର କରି ମାରିଦେଇଥିବା ବିଷୟ ପ୍ରଘଟ ହେବା ପରେ ଦେଶରେ ଜନଜାଗରଣ ଆରମ୍ଭ ହୋଇଥିଲା। କ୍ରମେ ଏହି ଆନ୍ଦୋଳନ କେବଳ ଇରାନ୍ ମଧ୍ୟରେ ସୀମିତ ନ ରହି ସମଗ୍ର ବିଶ୍ୱରେ ଗୁଞ୍ଜରଣ ସୃଷ୍ଟି କରିଥିଲା। ଫଳସ୍ୱରୂପ ଆଜି ଇରାନ୍ ସରକାର ଜନଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇବାର ସଙ୍କେତ ଦେଇଛନ୍ତି।

ଇରାନ ସରକାର ଏପରି ନିଷ୍ପତ୍ତି ନେବା ପଛରେ ନିକଟରେ ଦୁଇଟି ଘଟଣାର ପ୍ରଭାବ ରହିଥିବା ପ୍ରତୀୟମାନ ହେଉଛି। କାତାରର ଦୋହାଠାରେ ଚାଲିଥିବା ଫୁଟ୍‌ବଲ ବିଶ୍ୱକପ୍ ପ୍ରତିଯୋଗିତାର ୨୧ ନଭେମ୍ବରରେ ଇଂଲଣ୍ଡ ବିପକ୍ଷରେ ଇରାନ ଖେଳିବା ପୂର୍ବରୁ ଦୁଇ ଦେଶର ଜାତୀୟ ସଙ୍ଗୀତ ବଜାଯାଇଥିଲା। କିନ୍ତୁ ଇରାନୀୟ ଖେଳାଳିମାନେ ସେମାନଙ୍କ ଦେଶର ଜାତୀୟ ସଙ୍ଗୀତ ବାଜୁଥିବା ବେଳେ ନୀରବ ରହିଥିବା ଦେଖାଯାଇଥିଲା। ମହସା ଅମିନଙ୍କ ପ୍ରତି ସମ୍ମାନ ଦେବା ସହ ହିଜାବ ବିରୋଧୀ ଆନ୍ଦୋଳକଙ୍କୁ ସମର୍ଥନ କରି ଖେଳାଳିମାନେ ନେଇଥିବା ନିଷ୍ପତ୍ତି ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ହୋଇଥିଲା। ଅନୁରୂପ ଭାବେ ୩ ଡିସେମ୍ବରରେ ଇରାନୀୟ ରକ୍ କ୍ଲାଇମ୍ବର ଇଲ୍‌ନାଜ ରେକାବିଙ୍କ ଘରକୁ ପ୍ରଶାସନ ଭାଙ୍ଗିଦେଇଥିଲା। ହିଜାବ ନ ପିନ୍ଧି ରେକାବି ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନେଇ ଅନ୍ତର୍ଜାତୀୟ ସ୍ତରରେ ନାମ ଅର୍ଜନ କରିଥିବାରୁ ତାହାକୁ ଇସ୍‌ଲାମୀୟ ମୌଳବାଦୀ ସହ୍ୟ କରିପାରି ନ ଥିଲେ। ଏହିଭଳି ଅନେକ ଘଟଣା ଘଟିବା ସହ ଅସଂଖ୍ୟ ଲୋକଙ୍କ ଜୀବନ ଯିବା ପରେ ସମ୍ଭବତଃ ଇବ୍ରାହିମ୍ ରଇସି ସରକାର ହିଜାବ ଆଇନରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହୋଇଛନ୍ତି।

ଆନ୍ଦୋଳନକାରୀଙ୍କ ଆଗରେ ଇରାନ ସରକାରର ମୁଣ୍ଡ ନୁଆଁଇବା କେବଳ ସେହି ଦେଶ ନୁହେଁ, ସମଗ୍ର ବିଶ୍ୱ ପାଇଁ ନୂଆ ସଙ୍କେତ ଦେଇଛି। ଏଠାରେ ଅନ୍ୟ କେତେକ ଦେଶରେ ଘଟିଥିବା ଜନଅସନ୍ତୋଷକୁ ଦେଖାଯାଇପାରେ। ଗଣତାନ୍ତ୍ରିକ ଯୁକ୍ତରାଷ୍ଟ୍ର ଆମେରିକାରେ ଗର୍ଭପାତ ବିରୋଧୀ ଗୋଷ୍ଠୀଙ୍କୁ ବିରୋଧ କରିବା ପାଇଁ ମହିଳା ଆଗେଇ ଆସିଥିଲେ। ହେଲେ ସେହି ଦେଶର ସବୁ ବର୍ଗ ଏହି ପ୍ରତିବାଦରେ ଯୋଗ ଦେଇ ନ ଥିଲେ। ସେଠାରେ ଆମେରିକାର ଗଣତାନ୍ତ୍ରିକ ପଦ୍ଧତି ଅତ୍ୟନ୍ତ ଶକ୍ତିଶାଳୀ ସେଥିପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ରିପବ୍ଲିକାନ ପ୍ରାର୍ଥୀମାନଙ୍କୁ ଯଥେଷ୍ଟ ସମର୍ଥନ ମିଳି ନ ଥିବାରୁ ଗର୍ଭପାତ ଆଇନ ସମଗ୍ର ଦେଶରେ ଲାଗୁ ହୋଇପାରିବ ନାହିଁ। ଅର୍ଥାତ୍ ଭୋଟ ମାଧ୍ୟମରେ ଏକ ରାଜନୈତିକ ଦଳର ନୀତିକୁ ରୋକି ଦିଆଯାଇପାରିଛି। ଅନୁରୂପ ଭାବେ ଭାରତରେ ପ୍ରତିବାଦ ମାଧ୍ୟମରେ କୃଷକ ଆନ୍ଦୋଳନ ସମଗ୍ର ଦେଶର କୃଷକଙ୍କ କିମ୍ବା ଅନ୍ୟ ବର୍ଗମାନଙ୍କୁ ଜାଗ୍ରତ କରାଇ ପାରି ନ ଥିଲା। ତଥାପି ଅଳ୍ପ କେତେକ ରାଜ୍ୟର କୃଷକଙ୍କ ଜିଦି ଯୋଗୁ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇ ତିନୋଟି ଯାକ ବିବାଦୀୟ କୃଷି ଆଇନକୁ ଫେରାଇ ନେଇଥିଲେ। କିନ୍ତୁ ଇରାନରେ ସବୁ ବର୍ଗ ଏକଜୁଟ ହେବା ଯୋଗୁ ଏକ ଅତ୍ୟନ୍ତ ଶକ୍ତିଶାଳୀ ତଥା ପଶ୍ଚାଦଗାମୀ ଚିନ୍ତାଧାରାରେ ଅନୁପ୍ରାଣିତ ସରକାର ଆଣ୍ଟେଇବାକୁ ବାଧ୍ୟ ହେଲେ। ଇରାନର ଏହି ବିପ୍ଳବ ଆଧୁନିକ ପୃଥିବୀକୁ ସୂଚାଇ ଦେଉଛି ଯେ ଅନ୍ୟାୟ ବିରୋଧରେ ଯଦି ସମସ୍ତେ ଏକଜୁଟ ହେବେ ତେବେ ନ୍ୟାୟ ଆସିବା ଡେରି ହେବ ନାହିଁ। ଏଥିସହିତ ଇରାନ ଘଟଣା ଏହା ମଧ୍ୟ ପ୍ରମାଣ କରିଦେଲା ଯେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ହେଲେ ଦେଶ ଭିତରୁ ଓ ସବୁ ବର୍ଗଙ୍କଠାରୁ ପ୍ରତିବାଦର ସ୍ୱର ଉତ୍ତୋଳନ ପରିବର୍ତ୍ତନ ଆଣିବ। ଯେ ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ 'ରାମରାଜ୍ୟ' ପାଇଁ ଅପେକ୍ଷା କରିବା, ସେହିଦିନ ପର୍ଯ୍ୟନ୍ତ କଷ୍ଟ ଓ ଅନ୍ଧକାରରେ ବଞ୍ଚିବାକୁ ବାଧ୍ୟ ହେବା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | | 8 | 5 |
| 4 | 7 | | | | | | | 9 |
| 8 | | 9 | | | | 1 | | |
| 6 | | | | | 9 | | | 2 |
| | 3 | 7 | | | | | | |
| | | 1 | 3 | | 6 | | | |
| | 9 | | | | 7 | 3 | | |
| 7 | | | 8 | | | | | |
| | | | | | | 2 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 3 | 2 | 9 | 7 | 1 | 8 |
| 9 | 3 | 8 | 4 | 1 | 7 | 5 | 6 | 2 |
| 2 | 1 | 7 | 6 | 8 | 5 | 3 | 9 | 4 |
| 1 | 9 | 6 | 5 | 4 | 3 | 8 | 2 | 7 |
| 8 | 7 | 5 | 1 | 9 | 2 | 6 | 4 | 3 |
| 4 | 2 | 3 | 8 | 7 | 6 | 1 | 5 | 9 |
| 3 | 4 | 9 | 7 | 5 | 1 | 2 | 8 | 6 |
| 7 | 8 | 1 | 2 | 6 | 4 | 9 | 3 | 5 |
| 5 | 6 | 2 | 9 | 3 | 8 | 4 | 7 | 1 |

ଗତକାଲିର ଉତ୍ତର



# ପ୍ରସ୍ତାବିତ ଡିଜିଟାଲ ଆଇନ

କିଶୋର ଜେନା

ରାଷ୍ଟ୍ର ଓ ସରକାର ସର୍ବଶକ୍ତିମାନ କି ନୁହେଁ ବଙ୍କେଇ ବୁଲେଇ ସେହି ପ୍ରଶ୍ନ ନୂଆକରି ପୁଣି ଉଠିଛି। ଡିଜିଟାଲ ବ୍ୟକ୍ତିଗତ ସୁରକ୍ଷା ବିଲ୍‌ର ଯେଉଁ ଖସଡ଼ା କେନ୍ଦ୍ର ସରକାର ଜନସାଧାରଣଙ୍କ ସମ୍ମୁଖକୁ ଆଣିଛନ୍ତି, ତାକୁ କେନ୍ଦ୍ରକରି ପୁଣିଥରେ ନୂଆ ଭାବରେ ରାଷ୍ଟ୍ର ଓ ସରକାରଙ୍କ ସୀମାହୀନ ଅଧିକାରର ପ୍ରଶ୍ନ ବଡ଼ ହୋଇଉଠିଛି। ଫଳରେ ବିଭିନ୍ନ ମହଲରୁ ପ୍ରବଳ ଆପତ୍ତି ଉଠିଛି। କେନ୍ଦ୍ର ସରକାର ୧୮ ନଭେମ୍ବରରେ 'ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ୍'-୨୦୨୨ର ଖସଡ଼ା ପ୍ରକାଶ କରିଛି। ଖସଡ଼ା ବିଲ୍ ନେଇ ଯାହାର ଯାହା କିଛି ଆପତ୍ତି, ତାହା ଆଗାମୀ ୧୭ ଡିସେମ୍ବର ମଧ୍ୟରେ ଜଣାଇବାକୁ କୁହାଯାଇଛି। କେନ୍ଦ୍ର ଯୋଗାଯୋଗ ଓ ତଥ୍ୟ ପ୍ରଯୁକ୍ତିମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଖସଡ଼ା ବିଲ୍ ପ୍ରକାଶ କରି କହିଛନ୍ତି, ସରକାର ସଂସଦର ଆଗାମୀ ଡିସେମ୍ବର ୭ରୁ ଆରମ୍ଭ ହେଉଥିବା ଶୀତକାଳୀନ ଅଧିବେଶନରେ ବିଲ୍‌ଟିକୁ ପେସ୍ କରିବାକୁ ଆଗ୍ରହୀ।

ଡିଜିଟାଲ ବ୍ୟକ୍ତିଗତ ସୁରକ୍ଷା ଆଇନର ଖସଡ଼ା ବିଲ୍ ନରେନ୍ଦ୍ର ମୋଦି ସରକାର ପ୍ରଥମେ ୨୦୧୯ରେ ଆଣିଥିଲେ। ସେହି ବିଲ୍‌ରେ ରାଷ୍ଟ୍ର ଓ ସରକାରଙ୍କ ପ୍ରଶ୍ନହୀନ କ୍ଷମତା ଥିବାରୁ ବିଭିନ୍ନ ମହଲରୁ ସମାଲୋଚନା ହୋଇଥିଲା। ଗଠିତ ହୋଇଥିଲା ଯୁଗ୍ମ ସଂସଦୀୟ କମିଟି। କମିଟିର ବୈଠକରେ ମତଭେଦ ପ୍ରକଟ ହୋଇଥିଲା। ଭାଜପା ସାଂସଦ ପ୍ରେମ ପ୍ରକାଶ ଚୌଧୁରୀଙ୍କ ନେତୃତ୍ୱାଧୀନ କମିଟିର ଶାସକଦଳ ସଦସ୍ୟମାନେ ରାଷ୍ଟ୍ରୀୟ ନିରାପତ୍ତାର ସ୍ୱାର୍ଥରେ ଏହି ବିଲ୍‌ର ପରିସରରୁ କେନ୍ଦ୍ରୀୟ ଗୋଇନ୍ଦା ବାହିନୀ ପରି ବିଭିନ୍ନ ସଂସ୍ଥାକୁ ବାହାରେ ରଖିବାର ସୁପାରିସ କରିଥିଲେ। ବିରୋଧୀଙ୍କ ପ୍ରବଳ ପ୍ରତିରୋଧ ଯୋଗୁ ସରକାର ୨୦୨୨ ଅଗଷ୍ଟ ୩ରେ ଏହି ବିଲ୍ ପ୍ରତ୍ୟାହାର କରି ନେଇଥିଲେ। କିନ୍ତୁ ତିନି ମାସ ମଧ୍ୟରେ ପୁଣି ନୂତନ ବିଲ୍‌ର ଯେଉଁ ଖସଡ଼ା ପ୍ରକାଶ କରାଯାଇଛି, ସେଥିରେ 'ଜାତୀୟ ସ୍ୱାର୍ଥ'ରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ପୁଣି ଛାଡ଼ ଦିଆଯାଇଛି।

ବିଶେଷଜ୍ଞମାନଙ୍କ ଆଶଙ୍କା, ନୂତନ ଖସଡ଼ା ଚୂଡ଼ାନ୍ତ ହେଲେ ସମ୍ବିଧାନ ସ୍ୱୀକୃତ ବ୍ୟକ୍ତିଗତ ଗୋପନୀୟତାର ଅଧିକାର ଉଲ୍ଲଂଘିତ ହେବ, ରାଷ୍ଟ୍ର ବା ସରକାରଙ୍କ ନଜରଦାରି ସୀମାହୀନ ହୋଇପଡ଼ିବ। ବିଶେଷଜ୍ଞମାନେ ମନେ କରନ୍ତି, ଏହି ବିଲ୍ ଯେତେଟା ବ୍ୟକ୍ତିର ଅଧିକାର ରକ୍ଷାରେ ନୁହେଁ, ତାହାଠାରୁ ଅନେକ ବେଶି ଦୃଷ୍ଟି ଦେଇଛି, କିପରି ସରକାର ସବୁ କ୍ଷମତା ଓ ଅଧିକାର କୁକ୍ଷିଗତ କରି ଇଚ୍ଛାନୁଯାୟୀ ଏହାର ପ୍ରୟୋଗ କରିପାରିବ। ଏସିଆ ପାସିଫିକ୍ ପଲିସି କାଉନସିଲର ନମ୍ରତା ମାହେଶ୍ୱରୀଙ୍କ ମତରେ, ପୂର୍ବ ବିଲ୍‌ର ଆପତ୍ତିକର ବେଶ୍ କିଛି ବିଷୟ ନୂତନ ଖସଡ଼ାରେ ଆହୁରି ଜୋର୍‌ରେ ରଖାଯାଇଛି। ସରକାରୀ ସଂସ୍ଥାଗୁଡ଼ିକୁ ଛାଡ଼୍‌ର ବ୍ୟାପକତା ଓ କ୍ଷମତାର ବ୍ୟାପ୍ତି ମଧ୍ୟ ବଢ଼ିଛି।



ଯେପରି ଖସଡ଼ା ବିଲ୍‌ରେ 'ଜନସ୍ୱାର୍ଥ'ର ଯେଉଁ ବ୍ୟାଖ୍ୟା ଦିଆହୋଇଛି, ତାହା ମଧ୍ୟରେ ରହିଛି ଦେଶର ସଂହତି ଓ ସାର୍ବଭୌମତ୍ୱ, ଦେଶର ନିରାପତ୍ତା, ବିଦେଶ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ, ଶାନ୍ତିଶୃଙ୍ଖଳା ରକ୍ଷା, ପ୍ରରୋଚନାମୂଳକ କାର୍ଯ୍ୟକ୍ରମ ଓ ମିଥ୍ୟା ପ୍ରଚାର। ଏସବୁ ସ୍ୱାର୍ଥ ରକ୍ଷାରେ (ଏକ କଥାରେ ଜନସ୍ୱାର୍ଥ) ଖସଡ଼ା ଆଇନର ବିଧାନ ମାନି ଚଳିବାଠାରୁ ସରକାର ତାଙ୍କର ସଂସ୍ଥାଗୁଡ଼ିକୁ ଛାଡ଼ ଦେବାର ଆବଶ୍ୟକ ବିଜ୍ଞପ୍ତି ଜାରି କରିପାରିବେ। ଏଭଳି କିଛି ବିରୋଧରେ ବିଜ୍ଞପ୍ତି ଜାରି କରିପାରିବେ, ଯାହା ସରକାରଙ୍କ ପାଇଁ ସ୍ପର୍ଶକାତର। ଏହି ସ୍ପର୍ଶକାତରର ସଂଜ୍ଞା କିନ୍ତୁ ଖସଡ଼ା ବିଲ୍‌ରେ ନାହିଁ। ଏହା ବଦଳରେ କାହିଁକି ବିଜ୍ଞପ୍ତି ଜାରି କରିପାରିବେ, ସେହି ବ୍ୟାଖ୍ୟାରେ ସରକାର କୁହନ୍ତି, ଜାତୀୟ ସ୍ୱାର୍ଥ ବେଳେବେଳେ ବ୍ୟକ୍ତି ସ୍ୱାର୍ଥଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ। ପୁରୁଣା ବିଲ୍ ନେଇ ମିଳିତ ସଂସଦୀୟ କମିଟିର ଆଲୋଚନାରେ ବିରୋଧୀ ସଦସ୍ୟମାନେ କହିଥିଲେ, ନ୍ୟାୟ ଓ ଯୁକ୍ତିଭିତ୍ତିକ କ୍ଷେତ୍ର ବିଶେଷରେ ସରକାରକୁ ଛାଡ଼୍ ଦିଆଯାଇପାରେ। ନୂଆ ବିଲ୍‌ରେ ତାହା ରଖାଯାଇ ନାହିଁ। ସେଠାରେ ସରକାରଙ୍କ ଅଧିକାର ଓ କ୍ଷମତା ଅପରିସୀମ। ଦିଲ୍ଲୀର "ଥିଙ୍କ୍ ଟ୍ୟାଙ୍କ୍ ଡାଇଲଗ୍"ର କହିଛି, ନୂଆ ବିଲ୍‌ରେ ମିଳିତ ସଂସଦୀୟ କମିଟିର ସୁପାରିସକୁ ଅଗ୍ରାହ୍ୟ କରାଯାଇଛି। ବ୍ୟକ୍ତି ଅଧିକାର ରକ୍ଷା ପାଇଁ କୌଣସି ରକ୍ଷାକବଚ ରଖାଯାଇ ନାହିଁ। ଡିଜିଟାଲ ଅଧିକାର ଗୋଷ୍ଠୀ 'ଇଣ୍ଟରନେଟ୍ ଫ୍ରିଡମ୍ ଫାଉଣ୍ଡେଶନ'ର ମତରେ, ସରକାରୀ ସଂସ୍ଥାଗୁଡ଼ିକୁ ଛାଡ଼୍‌ର ବିଷୟଗୁଡ଼ିକ ଅସ୍ପଷ୍ଟ ଓ ଦିଗନ୍ତବ୍ୟାପୀ। ଏହା ଫଳରେ କେନ୍ଦ୍ର ସରକାରଙ୍କ କ୍ଷମତା ଅନିୟନ୍ତ୍ରିତ ହୋଇପଡ଼ିବ। ସେମାନେ ମନେ କରନ୍ତି, ଆଇନରୁ ସରକାରୀ ସଂସ୍ଥାକୁ ବାଦ୍ ଦିଆଗଲେ, ସରକାରୀ ନଜରଦାରିର ପରିସରରୁ କେହି ବାଦ୍ ପଡ଼ିବେ ନାହିଁ। ଡିଜିଟାଲ ଜଗତରେ ବ୍ୟକ୍ତିର ଯାବତୀୟ ତଥ୍ୟ ନିରାପଦ ରଖିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଏହି ବିଲ୍ ପାରିତ ହେବା ପରେ ଗ୍ରାହକଙ୍କ ପାଖରୁ କମ୍ପାନୀ ଯେଉଁସବୁ ତଥ୍ୟ ପାଇଛି, ତାହା ଗ୍ରାହକର ଅନୁମତି ବିନା ବ୍ୟବହାର କରାଯିବ ନାହିଁ। ତଥ୍ୟର ଅପବ୍ୟବହାର କଲେ ଖସଡ଼ା ବିଲ୍‌ରେ ଜରିମାନାର ପ୍ରସ୍ତାବ ରଖାଯାଇଛି, ୨୫୦ କୋଟି ଟଙ୍କା। ତଥ୍ୟ ସଂରକ୍ଷଣ ପାଇଁ ଯେଉଁ ସର୍ଭର ବ୍ୟବହାର କରାଯିବ ତାହା ଦେଶର ଅଥବା ବନ୍ଧୁ ଦେଶର ହୋଇପାରେ। ବନ୍ଧୁ ଦେଶର ଏକ ତାଲିକା ସରକାର ପ୍ରସ୍ତୁତ କରିବେ। ଏକ ପୃଥକ୍ ବୋର୍ଡ ଗଠିତ ହେବ। ବ୍ୟକ୍ତିର ବ୍ୟକ୍ତିଗତ ତଥ୍ୟ କିଭଳି ଭାବେ କାର୍ଯ୍ୟରେ ଲଗାଯାଉଛି, ତା' ଉପରେ ସରକାରଙ୍କ ନିୟନ୍ତ୍ରଣ ରହିବ। ବ୍ୟକ୍ତି ଯଦି କୌଣସି ସେବା ବନ୍ଦ କରିଦିଅନ୍ତି, ତାହାହେଲେ ସମ୍ପୃକ୍ତ ସଂସ୍ଥାକୁ ତାହାର ସବୁ ତଥ୍ୟକୁ ଲିଭାଇଦେବା ପାଇଁ କହିପାରିବେ। ଖସଡ଼ାରେ ଏ କଥା ମଧ୍ୟ କୁହାଯାଇଛି, ଅନାବଶ୍ୟକ ତଥ୍ୟ ଜମାଦେବାରେ ଗ୍ରାହକ ଅସ୍ୱୀକାର କଲେ, ତାଙ୍କୁ ସେବାରୁ ବଞ୍ଚିତ କରାଯିବ ନାହିଁ। ଯଦିଓ ଏ କ୍ଷେତ୍ରରେ ଅନାବଶ୍ୟକ ତଥ୍ୟର ବ୍ୟାଖ୍ୟା ଓ ସଂଜ୍ଞା ନିର୍ଦ୍ଧାରଣ କରାଯାଇ ନାହିଁ।

ଡିଜିଟାଲ ଦୁନିଆରେ ବ୍ୟକ୍ତି ପରିସର ମାରାତ୍ମକ ଭାବେ ସଙ୍କୁଚିତ। ୨୪ ଘଣ୍ଟାରେ କିଏ କ'ଣ କରୁଛି, କୁଆଡ଼େ ଯାଇଛି, କାହା ସହ ଦେଖାକରିଛି, ପ୍ରଯୁକ୍ତିର ଉପାୟରେ ସବୁ କିଛି ସେବା ପ୍ରଦାନକାରୀର ନଖଦର୍ପଣରେ। ନୂତନ ଖସଡ଼ା ବିଲ୍ ପାରିତ ହେଲେ, ସରକାର ବା ସରକାରୀ ସଂସ୍ଥା ସେହିସବୁ ତଥ୍ୟ ଇଚ୍ଛାନୁସାରେ ନିଜ ପାଖରେ ରଖି ପାରିବେ। ଆବଶ୍ୟକମତେ ବ୍ୟବହାର ମଧ୍ୟ କରିପାରିବେ। ୨୦୧୭ ଅଗଷ୍ଟ ୨୪ରେ ଭାରତର ସୁପ୍ରିମକୋର୍ଟର ୯ଜଣିଆ ବିଚାରପତିଙ୍କ ସାମ୍ବିଧାନିକ ଖଣ୍ଡପୀଠର ସର୍ବସମ୍ମତ ରାୟ ଥିଲା, ଗୋପନୀୟତା ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର, ଯାହା ସମ୍ବିଧାନ ସ୍ୱୀକୃତ। ଡିଜିଟାଲ ତଥ୍ୟ ସୁରକ୍ଷା ଆଇନ କିଭଳି ଅଣାଯିବ, ତାହା ସୁପାରିସ କରିବା ପାଇଁ ନରେନ୍ଦ୍ର ମୋଦି ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ବି.ଏନ. ଶ୍ରୀକୃଷ୍ଣଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଥିଲେ। ସେହି କମିଟି ଏହାର ପ୍ରସ୍ତାବ ସରକାରଙ୍କ ପାଖରେ ଦାଖଲ କରିବା ପରେ ମୋଦି ସରକାର ୨୦୧୯ରେ ଯେଉଁ ଖସଡ଼ା ବିଲ୍ ଆଣିଥିଲେ, ବିଚାରପତି ଶ୍ରୀକୃଷ୍ଣ ଏହା ବିପଜ୍ଜନକ ବୋଲି ମନେ କରିଥିଲେ ଏବଂ 'ଅରଓୟେଲିଆନ ଷ୍ଟେଟ୍'(ଅରଓୟେଲଙ୍କ କଳ୍ପିତ ରାଷ୍ଟ୍ର) ସହ ତୁଳନା କରିଥିଲେ। ନୂଆ ଖସଡ଼ା ବିଲ୍ ସେହି ତୁଳନାମୁକ୍ତ ହୋଇପାରି ନାହିଁ। ଏବେ ଦେଖିବାର କଥା, ସଂସଦର ଶୀତକାଳୀନ ଅଧିବେଶନରେ ସରକାର ଖସଡ଼ା ପ୍ରସ୍ତାବରେ ଆବଶ୍ୟକ ରକ୍ଷାକବଚର ବନ୍ଦୋବସ୍ତ କରୁଛନ୍ତି କି ନାହିଁ!

ମୋ: ୯୪୩୭୩୮୪୮୬୭



# ମୃତ୍ତିକାର ଯତ୍ନ ଜରୁରୀ

ଡ. ପ୍ରମୋଦ କୁମାର ପଣ୍ଡା

ସମଗ୍ର ବିଶ୍ୱରେ ପ୍ରତିବର୍ଷ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରାଯାଉଛି। ୨୦୦୨ରେ ଆନ୍ତର୍ଜାତିକ ମୃତ୍ତିକା ବିଜ୍ଞାନ ସମ୍ମିଳନୀରେ ଏହା ଗୃହୀତ ହୋଇଥିଲା। ୨୦୧୩ରେ ମିଳିତ ଜାତିସଂଘର ସାଧାରଣ ପରିଷଦ, ଡିସେମ୍ବର ମାସ ୫କୁ ସମଗ୍ର ବିଶ୍ୱରେ ବିଶ୍ୱ ମୃତ୍ତିକା ଦିବସ ପାଳନ ପାଇଁ ବିଧିବଦ୍ଧ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହା ବିଶ୍ୱର ସମସ୍ତ ଦେଶରେ ପାଳିତ ହୋଇଆସୁଛି। ଏ ବର୍ଷର ଶୀର୍ଷକ ରହିଛି 'Soils : Where Food Begins' (ମୃତ୍ତିକାରୁ ଖାଦ୍ୟର ଉତ୍ପତ୍ତି)। ଯେଉଁ ମାଟି ପୃଥିବୀରେ ୮୦୦ କୋଟି ଲୋକଙ୍କୁ ଏବଂ ଅଗଣିତ ପଶୁପକ୍ଷୀ ବୃକ୍ଷଲତାଙ୍କୁ ଖାଦ୍ୟ ଯୋଗାଉଛି, ତା'ର ରକ୍ଷା ଏପରି ହେବା ଆବଶ୍ୟକ; ଯଦ୍ଦ୍ୱାରା ଆଗାମୀ ବର୍ଷରେ ଜୀବଜଗତକୁ ଖାଦ୍ୟ ସଂଗ୍ରହରେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ।

ସମଗ୍ର ପୃଥିବୀରେ ଏକ ତୃତୀୟାଂଶ ମୃତ୍ତିକା ଅବକ୍ଷୟ ଜର୍ଜରିତ। ଆମ ଦେଶରେ ୧୨୦.୭ ନିୟୁତ ହେକ୍ଟର ଜମି ଅବକ୍ଷୟିତ। ଅର୍ଥାତ୍ ମୋଟ କ୍ଷେତ୍ରଫଳର (୩୨୯ ନିୟୁତ ହେକ୍ଟର) ୩୭ ଭାଗ। ତେଣୁ ଆମ ମାଟିକୁ ପ୍ରଦୂଷଣ ଓ ଅବକ୍ଷୟଜନିତ କ୍ରିୟାରୁ ବଞ୍ଚାଇବାକୁ ପଡ଼ିବ। କାରଣ ମୃତ୍ତିକା ଥରେ ବଞ୍ଜର ହେଲେ ପୁଣି ତାକୁ ଉର୍ବର କରିବା କାଠିକର ପାଠ। ସେଥିପାଇଁ ସଭ୍ୟତାର ପ୍ରାରମ୍ଭିକ ପର୍ଯ୍ୟାୟରେ ଯେଉଁ ସ୍ଥାନରେ ପର୍ଯ୍ୟାପ୍ତ ଜଳ ଓ ଉର୍ବର ମୃତ୍ତିକା ଥିଲା, ସେହିଠାରେ ହିଁ ଜନବସତି ଉଠିଥିଲା। ଅର୍ଥାତ୍ ନଦୀକୂଳରେ ହିଁ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା। ସେ ସିନ୍ଧୁ ନଦୀ କୂଳର ସିନ୍ଧୁ ସଭ୍ୟତା ହେଉ ବା ନୀଳ ନଦୀର ମିଶର ସଭ୍ୟତା ଅବା ମେସୋପଟାମିୟା ସଭ୍ୟତା ଅବା ଚୀନ ସଭ୍ୟତା, ସବୁ ନଦୀ କୂଳରେ ଗଢ଼ି ଉଠିଥିଲା। ଆଜି କିନ୍ତୁ ଜୀବଜଗତର ଜୀବନଦାୟୀ ମୃତ୍ତିକା ବିଭିନ୍ନ କାରଣରୁ ପ୍ରଦୂଷିତ ହେବାରେ ଲାଗିଛି ଓ ଧୀରେ ଧୀରେ ତା'ର ଉର୍ବରତା ହ୍ରାସ ପାଉଛି। ଆଜିକାଲି ମାତ୍ରାଧିକ ରାସାୟନିକ ସାର, କୀଟନାଶକ, କଳକାରଖାନାରୁ ନିର୍ଗତ ଦୂଷିତ ପଦାର୍ଥ, ପଲିଥିନ, ସହରର ବର୍ଜ୍ୟବସ୍ତୁ ଓ ବର୍ଜ୍ୟଜଳକୁ ସିଧାସଳଖ ମାଟିରେ ମିଶିବାକୁ ଛାଡ଼ି ଦିଆଯାଉଛି; ଯାହା ଫଳରେ ମାଟିରେ ଥିବା ଅଣୁଜୀବମାନଙ୍କର ବଂଶବୃଦ୍ଧି ପାଇଁ ପ୍ରତିବନ୍ଧକ ସୃଷ୍ଟି କରୁଛି। ଧୀରେ ଧୀରେ ସେମାନଙ୍କର ସଂଖ୍ୟା ହ୍ରାସ ହେବାରୁ ସେମାନେ ପରିବେଶ ସନ୍ତୁଳନରେ ଥିବା ଭୂମିକାକୁ ସୁଚାରୁ ରୂପେ ସମ୍ପାଦନ କରିପାରୁନାହାନ୍ତି। ଫଳସ୍ୱରୂପ ଧୀରେ ଧୀରେ ଆମର ମୃତ୍ତିକାର ଉର୍ବରା ଶକ୍ତି ହ୍ରାସପାଉଛି। ଯଦି ମୃତ୍ତିକାର ଉର୍ବରା ଶକ୍ତି କ୍ରମଶଃ ହ୍ରାସ ପାଇ ବଞ୍ଜର ଜମିରେ ପରିଣତ ହେବ, ଭବିଷ୍ୟତରେ ଦେଶବାସୀଙ୍କୁ ଆମେ ଖାଦ୍ୟ ସୁରକ୍ଷା ଯୋଗାଇବାରେ ସଫଳ ହୋଇପାରିବା ନାହିଁ।

ପରୀକ୍ଷଣରୁ ଜଣାଯାଇଛି ଯେ, ଏକ ଚାମଚ ମାଟିରେ, ପୃଥିବୀରେ ବାସକରୁଥିବା ମୋଟ ଜନସଂଖ୍ୟାଠାରୁ ଢେର ଅଧିକ ଅଣୁଜୀବ ଥାଆନ୍ତି। ଆମ ସମ୍ମୁଖରେ ଯେଉଁ ମାଟି ଦୃଶ୍ୟମାନ ତାହା ବର୍ଷେ, ଦୁଇବର୍ଷ କିମ୍ବା ଶହେ ବର୍ଷର ମାଟି ନୁହେଁ। ଏହା ଲକ୍ଷ ଲକ୍ଷ ବର୍ଷର ମାଟି। ସାଧାରଣତଃ ବୁଝିବାକୁ ଗଲେ ଏକ ସେଣ୍ଟିମିଟର ମାଟି ପାଇଁ ପ୍ରାୟ ୨୦୦-୪୦୦ ବର୍ଷ ସମୟ ଲାଗିଥାଏ। ଏହି ମୃତ୍ତିକା ପୁଣି ଉର୍ବର ମାଟିରେ ପରିଣତ ହେବାପାଇଁ ଆହୁରି ୩୦୦୦ ବର୍ଷ ସମୟ ଲାଗେ। ଏଥିରୁ ଅନୁମାନ କରାଯାଇପାରେ ଯେ ଆମ ଚତୁଃପାର୍ଶ୍ୱରେ ଦେଖାଯାଉଥିବା ଗଭୀର ମାଟି କେତେ ଲକ୍ଷ ବର୍ଷର ସୃଷ୍ଟି। କିନ୍ତୁ ପରିତାପର ବିଷୟ ଯେ, ପ୍ରତିବର୍ଷ ହେକ୍ଟର ପିଛା ଆମର ହାରାହାରି ମୃତ୍ତିକା କ୍ଷୟ ହେଉଛି ୧୬.୪ ଟନ। ଏହି ମୃତ୍ତିକା ତାହା ସହିତ ଅତ୍ୟନ୍ତ ମୂଲ୍ୟବାନ ଖାଦ୍ୟ ପଦାର୍ଥ (ଯବକ୍ଷାରଜାନ, ଫସଫରସ, ପଟାସିୟମ ଇତ୍ୟାଦି) ଅଣୁସାର ଓ ଅନ୍ୟାନ୍ୟ ପଦାର୍ଥ ଜଳ ସ୍ରୋତ ସହିତ ସମୁଦ୍ରକୁ ନେଇଯାଉଛି ଓ ମୃତ୍ତିକା ଉର୍ବରତା ହ୍ରାସ କରୁଛି। ଆଜିକାଲି ବିଭିନ୍ନ କାର୍ଯ୍ୟକଳାପ ଦ୍ୱାରା ଆମେ ମୃତ୍ତିକା ପ୍ରଦୂଷଣ ବଢ଼ାଇବାରେ ଲାଗିଛେ।

**ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ**



ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ମାଟିରେ ମିଶାଇ ଦେଉଛୁ ଏବଂ ତାହା ବିଘଟିତ ନ ହୋଇ ପଡ଼ି ରହୁଛି। ମୃତ୍ତିକାର ମୁଖ୍ୟତଃ ୪ଟି ବଡ଼ ଅବଦାନ ରହିଛି, ଯଥା (୧) ଜଳଧାରଣ କ୍ଷମତା, (୨) ବୃକ୍ଷଲତା ଖାଦ୍ୟଧାରଣ କ୍ଷମତା, (୩) ବିଘଟନ କ୍ଷମତା ଓ (୪) ସନ୍ତୁଳନ କ୍ଷମତା। ଏହି ଚାରୋଟି କାର୍ଯ୍ୟ ମଧ୍ୟରୁ ବିଘଟନ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଟିରେ ବିଭିନ୍ନ ପ୍ରକାର ଅଣୁଜୀବ ବାସ କରନ୍ତି, ଯଥା (୧) ଯବକ୍ଷାରଜାନ ବିବନ୍ଧକ, (୨) ଫସଫରସ ଓ ଗନ୍ଧକ ଦ୍ରାବକ, (୩) ଜୈବିକ ବିଘଟକ, ଅମ୍ଳଜାନ ପ୍ରେରକ (ଜିଆ) ଇତ୍ୟାଦି ଇତ୍ୟାଦି।

ଓଡ଼ିଶାରେ ପ୍ରାୟ ୪୮୫ କିଲୋମିଟରର ସମୁଦ୍ର ତଟ ଅଛି, ଯାହା କି ଆମେ ସନ୍ତୁଳିତ ଭାବରେ ବ୍ୟବହାର ନ କଲେ, ସମଗ୍ର ତଟ ଅଞ୍ଚଳରେ ଲୁଣା ମାଡ଼ିଯିବାର ସମ୍ଭାବନା ରହିଛି। ଅର୍ଥାତ୍ ସମୁଦ୍ରକୂଳିଆ ଅଞ୍ଚଳରେ ନିର୍ଦ୍ଧାରିତ ଗଭୀରଠାରୁ ଅଧିକ ଗଭୀରତାରୁ ନଳକୂପ ସାହାଯ୍ୟରେ ଭୂଜଳ ଉତ୍ତୋଳନ କଲେ, ସମୁଦ୍ର ପାଣି ସ୍ଥଳ ଭାଗକୁ ପ୍ରବେଶ କରି ସମଗ୍ର ମୃତ୍ତିକା ସ୍ତରକୁ ଲବଣାକ୍ତ କରିଦେବ ଓ ଫସଲ ଚାଷ ହୋଇପାରିବ ନାହିଁ। ସେହିପରି ପାହାଡ଼ିଆ ଅଞ୍ଚଳ ଢାଲୁ ହୋଇଥିବାରୁ, ମୃତ୍ତିକା କ୍ଷୟ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ନ ନେଲେ, ଉର୍ବର ମୃତ୍ତିକା କ୍ଷୟ ହୋଇଯିବ, ଯାହାଫଳରେ ଜମିର ଉତ୍ପାଦିକା ଶକ୍ତି କମିଯିବ। ପର୍ଯ୍ୟାପ୍ତ ମାତ୍ରାରେ ଗୋବରଖତ ଓ ସବୁଜ ସାର(ଧଣିଚା) ପ୍ରୟୋଗ ଅଭାବରୁ ଓଡ଼ିଶାର ମୃତ୍ତିକାରେ ଜୈବିକ ଅଙ୍ଗାରକ ବହୁତ ମାତ୍ରାରେ କମିଗଲାଣି। ମୃତ୍ତିକାରେ ଆବଶ୍ୟକ ମାତ୍ରା ଠାରୁ ଜୈବିକ ଅଙ୍ଗାରକ କମିଗଲେ ତା'ର ଜଳଧାରଣ କ୍ଷମତା କମିଯିବ ଓ ଆମେ ଫସଲ ଉତ୍ପାଦନରେ ନାନା ସମସ୍ୟାର ସମ୍ମୁଖୀନ ହେବା। ଭବିଷ୍ୟତ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମକୁ ଆମର ମୃତ୍ତିକାର ସର୍ବୋତ୍କୃଷ୍ଟ ଯତ୍ନ ନେବା ନିହାତି ଜରୁରୀ। ତେଣୁ ଆଜି ବିଶ୍ୱ ମୃତ୍ତିକା ଦିବସରେ ଶପଥ ନେବା ଯେ ମୃତ୍ତିକାକୁ ପ୍ରଦୂଷଣମୁକ୍ତ ରଖିବା ଓ ତାହାର ଉର୍ବରା ଶକ୍ତି ଯେମିତି ସବୁଦିନ ପରି ବଜାୟ ରହେ, ସେ ଦିଗରେ କାର୍ଯ୍ୟ କରିବା ସହିତ ଅନ୍ୟମାନଙ୍କୁ ସେ ଦିଗରେ ଅଧିକ ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବା।

**ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର**
**ମୋ: ୮୭୬୩୮୪୧୧୦୮**

## ଏଇ ଭାରତରେ

ଖାଦ୍ୟଶସ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସବୁଜ ବିପ୍ଳବ ଜାରି ରହିଥିବାବେଳେ ବିହାରରେ ଛତୁ ବିପ୍ଳବ ଆରମ୍ଭ କରିଛନ୍ତି ଡ. ଦୟାରାମ। ସେ ସମସ୍ତିପୁରସ୍ଥ ଡ. ରାଜେନ୍ଦ୍ର ପ୍ରସାଦ ସେଣ୍ଟ୍ରାଲ ଏଗ୍ରିକଲ୍‌ଚର ୟୁନିଭର୍ସିଟିର ବୈଜ୍ଞାନିକ ଭାବେ କାର୍ଯ୍ୟରତ। ଦୟାରାମ ବିଗତ ଦଶନ୍ଧିରୁ ଏଯାବତ୍ ୨ଲକ୍ଷ କୃଷକଙ୍କୁ ଛତୁଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି। ତାଙ୍କ ଟିମ୍ ଉଦ୍ୟମରେ ୨୦୨୧-୨୦୨୨ରେ ଛତୁଚାଷୀମାନେ ୨୮ ହଜାର ଟନ ଛତୁ ଉତ୍ପାଦନ କରିଛନ୍ତି। ସବୁ ଚାଷୀ ବର୍ତ୍ତମାନ ବର୍ଷକୁ ୩ରୁ ୪ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ। ଡ. ଦୟାରାମଙ୍କ ଛତୁ ବିପ୍ଳବ ଯୋଗୁ ବିହାରରେ ଦେଶର ମୋଟ ଛତୁ ଉତ୍ପାଦନର ୧୦.୮୨% ହେଉଛି। ୧୯୯୯ରେ ଡ. ଦୟାରାମ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ଏହି ଅଭିଯାନ ଆରମ୍ଭ କରିଥିଲେ। ସେବେଠାରୁ ସେ ଓ ତାଙ୍କ ଟିମ୍ ଛତୁଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ଜ୍ଞାନକୌଶଳ ଯୋଗାଇ ଆସୁଛନ୍ତି ଓ ସେମାନଙ୍କ ଲାଗି ୧୨୩ଟି କଣ୍ଟ୍ରୋଲ ୟୁନିଟ ଖୋଲାଯାଇଛି। ପ୍ରଥମେ ୬ ପ୍ରକାର ଛତୁଚାଷ କରାଯାଇ ଏବେ ୫୦ ପ୍ରକାର ଚାଷ କରାଯାଉଛି। ଏବେ ଦିନକୁ ଅତିବେଶୀରେ ୧୦ ଟନ୍ ଉତ୍ପାଦନ ହୋଇପାରୁଛି। ୨୦୨୨-୨୩ରେ ଉତ୍ପାଦନ ୩୫ ଟନ୍ ହେବ ବୋଲି ଆକଳନ କରାଯାଇଛି ବୋଲି କହନ୍ତି ଡ. ଦୟାରାମ।

## ୨୫ ବର୍ଷ ତଳର ଧରିତ୍ରୀ

୫ ଡିସେମ୍ବର ୧୯୯୭

- ବୁରୁଣ୍ଡିର ଉତ୍ତର ପଶ୍ଚିମାଞ୍ଚଳ ବ୍ଲୁ ବାଜା ପ୍ରଦେଶରେ ସରକାରୀ ସୈନ୍ୟ ୫୦ ଜଣ ହୁଟୁ ବିଦ୍ରୋହୀଙ୍କୁ ହତ୍ୟା କରିଛନ୍ତି।
- ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ଜଷ୍ଟିସ୍ ଏ.ପି. ମିଶ୍ର ଏବଂ ଜଷ୍ଟିସ ଏସ୍.ଏସ୍.ଏମ୍. କଦରୀଙ୍କୁ ନିଯୁକ୍ତି ପ୍ରଦାନ।
- କ୍ୟାବିନେଟର ସୁପାରିସ କ୍ରମେ ରାଷ୍ଟ୍ରପତି କେ.ଆର୍. ନାରାୟଣନ ଏକାଦଶ ଲୋକ ସଭାକୁ ଭାଙ୍ଗି ସାନି ନିର୍ବାଚନ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## କୋଟିପତି ନେତାଙ୍କ ଦରମା ବଢୁଛି

ମହାଶୟ,

କଥାରେ ଅଛି ଛୁରି ହାତରେ କାକୁଡ଼ି। ସେମିତି କେହି କିଛି କହିବାକୁ ନାହିଁ। ଯେତେବେଳେ ଚାହିଁବେ ନେତା ଓ ମନ୍ତ୍ରୀମାନଙ୍କର ଦରମା, ଭତ୍ତା ବଢ଼ି ପାରିବ। କୁଆଡ଼େ ବିଭିନ୍ନ ରାଜ୍ୟଗୁଡ଼ିକର ଦରମାକୁ ଚାହିଁ ଏହା ବୃଦ୍ଧି କରାଯାଇଛି। ହେଲା ଭଲ କଥା। ତେବେ ଚାକିରିଆଙ୍କ କ୍ଷେତ୍ରରେ ଦରମା ବା ଭତ୍ତା ପାଇଁ କାହିଁକି ଆନ୍ଦୋଳନ କରିବାକୁ ପଡୁଛି? ନେତାମାନଙ୍କର ସଲାସୁତୁରାରେ ବିନା ଆପତ୍ତି ଅଭିଯୋଗରେ ଦରମା ଭତ୍ତା ବଢ଼ିଯାଉଛି। ଚାକିରିଆମାନଙ୍କ ବେଳକୁ ଲାଠିଚାର୍ଯ୍ୟ, ଜେଲଦଣ୍ଡ କାହିଁକି? ପୁରୁଣା ପେନ୍‌ସନ୍ ପାଇଁ ଭୁକି ଭୁକି ମଧ୍ୟ ଫଳପ୍ରଦ ହେଉନି। କେନ୍ଦ୍ର ସରକାର ଅଠତିରିଶ ଭାଗ ମହଙ୍ଗା ଭତ୍ତା ଦେଇ ସାରିଥିବା ସ୍ଥଳେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗୁନି। ଯୋଜନା ସବୁରେ ନାଁ ଲୋକଙ୍କର, କିନ୍ତୁ ଗାଁ ହେଉଛି ନେତାଙ୍କର। ସେଥିରେ ସେମାନେ ଅଭାବୀ ଯୋଗୁ ସେମାନଙ୍କ ଦରମା ଓ ଭତ୍ତା ବିନା ଆପତ୍ତିରେ ବଢ଼ାଯାଉଛି। ଆରାମଦାୟକ ଘର, ଗାଡ଼ି ଓ ଭୁବନେଶ୍ୱରରେ ଜାଗା। ଥରେ ନେତା ହୋଇଗଲେ କୋଟିପତି କେଉଁ ଟଙ୍କାରେ? ତାଙ୍କର ତ ଇଡି, ସିବିଆଇ ଓ ଭିଜିଲାନ୍ସ କିଛି କରିପାରୁନି।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମଳିନ କ୍ଷୀଣ ଧୂସର ଦେହ
ତୁଟିଛି ତା'ର ଆକାଶ ଗେହ
ଭୂତଳେ ପଡ଼ି ପରାଣ ତା'ର
ମାଗଇ ସୁଖ ମାଗଇ ସ୍ନେହ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୫ ଡିସେମ୍ବର, ୨୦୨୨

**ବେଆଇନ କୋଇଲା ଚାଲାଣ ଗାଡ଼ି ଜବତ**

ପାଣିକୋଇଲି, (ଡି.ଏନ.ଏ.): ପାଣିକୋଇଲି ପୋଲିସ ବେଆଇନ କୋଇଲା ଚାଲାଣ କରୁଥିବା ଏକ ଗାଡ଼ିକୁ ଜବତ କରିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। ରାଜପଥରେ ବେଆଇନଭାବେ କୋଇଲା ଚାଲାଣ ହେଉଥିବା ଖବର ପାଇ ପୋଲିସ ଯାଞ୍ଚ କରିଥିଲା। ଏହି ସମୟରେ ତାଳଚେରରୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍(ଓଡି-୩୫-ଜି-୦୫୨୫) ପୋଲିସ ହାବୁଡ଼ରେ ପଡ଼ିଥିଲା। ପୋଲିସ ଉକ୍ତ ଗାଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ହେଲେ ଚାଳକ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଗାଡ଼ିକୁ ଜବତ କରିଥିଲା।



## ସଂକ୍ଷେପରେ

### ବିକ୍ରି ବେଳେ ଚୋରା ବାଇକ୍ ଜବତ, ଯୁବକ ଅଟକ

ପାଣିକୋଇଲି,୪।୧୨(ଡି.ଏନ.ଏ.): ବାଇକ୍ ଚୋରି କରି ବିକ୍ରି କରୁଥିବା ଜଣେ ଯୁବକଙ୍କୁ ପାଣିକୋଇଲି ପୋଲିସ କାବୁ କରି ଯାଜପୁର ସଦର ଥାନା ପୋଲିସକୁ ହସ୍ତାନ୍ତର କରିଛି। ଏଥିସହିତ ଚୋରା ବାଇକ୍ (ଓଡି-୦୪-ଡି-୦୬୧୫)କୁ ଜବତ କରି ସଦର ପୋଲିସ ଜିମାରେ ଦେଇଛି। ଅଭିଯୁକ୍ତ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ରୁଦ୍ରପୁର ବଡ଼ବାଘସାହି ଗ୍ରାମର ଦେବଜିତ ସାମଲ(୨୪)। ସେ ପାଣିକୋଇଲି ଥାନା ଅନ୍ତର୍ଗତ ହାଟସାହି ଛକରେ ବାଇକ ବିକ୍ରି କରିବାକୁ ଆସିଥିବାବେଳେ ସ୍ଥାନୀୟ ଲୋକଙ୍କ ସନ୍ଦେହ ଉପୁଜିଥିଲା। ଫଳରେ ସେମାନେ ପୋଲିସକୁ ଖବର ଦେଇଥିଲେ। ତଦନ୍ତ ବେଳ ଯାଜପୁର ସଦର ଥାନା ଅନ୍ତର୍ଗତ କାଳନ୍ଦୀ ସାହୁଙ୍କ ପୁଅ ଧ୍ରୁନ ସାହୁଙ୍କ ଘରୁ ବାଇକ୍ ଚୋରି ହୋଇଥିବା ସୂଚନା ମିଳିଥିଲା। ସଦର ପୋଲିସ ପାଣିକୋଇଲି ଥାନାରେ ପହଞ୍ଚି ବାଇକକୁ ଜବତ କରିବା ସହ ଦେବଜିତଙ୍କୁ ଥାନାକୁ ଆଣିଥିଲା।

### ଚଣ୍ଡିଖୋଲ କୋର୍ଟରେ ବିଶ୍ୱ ଭିନ୍ନକ୍ଷମ ଦିବସ

ଚଣ୍ଡିଖୋଲ,୪।୧୨(ଡି.ଏନ.ଏ.): ଚଣ୍ଡିଖୋଲ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରିସରରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଚଣ୍ଡିଖୋଲ କୋର୍ଟର ଜେଏମ୍ଏଫ୍‌ସି ତଥା ତାଲୁକ ଆଇନ ସେବା ଅଧକ୍ଷା ପରବିନ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭିନ୍ନକ୍ଷମମାନେ କିପରି ଆଇନ ସହାୟତା ପାଇବେ ସେଥିନେଇ ଆଲୋଚନା ହୋଇଥିଲା। ତାଲୁକ ଆଇନ ସେବା କେନ୍ଦ୍ରର ବରିଷ୍ଠ ସଭ୍ୟ ତଥା ଆଇନଜୀବୀ କୈଳାସ ଚନ୍ଦ୍ର ସାମଲ ଓ କୋର୍ଟ ବାର ଆସୋସିଏଶନ ସଭାପତି ଦେବରାଜ ବେହେରା ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ବହୁ ଭିନ୍ନକ୍ଷମ ଅଛନ୍ତି ଯେଉଁମାନେ ଏବେବି ଅବହେଳିତ ଅବସ୍ଥାରେ ଅଛନ୍ତି। ତେଣୁ ସଚେତନତା ମାଧମରେ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ରିଟେନର ବିଜୟ କୁମାର ରାଉତ ଧନ୍ୟବାଦ ପ୍ରଦାନ କରିଥିଲା ବେଳେ କୋର୍ଟର ସମସ୍ତ ଆଇନଜୀବୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ସ୍ୱତନ୍ତ୍ର ଜିଲା ଗଠନ ଦାବି ତେଜିଲା

ଯାଜପୁର ଅଫିସ,୪।୧୨

▮ କଳିଙ୍ଗନଗର ନାମ ପ୍ରସ୍ତାବ
▮ ୨୦ରେ ପରବର୍ତ୍ତୀ ରଣକୌଶଳ ବୈଠକ

ରାଜ୍ୟର ବିଭିନ୍ନ ଜିଲାରେ ସ୍ୱତନ୍ତ୍ର ଜିଲା ଗଠନ ଦାବି ହେଉଥିବାବେଳେ କଳିଙ୍ଗନଗର ମଧ୍ୟ ପଛରେ ପଡ଼ିନାହିଁ। ଏହିକ୍ରମରେ ଯାଜପୁର ଜିଲା ବ୍ୟାସନଗରଠାରେ ରବିବାର ଏକ ବୈଠକରେ କଳିଙ୍ଗନଗର ନାମରେ ସ୍ୱତନ୍ତ୍ର ଜିଲା ଗଠନ ଦାବିକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସହରର ବିଭିନ୍ନ ବର୍ଗର ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଆସନ୍ତା ୨୦ ତାରିଖରେ ଏହି ଦାବିକୁ ନେଇ ରଣକୌଶଳ ପ୍ରସ୍ତୁତ କରାଯିବ ବୋଲି ମତପ୍ରକାଶ ପାଇଛି।

ବୈଠକରେ ରାଜୁ ଦାସ କମିଶନ ରିପୋର୍ଟ ଅନୁଯାୟୀ ପ୍ରସ୍ତାବିତ ଉତ୍ତର କଟକ ଜିଲାଠାରୁ ଦୁଇପାଦ ଆଗକୁ ଯାଇ ବିଜୁ ବାବୁ ୧୯୯୩ରେ ସ୍ୱତନ୍ତ୍ର ଯାଜପୁର ଜିଲା ଗଠନ କଲେ ବୋଲି ଆଲୋଚନା ହୋଇଥିଲା। ତେବେ ଜିଲା ଗଠନର ୨୭ ବର୍ଷ ପରେ ମଧ୍ୟ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବ୍ୟାସନଗର ଓ ଚଣ୍ଡିଖୋଲକୁ ସବଡିଭିଜନ ମାନ୍ୟତା ମିଳିଲା ନାହିଁ। ଫଳରେ ଏହି ଅଞ୍ଚଳ ୨୦ ବର୍ଷ ପଛକୁ ଫେରିଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ବହୁ ଘରୋଇ ଶିଳ୍ପପତି ବଡ଼ ବଡ଼ କାରଖାନା ପ୍ରତିଷ୍ଠା କରିଛନ୍ତି, ହେଲେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରି ବାହାର ରାଜ୍ୟର ଲୋକଙ୍କୁ ଅଗ୍ରାଧିକାର ମିଳୁଛି। ଏଥିଯୋଗୁ ସ୍ଥାନୀୟ ଶିକ୍ଷିତ ଯୁବତୀଯୁବକଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧିଛି। କାରଖାନାର ଧୂଳିଧୂଆଁରେ ଆଉଟୁପାଉଟୁ ହେଉଥିବା ଲୋକେ ବଞ୍ଚିବାର ରାହା ଖୋଜୁଛନ୍ତି। ଶିକ୍ଷା କ୍ଷେତ୍ରରେ ନୂତନ ଭାବେ କୌଣସି ଇଞ୍ଜିନିୟରିଂ କଲେଜ ବା ମେଡିକାଲ କଲେଜ ଏ ଅଞ୍ଚଳ ପାଇଁ ସ୍ୱପ୍ନ ହୋଇଛି। କେନ୍ଦ୍ରୀୟ ଯୋଜନାରେ ଜିଲା ପାଇଁ ହେବାକୁ ଥିବା ମେଡିକାଲ କଲେଜ ପାଣିକୋଇଲିରେ କରିବାକୁ ମାସ ମାସ ଧରି ଆନ୍ଦୋଳନ ହୋଇଥିଲେ ହେଁ ଯାଜପୁରରେ ନିର୍ମାଣାଧୀନ ରହିଛି। ସ୍ୱାସ୍ଥ୍ୟକ୍ଷେତ୍ରରେ ଦାନଗଦି, ବ୍ୟାସନଗର, ସୁକିନ୍ଦା ଆଦି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ଯନ୍ତ୍ରପାତି ନାହିଁ। ରୋଗୀମାନଙ୍କ ସେବା ହରି ଭରସାରେ ଚାଲିଛି। ଜିଲା ଖଣିଜ ପାଣ୍ଠିର ଉପଯୋଗ ଠିକ୍ ଭାବେ କରାଯାଉନାହିଁ। କାରଖାନାର ସିଏସ୍ଆର୍ ଫଣ୍ଡ ମଧ୍ୟ ଠିକ୍ ଭାବେ ବିନିଯୋଗ ହେଉନାହିଁ। ଅପପୁଷ୍ଟି ପାଇଁ ଚର୍ଚ୍ଚିତ ନଗଡ଼ା କେବଳ ଭାତହାଣ୍ଡିରୁ ଗୋଟିଏ ପରି। ଏବେ ବି ଶତାଧିକ ଗ୍ରାମକୁ ସବୁଦିନିଆ ରାସ୍ତା ସଂଯୋଗ ହୋଇ ପାରିନାହିଁ। ବୃତ୍ତାନ୍ତ ପଟ୍ଟା ପ୍ରକାଶନ ହୋଇ ପାରୁନାହିଁ। ଜଙ୍ଗଲ କିସମ ଜମି ନାମରେ ୧୨୦୦ରୁ ଊର୍ଦ୍ଧ୍ୱ ମାମଲା ପଡ଼ିରହିଛି। ଫଳରେ ବ୍ୟାସନଗରର ବହୁ ସଂଖ୍ୟକ ଲୋକ ଅନିଶ୍ଚିତତାରେ ରହିଛନ୍ତି। ସେମାନଙ୍କୁ ପ୍ରଶାସନ ନ୍ୟାୟ ଦେଇ ପାରୁନାହିଁ। ଭୂମିହୀନଙ୍କୁ ସରକାରୀ ଜମି ପଟ୍ଟା ମିଳିବା ସପନ ହୋଇଛି। ୨୦୧୧ ଜନଗଣନା ଅନୁଯାୟୀ ଯାଜପୁର ଜିଲାର ଲୋକସଂଖ୍ୟା ୧୮ ଲକ୍ଷ ୨୭ହଜାର ୧୯୨। ବର୍ତ୍ତମାନ ତାହା ପ୍ରାୟ ୨୨ ଲକ୍ଷରୁ ଅଧିକ ହେଲାଣି ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହାବାଦ ଜିଲା ବିଭାଜନ ସମୟରେ କେନ୍ଦୁଝର ଜିଲା ପୂର୍ବବତ ରହିଛି। ଆନନ୍ଦପୁରଠାରୁ କେନ୍ଦୁଝରର ଦୂରତା ୮୦ କିମି। ଆନନ୍ଦପୁର ବ୍ଲକ ସମେତ ଆନନ୍ଦପୁର ମ୍ୟୁନିସିପାଲିଟି, ହାଟଡିହି ଓ ଘସିପୁରା ବ୍ଲକ ଏବଂ ଯାଜପୁର ଜିଲାର କୋରେଇ ଓ ସୁକିନ୍ଦା ନିର୍ବାଚନମଣ୍ଡଳୀର ପାଣିକୋଇଲି, ଯାଜପୁରରୋଡ, କୋରେଇ, ଯଖପୁରା, କଳିଙ୍ଗନଗର, ଟମକା, ସୁକିନ୍ଦା, କାଳିଆପାଣି ଆଦି ଥାନା ଅଞ୍ଚଳକୁ ନେଇ ଏକ ନୂତନ ଜିଲା ଗଠନ ପାଇଁ ବୈଠକରେ ପ୍ରସ୍ତାବ ହୋଇଥିଲା। ଏହିସବୁ ଅଞ୍ଚଳର ଜନସଂଖ୍ୟା ୧୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ। ବୈଠକରେ ସୂଚିତ କରାଯାଇଥିଲା ଯେ, ୨୦୧୧ ଜନଗଣନା ଅନୁଯାୟୀ ଅନୁଗୋଳ ଜିଲାର ଲୋକସଂଖ୍ୟା ୧୨,୭୩,୮୨୧ ଥିବାବେଳେ ନବରଙ୍ଗପୁରର ୧୨,୨୦,୯୪୬, ଢେଙ୍କାନାଳର ୧୧,୯୨,୮୧୧ ରହିଥିଲା। ୧୩ଲକ୍ଷରୁ କମ୍ ଲୋକସଂଖ୍ୟା ସତ୍ତ୍ୱେ ଏସବୁ ଜିଲା ହୋଇପାରିଛି । ତେଣୁ ପ୍ରଶାସନିକ ସୁବିଧା, ସର୍ବାଙ୍ଗୀନ ଉନ୍ନତି ତଥା ସାଧାରଣ ଲୋକଙ୍କ ସମୃଦ୍ଧି ନିମନ୍ତେ ଉପରୋକ୍ତ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ଜିଲା ଗଠନ କରାଯାଉ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ଆବାହକ ଚନ୍ଦ୍ରଶେଖର ପଣ୍ଡା, ଚିନ୍ତାମଣି ପାଢ଼ୀ, ପ୍ରଶାନ୍ତ କୁମାର ରାୟ, ସଦାଶିବ ଦାଶ, ସରୋଜ କୁମାର ଦେ, ନିରଞ୍ଜନ ଘଡେଇ, ଜ୍ଞାନରଞ୍ଜନ ରାଉତ, ସୁବାସ ଚନ୍ଦ୍ର ବଳସାମନ୍ତ, ପ୍ରଦୀପ ଚାନ୍ଦ, ରାଇଚରଣ ମହାନ୍ତି, ରଙ୍ଗବଲ୍ଲଭ ସାହୁ, ଅମୀୟରଞ୍ଜନ ଘଡେଇ, ଶୁଭେନ୍ଦୁ କୁମାର ଦାଶ, ମହେଶ୍ୱର ନାୟକ, ରବୀନ୍ଦ୍ର କୁମାର ନାୟକ, ଉମାକାନ୍ତ ରାଉତ, ଶୁଭାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା, ବାଳିକା ବିରୋଧୀ ହିଂସା ନିରୋଧ ପକ୍ଷ



ମହିଳା ଏବଂ ବାଳିକା ବିରୋଧୀ ହିଂସା ନିରୋଧ ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଯାଜପୁର ଟାଉନ,୪।୧୨(ଡି.ଏନ.ଏ.)

ବିରଜା ମହିଳା ମହାବିଦ୍ୟାଳୟରେ ମହିଳା ଓ ବାଳିକାଙ୍କ ପ୍ରତି ଘରୋଇ ହିଂସା ନିରୋଧ ପକ୍ଷ ପାଳନ କରାଯାଇଛି। ଏଥିରେ ମହିଳାମାନଙ୍କ ଉପରେ ହେଉଥିବା ବଳାତ୍କାର, ଘରୋଇ ହିଂସା, ଯୌନଶୋଷଣ, ବାଲ୍ୟ ବିବାହ ଓ ଅନ୍ୟ ହିଂସା ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସୁରକ୍ଷା ଅଧିକାରୀ ସଂଯୁକ୍ତା ଘଡ଼ାଇ ଯୋଗଦେଇ ସଚେତନତାର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଶଖିର କେନ୍ଦ୍ର ପରିଚାଳିକା ନିବେଦିତା ଶରଣ କାର୍ଯ୍ୟକ୍ରମ ପରିଚାଳନା କରିବା ସଙ୍ଗେସଙ୍ଗେ ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବିରଜା ମହିଳା ମହାବିଦ୍ୟାଳୟ ଅଧକ୍ଷ ଅଖିଳ ରଞ୍ଜନ ପାଢ଼ୀ ଓ ଅନ୍ୟ ଅଧ୍ୟାପିକା ଯୋଗ ଦେଇଥିଲେ। ଏଥିସହିତ ୱାନ୍ ଷ୍ଟପ୍ ସେଣ୍ଟରର ମହିଳା କର୍ମୀ ଇତିଶ୍ରୀ ମହାନ୍ତି, ବନପ୍ରିୟା ଦାସ ଓ ରୋଜାଲିନ୍ ରାଉତ ଯୋଗ ଦେଇଥିଲେ। ଶେଷରେ ରଞ୍ଜିତା ବାରିକ ଧନ୍ୟବାଦ ଦେଇଥିଲେ। ନଭେମ୍ବର ୨୫ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ମହିଳା ହିଂସା ନିରୋଧ ପକ୍ଷ ୧୩ ଦିନ ଧରି ପାଳନ କରାଯାଉଛି ଏବଂ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି।

## ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ଭିନ୍ନକ୍ଷମ ଦିବସ


ଟାଟା ଷ୍ଟିଲ୍‌ର ଅଧିକାରୀଙ୍କ ଗହଣରେ ଖଣି ଅଞ୍ଚଳର ବିଭିନ୍ନ ଗ୍ରାମରୁ ଆସିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅନ୍ୟମାନେ।

କାଳିଆପାଣି,୪।୧୨(ଡି.ଏନ.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଟାଟା କଲୋନୀ ପରିସର କାଟେପୁର୍ତ୍ତି ଅଡିଟରିୟମଠାରେ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ ପକ୍ଷରୁ ଶନିବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହିଅବସରରେ କମ୍ପାନୀ ଦ୍ୱାରା ପରିଚାଳିତ ସବଳ କେନ୍ଦ୍ର ସୁକିନ୍ଦା ପକ୍ଷରୁ ଦିବ୍ୟଙ୍ଗମାନଙ୍କୁ ନେଇ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖଣି ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶତାଧିକ ଦିବ୍ୟାଙ୍ଗ ଯୋଗଦେଇ ନୃତ୍ୟ, ଗୀତ ସହିତ ନିଜ ଭିତରେ ଲୁକ୍କାୟିତ ପ୍ରତିଭାକୁ ସୁନ୍ଦର ଭାବେ ଅଭିନୟ କରି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍‌ର ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଟାଟା ଷ୍ଟିଲ୍ ଫାଉଣ୍ଡେଶନର ବରିଷ୍ଠ ଅଧିକାରୀ ଦେବଞ୍ଜନ ମୁଖାର୍ଜୀ, ନୃପରାଜ ମହାନନ୍ଦ, ମାଧୁରୀ ଚକ୍ରବର୍ତ୍ତୀ, ଅମ୍ରିତ ଆଚାର୍ଯ୍ୟ, ସୋମେନ ସାହା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ସହ ଖୁସି ବାଣ୍ଟିଥିଲେ।

## ଶୌର୍ଯ୍ୟ ଦିବସ ପ୍ରସ୍ତୁତି

ଯାଜପୁର ଟାଉନ,୪।୧୨(ଡି.ଏନ.ଏ.): ଯାଜପୁର ବିଶ୍ୱ ହିନ୍ଦୁପରିଷଦ ବଜରଙ୍ଗ ଦଳ କାର୍ଯ୍ୟାଳୟ ଜାଉଳିବନ୍ଧଠାରେ ଆସନ୍ତା ୬ତାରିଖରେ ହେବାକୁ ଥିବା ଶୌର୍ଯ୍ୟ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏନେଇ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରାଯାଇଛି। ମଙ୍ଗଳବାର ଯାଜପୁର ସହର କୁସୁମା ପୋଖରୀ ସମ୍ମୁଖ ପଡ଼ିଆରୁ ଶୌର୍ଯ୍ୟ ଯାତ୍ରା ବାହାରି ଗଣେଶ ମଣ୍ଡପ, ଯୋଡିକୁଅଛକ, ଗରିଆପୁର, ବଡ଼ବଜାର, ମାର୍କେଟଛକ, ଗାନ୍ଧିଛକ, ଷ୍ଟେଟ୍‌ବ୍ୟାଙ୍କ ସାମ୍ନା, ରେଡକ୍ରସଛକ, ମେଡିକାଲଛକ ଦେଇ କୁସୁମା ପୋଖରୀ ସମ୍ମୁଖ ପଡିଆରେ ଶେଷ ହେବ। ଏଥିରେ ପ୍ରାନ୍ତୀୟସ୍ତରର କାର୍ଯ୍ୟକର୍ତ୍ତା ଯୋଗଦାନ କରିବେ ବୋଲି ସୂଚନା ଦିଆଯାଇଛି।

## ଭତ୍ତା ଟଙ୍କା ପାଇଁ ବୃଦ୍ଧାବୃଦ୍ଧ ହୀନସ୍ତା


ସିଂହପୁର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ହିତାଧିକାରୀ ଭିଡ଼ ଜମାଇଛନ୍ତି।

ସିଂହପୁର,୪।୧୨(ଡି.ଏନ.ଏ.)

ବିଭିନ୍ନ ଭତ୍ତା ଟଙ୍କା ପାଇଁ ବୃଦ୍ଧାବୃଦ୍ଧ ଓ ବିଧବା ହୀନସ୍ତା ହେଉଛନ୍ତି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ଟଙ୍କା ପାଇଁ ବହୁ ବୃଦ୍ଧାବୃଦ୍ଧ ସକାଳଠାରୁ ଅପରାହ୍ନ ପର୍ଯ୍ୟନ୍ତ ଅପେକ୍ଷାକରି ଟଙ୍କା ନେଉଥିବା ଦେଖିବାକୁ ମିଳୁଛି। ଏବେ ହିତାଧିକାରୀଙ୍କୁ ସେମାନଙ୍କ ବ୍ୟାଙ୍କ୍ ଖାତାରେ ଟଙ୍କା ପଠାଇବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଅନେକଙ୍କ ଖାତାକୁ ଟଙ୍କା ଯାଉନାହିଁ। ଫଳରେ ସେମାନେ ପ୍ରତିମାସ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଟଙ୍କା ଆଣୁଛନ୍ତି। ଏଥିପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ସେମାନଙ୍କୁ ଗୋଟିଏ ଦିନ ବସିରହିବାକୁ ପଡୁଛି। ଏହାକୁ ନେଇ ସମ୍ପୃକ୍ତ ବ୍ୟକ୍ତିମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏପରି କି କେତେଜଣ ଟଙ୍କା ନେଇ ନ ପାରି ଫେରି ଯାଉଛନ୍ତି। ସିଂହପୁର ସମେତ ବିଭିନ୍ନ ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ତେଣୁ ସମସ୍ତ ହିତଧିକାରୀଙ୍କୁ ବ୍ୟାଙ୍କ୍ ଖାତା ଜରିଆରେ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ହିତାଧିକାରୀ ଦାବି କରିଛନ୍ତି।

## ବିଦ୍ୟୁତ୍ କର୍ମଚାରୀ ମହାସଂଘର ବୈଠକ


ବୈଠକରେ ଉପସ୍ଥିତ ମହାସଂଘର କର୍ମକର୍ତ୍ତା।

ଯାଜପୁର ରୋଡ,୪।୧୨(ଡି.ଏନ.ଏ.)

ଓଡ଼ିଶା ରାଜ୍ୟ ବିଦ୍ୟୁତ କର୍ମଚାରୀ ମହାସଂଘର ଯାଜପୁର ରୋଡ ଏବଂ ଯାଜପୁର ଟାଉନ ଡିଭିଜନ ଶାଖାର ଏକ ସାଙ୍ଗଠନିକ ବୈଠକ ରବିବାର ବ୍ୟାସ ସରୋବରରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ରୋଡ ଡିଭିଜନର ଡିଭିଜନାଲ ସେକ୍ରେଟାରୀ ବିପ୍ଲବ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଟାଟା ପାୱାର ଅଧୀନରେ କାର୍ଯ୍ୟରତ ବିଦ୍ୟୁତ ବିଭାଗର ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଜୋନାଲ ସେକ୍ରେଟାରୀ ଏବଂ ଅର୍ଗାନାଇଜରଙ୍କ ପରାମର୍ଶ କ୍ରମେ ଯାଜପୁର ସର୍କଲଠାରେ ଆଗକୁ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ହିମାଂଶୁ ଦାସ, ମୁନି ସାହୁ, ଗୋକୁଳାନନ୍ଦ ମହାପାତ୍ର, ପ୍ରଜ୍ଞାପରମିତା ମିଶ୍ର, ବିଷ୍ଣୁପଦ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ନ୍ୟାୟ ପାଇଁ ୪ର୍ଥ ଶ୍ରେଣୀ କର୍ମଚାରୀ ଏସ୍‌ପିଙ୍କ ଦ୍ୱାରସ୍ଥ

ପାଣିକୋଇଲି,୪।୧୨(ଡି.ଏନ.ଏ.)


ବଳରାମ ଯେନା

ଅର୍ଥ ବାଟମାରଣାକୁ ନେଇ ପ୍ରତିବାଦ କରିବାରୁ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଚାକିରି ହରାଇବାର ଧମକ ମିଳିଛି। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ନ୍ୟାୟ ନ ପାଇବାରୁ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ହେଲେ ଯାଜପୁର ଥାନା ଅନ୍ତର୍ଗତ ଏକ ମହାବିଦ୍ୟାଳୟର ଯୁକ୍ତ ୩ ବିଭାଗ ଚତୁର୍ଥ ଶ୍ରେଣୀ କର୍ମଚାରୀ ବଳରାମ ଯେନା। ମହାବିଦ୍ୟାଳୟରେ ଦଳିତ, ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ସରକାରୀ ସୁବିଧାକୁ ହଡ଼ପ କରାଯାଉଥିବା ବେଳେ ଏହାର ସେ ପ୍ରତିବାଦ କରିଥିଲେ। ଫଳସ୍ୱରୁପ ତାଙ୍କୁ ଜାତିଆଣା ଆକ୍ଷେପ ସହ ଚାକିରିରୁ ବିଦା କରିବାକୁ କୁହାଯାଇଥିଲା। ଏନେଇ ସେ ଯାଜପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ସେଠାରେ ତାଙ୍କୁ ନ୍ୟାୟ ମିଳି ପାରିନାହିଁ। ତେଣୁ ସେ ପାଣିକୋଇଲିସ୍ଥିତ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି।

ବଳରାମ ୮ ବର୍ଷ ଧରି ସମ୍ପୃକ୍ତ ମହାବିଦ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ମାତ୍ର ଗତ ୧ତାରିଖରେ ମହାବିଦ୍ୟାଳୟ ଅଧକ୍ଷ ତାଙ୍କୁ ଅଫିସକୁ ଡାକି ଆଉ କଲେଜ ଆସିବ ନାହିଁ ବୋଲି କହିଥିଲେ। ଜଣେ ଦିବ୍ୟାଙ୍ଗଙ୍କୁ ଚାକିରିରୁ ବାହାର କଲେ ସେ କ'ଣ କରିବ ବୋଲି କହିଥିଲେ ବଳରାମ। ହେଲେ ସେଠାରେ ଉପସ୍ଥିତ ଥିବା ଜଣେ କର୍ମଚାରୀ ତାଙ୍କୁ ଧମକ ଦେଇଥିଲେ। ୨ ତାରିଖରେ ବଳରାମ କଲେଜକୁ ଅସିବାରୁ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଜାତିଆଣା ଆକ୍ଷେପ କରିବା ସହ କଲେଜରୁ ଆଗରୁ ଅନେକଙ୍କୁ ବାହାର କରିଛି ତମକୁ ମଧ୍ୟ ବାହାର କରିବି ବୋଲି କହିଥିଲେ। ତେବେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯବାକୁ ବଳରାମଙ୍କୁ ପ୍ରତିଶ୍ରୁତି ମିଳିଛି। ହେଲେ ଆଗକୁ କ'ଣ ଘଟୁଛି ତାହା ଦେଖିବାକୁ ବାକି ରହିଲା। ଏନେଇ ଯାଜପୁର ଥାନା ଅଧିକାରୀ ଓ ସମ୍ପୃକ୍ତ ମହାବିଦ୍ୟାଳୟ ଅଧକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## କୁରାଳ ପଞ୍ଚମୀ ପର୍ବ ପାଳିଲେ କୁମ୍ଭକାର



ପ୍ରୀତିପୁର,୪।୧୨(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅଧୀନ ଓଳେଇ ଚନ୍ଦନପୁର ପଞ୍ଚାୟତର କଣଛନ୍ଦା ଗ୍ରାମରେ କୁମ୍ଭକାରମାନଙ୍କ କୁରାଳପଞ୍ଚମୀ ପୂଜା ରବିବାର ଉଦ୍‌ଯାପିତ ହୋଇଯାଇଛି। ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଠାରୁ ଏହି ପୂଜା ୫ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଜନ,କୀର୍ତ୍ତନ ଆଦି ପରିବେଷଣ କରାଯାଇଥିଲା। ସବୁଜ ଓଡିଶା ତରଫରୁ ସମ୍ପାଦକ ତଥା ନ୍ୟାଶନାଲ ଫିଲ୍ମ ଆଣ୍ଡ ଟେଲିଭିଜନର ପୂର୍ବତନ ଛାତ୍ର ସରୋଜ ସାହୁଙ୍କ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଓୟେ ଓୟେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନ ପକ୍ଷରୁ ଅଜୟ ରାଉଳ, ପ୍ରଦୀପ ରାଉଳ, ଜନ୍ମେଜୟ ରାଉଳ, ଅଗଣୀ ଚରଣ ରାଉଳ, ବୈଷ୍ଣବ ରାଉଳ, ଚୈତନ୍ୟ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

## ଇଂଲିଶ ବିଭାଗର ଆଲୋଚନାଚକ୍ର

ବାଲିଚନ୍ଦ୍ରପୁର, ୪।୧୨ (ସ୍ୱ.ପ୍ର.)

ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟରେ ଇଂଲିଶ ବିଭାଗର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ଅଧ୍ୟାପିକା ହିରଣ୍ମୟୀ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଲୋଚନାଚକ୍ର ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟ ରସାୟନ ବିଭାଗ ମୁଖ୍ୟ ପ୍ରଫେସର ପ୍ରତାପ କୁମାର ସାହୁ ଆଲୋଚନାରେ ଅଂଶଗ୍ରହଣ କରି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ସମାଜ ବିଜ୍ଞାନର ମୁଖ୍ୟ ସରୋଜ ରଞ୍ଜନ ଜେନା ବିଷୟ ଭିତ୍ତିକ ଆଲୋଚନା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଅନୁପ୍ରାଣିତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜୀବବିଜ୍ଞାନ ଡେମନଷ୍ଟ୍ରେଟର ପ୍ରଦୀପ କୁମାର ବିଶ୍ୱାଳ, ଅଧ୍ୟାପିକା ପଦ୍ମାବତୀ ରାଉତ, ବର୍ଷାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବନସ୍ମିତା ବେହେରା, ସାହେଜା ପରୱିନ୍, ନିବେଦିତା ନାୟକ, ଋତୁପର୍ଣ୍ଣା ପରିଡ଼ା, ମୁସ୍କାନ ପରୱିନ୍, ଶ୍ୱେତପଦ୍ମା ସାମଲ, ସୌମ୍ୟରଞ୍ଜନ ମହାରଣା ଓ ଚିନ୍ମୟ ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା କାମିନୀ ମାଝି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୋନାଲିସା ସାହୁ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

## ରୋଗୀସେବା ବାଧାପ୍ରାପ୍ତ ନେଇ ଉଦ୍‌ବେଗ

ରସୁଲପୁର,୪।୧୨(ଡି.ଏନ.ଏ.)

**ଜନ ଆରୋଗ୍ୟ ପରିଚାଳନା ସମିତି ବୈଠକ**

ରସୁଲପୁର ବ୍ଲକ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ପରିଚାଳିତ ଲକ୍ଷ୍ମୀନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର)ରେ ଜନ ଆରୋଗ୍ୟ ପରିଚାଳନା ସମିତି ବୈଠକ ସମିତି ଅଧକ୍ଷ ତଥା ୩୩ ନଂ. ଜୋନ୍ ଜିଲାପରିଷଦ ସଭ୍ୟ ଶିଶିର କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ରୋଗୀ ସେବାକୁ ପ୍ରାଧାନ୍ୟ ଦିଆଯିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିସହ କେନ୍ଦ୍ରକୁ କାୟାକଳ୍ପ ପାଇଁ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ଡାକ୍ତରଖାନାର ବାୟୋ ଆବର୍ଜନାର ସୁପରିଚାଳନା, ପରିସରରେ ସ୍ୱଚ୍ଛତା ବଜାଇ ରଖିବା, ଡାକ୍ତରାଖାନରେ କିଚେନ ଗାଡେନ, ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ବଗିଚାକୁ ପ୍ରାଧାନ୍ୟ ଦିଆଯିବା ସମ୍ପର୍କରେ ଆଲୋଚନାରେ ସ୍ଥାନ ଦିଆଯାଇଥିଲା। ବର୍ହିର୍ବିଭାଗ ରୋଗୀ ସଂଖ୍ୟାରେ ବୃଦ୍ଧି ଘଟାଇବା ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବାକୁ ପ୍ରସ୍ତାବ ରଖାଯାଇଥିଲା। ବୈଠକରେ ଭାରପ୍ରାପ୍ତ ଅଧିକାରୀ ଡା. ବିଶ୍ୱରଞ୍ଜନ କର, ଡା. ଜୁହି ଅସଫର, ଆୟୁଷ ଡାକ୍ତର ବସନ୍ତ କୁମାର ପଣ୍ଡା, ଡା. ଶୁଭଲକ୍ଷ୍ମୀ ମିଶ୍ର, ସରପଞ୍ଚ ସର୍ବେଶ୍ୱର ସାହୁ, ବିପିଏମ୍ ଜ୍ୟୋତ୍ସ୍ନାମୟୀ ସାହୁ, ବାମ ମଧୁସୂଦନ ଦାସ, ବିଜୟ କୁମାର ଘଟେଇ ପ୍ରମୁଖ ଯୋଗଦେଇ ସମିତି ଓ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜରିଆରେ ଆସୁଥିବା ଅର୍ଥର ସୁବିନିଯୋଗ କରି ଡାକ୍ତରଖାନରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ନିଷ୍ପତ୍ତି ନେଇଥିଲେ।



ଜନ ଆରୋଗ୍ୟ ପରିଚାଳନା ସମିତି ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ନିର୍ଦ୍ଦେଶ ନ ଥାଇ ଉଠୁଛି ବାଲି ଟ୍ରିପ୍

ନାଉଗାଁ,୪।୧୨(ସ୍ୱ.ପ୍ର.): ନାଉଗାଁ ତହସିଲ ଅଞ୍ଚଳ ଅନ୍ତର୍ଗତ ବିଭିନ୍ନ ବାଲି ସଇରାତରୁ ବେଆଇନ ଭାବେ ବାଲି ଚାଲାଣ ହେଉଛି। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏହି ବ୍ଲକ ଅନ୍ତର୍ଗତ ଦେବୀ ନଦୀରେ ଥିବା ୬ଟି ବାଲି ସଇରାତ ପାଇଁ ଡିସେମ୍ବର ୨୦୨୦ରେ ନିଲାମ କରାଯାଇଥିଲା। ସେଗୁଡ଼ିକ ହେଲା ଶିଖର, ବଛାଲୋ(ପୋକାମୂଳ), ଅରଖକୁଦ, ଗଳଦାରୀ, ଏରେଡା, ଅଲଣା-୨(ପାଳେନ୍ଦୀ)। ସେଥିମଧ୍ୟରୁ କେବଳ ୨ ସଇରାତ ଗଳାଦାରୀ ଓ ବଛାଲୋରୁ ବାଲି ଉତ୍ତୋଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ନିର୍ଦ୍ଦେଶ ମିଳି ନ ଥିବା ୪ ସଇରାତ ସମେତ ନିଲାମ ହୋଇ ନଥିବା ଅଙ୍ଗେଶ୍ୱରପଡ଼ା ବାଲି ସଇରାତରୁ ଟ୍ରିପ ଟ୍ରିପ ବାଲି ଉଠାଯାଇ ବାହାରକୁ ଚାଲାଣ ହେଉଛି। କାହା ନିର୍ଦ୍ଦେଶରେ ଏଠାରୁ ବାଲି ଉଠାଯାଉଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିଲାମ ବାଲିଘାଟଗୁଡ଼ିକର ମାଲିକମାନେ ଏପର୍ଯ୍ୟନ୍ତ ଆବଶ୍ୟକ କାଗଜ ଦାଖଲ କରି ନଥିବାରୁ ବାଲି ଉତ୍ତୋଳନ ପାଇଁ ନିର୍ଦ୍ଦେଶ ଦିଆଯାଇ ନାହିଁ ବୋଲି ତହସିଲଦାର ଜେ.କଳ୍ପନା ସୂଚନା ଦେଇଛନ୍ତି। ଚୋରା ବାଲି ଚାଲାଣରେ ଥାନାର କିଛି କର୍ମଚାରୀ ଓ ତହସିଲର କିଛି କର୍ମଚାରୀ ସମ୍ପୃକ୍ତ ଥିବା ନେଇ ସ୍ଥାନୀୟ ଲୋକେ ନାମ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଜେ.କଳ୍ପନା କହିଛନ୍ତି, ବେଆଇନ ବାଲି ଚାଲାଣ କରୁଥିବା ଗାଡିଗୁଡ଼ିକୁ ଧରାଯାଇ ଜରିମାନା ଆଦାୟ କରିବା ସହ ମାଲିକଙ୍କ ନାମରେ ମାମଲା ରୁଜୁ କରାଯାଉଛି।

### ଓଷ୍ଟା ପକ୍ଷରୁ ପଟ୍ଟାମୁଣ୍ଡାଇ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ

ପଟ୍ଟାମୁଣ୍ଡାଇ, ୪।୧୨(ସ୍ୱ.ପ୍ର.): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ପକ୍ଷରୁ ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ ପଟ୍ଟାମୁଣ୍ଡାଇ ବିଲିକଣା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଷ୍ଟା ସମ୍ପାଦକ ବାବାଜୀ ଦାସ, ଶିକ୍ଷା ପ୍ରଦୀପ ପ୍ରାକ୍ତନ ସମ୍ପାଦକ କାଳିପ୍ରସାଦ ନାୟକ, ରାଜ୍ୟ ଉପସଭାପତି ରାଧାକାନ୍ତ ଦାସ, ରବୀନ୍ଦ୍ର ପରିଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ କିପରି ହେବ ସେ ବିଷୟରେ ମତ ବ୍ୟକ୍ତ କରିଥିଲେ। ବ୍ଲକର ପ୍ରାୟ ୩୫ଟି ବିଦ୍ୟାଳୟର ୩ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୩୦ ଜଣଙ୍କୁ ଜିଲା ସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଅପରାହ୍ନରେ ଉଦ୍‌ଯାପନ ତଥା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସମ୍ପାଦକ ନିର୍ମଳ ନାୟକ, ମହାକାଳପଡ଼ା ସମ୍ପାଦକ ଅଶୋକ ମହାପାତ୍ର, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ନୋଡାଲ ପ୍ରଧାନ ଶିକ୍ଷକ କବି ସଚିତ୍ର ବେହୁରା ପ୍ରମୁଖ ଉପସ୍ଥିତ ରହି ସାଙ୍ଗଠନିକ ବିକାଶ, କୃତୀ ଛାତ୍ରୀଛାତ୍ରମାନଙ୍କୁ ବଧେଇ ଜଣାଇଥିଲେ। ଶେଷରେ ପ୍ରାକ୍ତନ ସଭାପତି ରବୀନ୍ଦ୍ର ପରିଡା, ଜିଲା ଉପସଭାପତି ତ୍ରିଲୋକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଷ୍ଟାର କାର୍ଯ୍ୟକାରୀ ସଦସ୍ୟ ଦିଲୀପ କୁମାର ରାଉତ, ଗିରିଜା ଶଙ୍କର ସାମଲ, ଅର୍ଜୁନ ଓଝା, ହାଡ଼ିବନ୍ଧୁ ଭୂୟାଁ, ପ୍ରମୋଦ ବେହେରା, ବୀରେନ୍ଦ୍ର ସାମଲ, ପ୍ରାକ୍ତନ ସଭାପତି ଗୋକୁଳ ରାଉତ ଓ ଏହି ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସାହାଯ୍ୟ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସୁରେଶ ରାଉତ ଧନ୍ୟବାଦ ଦେଇଥିଲେ।

# ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆଢୁଆଳରେ ଭକ୍ତ ବିଦୂରଙ୍କ ମନ୍ଦିର

ଡେରାବିଶ, ୪।୧୨(ସ୍ୱ.ପ୍ର.)



ପୂଜା ପାଉଥିବା ଭକ୍ତ ବିଦୂରଙ୍କ ମୂର୍ତ୍ତି ଓ ମନ୍ଦିର।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ପଞ୍ଚାୟତ ଅରାଖଣ୍ଡ ଗାଁରେ ଥିବା ଭକ୍ତ ବିଦୂରଙ୍କ ମନ୍ଦିର ସାଂସ୍କୃତିକ ଓ ଇତିହାସର ସ୍ମୃତି ବହନ କରି ଆସୁଥିବା ବେଳେ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏହି ମନ୍ଦିର ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଇଛି। ସାମାଜିକ କର୍ମୀ ବଟକୃଷ୍ଣ ସାମଲଙ୍କ ସୂଚନା ଅନୁଯାୟୀ, ଦ୍ୱାପର ଯୁଗରେ ସର୍ବସ୍ୱ ହାରିବା ପରେ କୌରବ ବଂଶର ମହାମାନୀ ରାଜା ଦୁର୍ଯ୍ୟୋଧନଙ୍କ ନିକଟରେ ପାଣ୍ଡବ ୫ ଭାଇ ୫ ଖଣ୍ଡ ପଡ଼ା ମାଗିଥିଲେ। ମାତ୍ର କ୍ରୁର ଦୁର୍ଯ୍ୟୋଧନଙ୍କ ଦୃଷ୍ଟିରୁ ଅପସରିବା ପାଇଁ ପାଣ୍ଡବ ୫ ଭାଇଙ୍କ ଅଜ୍ଞାତବାସ ସମୟରେ ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଡେରାଡିହସ୍ଥିତ ଘଞ୍ଚ ଅରଣ୍ୟାନୀ ମଧ୍ୟରେ ଗୋବରୀ ନଦୀ କୂଳରେ ବାସ କରିଥିଲେ। ଏହାର ଅନତି ଦୂରରେ ଓଳକଣା ମେଳଣ ସନ୍ନିକଟ ଅରାଖଣ୍ଡ ଗ୍ରାମରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଭଗବାନ ଶ୍ରୀକୃଷ୍ଣଙ୍କର ପରମପ୍ରିୟ ଭକ୍ତ ବିଦୂର ଏକ ଆଶ୍ରମ କରି ଅବସ୍ଥାନ କରୁଥିବା ନେଇ ଜନଶ୍ରୁତି ରହିଛି। ତେବେ ଏହି ସମୟରେ ଭଗବାନ ଶ୍ରୀକୃଷ୍ଣ ବିଦୂରଙ୍କ ଆଶ୍ରମରେ ଅତିଥି ଭାବେ କିଛିଦିନ ଅବସ୍ଥାନ କରିଥିଲେ। ସେହି ସମୟରେ ଭଗବାନଙ୍କୁ ବିଦୂର ପଖାଳ ଓ ଶାଗଭଜା ଦେଇ ଆତିଥ୍ୟ ପ୍ରଦାନ କରିଥିଲେ। ବିଦୂରଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ବର ପ୍ରଦାନ କରିବା ନିମନ୍ତେ ଇଚ୍ଛା ପ୍ରକାଶ କରିବାରୁ ବିଦୂର ଫାଲଗୁନ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ହରିହରଙ୍କ ମିଳନ ପର୍ବ ଦର୍ଶନ ପାଇଁ ପ୍ରାର୍ଥନା କରିଥିଲେ। ତେବେ ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତି କୁହନ୍ତି, ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରଦତ୍ତ ବରଦାନର ମୂକସାକ୍ଷୀ ପାଲଟି ଯାଇଛି କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳିରେ ଅବସ୍ଥିତ ପ୍ରସିଦ୍ଧ ଓଳକଣା ମେଳଣ। ଫାଲଗୁନ ଚତୁର୍ଦ୍ଦଶୀ ତିଥିରେ ଅନୁଷ୍ଠିତ ଏହି ମେଳଣକୁ ଆସୁଥିବା ସମସ୍ତ ବିମନରେ ରାଧାକୃଷ୍ଣ ଉପବେଶନ କରୁଥିବା ବେଳେ ସ୍ଥାନୀୟ ମାହାଙ୍ଗା ବ୍ଲକ ଶ୍ରୀଭଦ୍ରେଶ୍ୱରଙ୍କ ମନ୍ଦିରରୁ ସ୍ୱୟଂ ଶିବଶକ୍ତି ମେଳଣ ପଡ଼ିଆକୁ ପ୍ରବେଶ କରିଥାନ୍ତି। ତେବେ ଶହଶହ ବର୍ଷ ଧରି ଏହି ପରମ୍ପରା ଇତିହାସର ସ୍ମୃତିର ଆଇନା ପାଲଟି ଯାଇଛି। ଦର୍ଶନାଭିଳାଷୀ ଭକ୍ତ ବିଦୂର ଏହି ମହାମିଳନ ପର୍ବର ଦୃଶ୍ୟ ଦର୍ଶନ କରିବା ସହ ସେହି ସମୟଟିରେ ଉପସ୍ଥିତ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଭକ୍ତି ଓ ଅଲୌକିକ ଭାବନା ଯେପରି ଜାଗରିତ ହୋଇ ଉଠେ। ମେଳଣ ପଡ଼ିଆରେ ଶ୍ରୀଭଦ୍ରେଶ୍ୱରଙ୍କ ବିମାନ ପହଞ୍ଚିବା ପରେ ୧୦୮ ଘଣ୍ଟ ପଟୁଆର ମଧ୍ୟରେ ଆଳତି ବିଦୂରଙ୍କ ମନ୍ଦିର ଯାଇଥାଏ। ଚତୁର୍ଦ୍ଦଶୀ ତିଥିର ସନ୍ଧ୍ୟାରେ ବିଦୂର ମନ୍ଦିରରେ ଶାଗ, ଦହିପଖାଳର ନୈବିଦ୍ୟ ପାଇଁ ମାନସିକଧାରୀଙ୍କ ଗହଳି ଲାଗିଥାଏ। ଐତିହାସିକ ତଥା ବୌଦ୍ଧ ଗବେଷକ ଡ. ହରିଶ୍ଚନ୍ଦ୍ର ପ୍ରୁଷ୍ଟିଙ୍କ କହିବାନୁଯାୟୀ ସମ୍ଭବତଃ ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀ ସମୟରେ ସୋମବଂଶୀ ରାଜାମାନେ ବୌଦ୍ଧ ଧର୍ମକୁ ଲୋପ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଶିବ ଓ ବିଷ୍ଣୁଙ୍କ ମନ୍ଦିର ନିର୍ମାଣ କରାଇଥିଲେ। ତେବେ ପଞ୍ଚୁପାଣ୍ଡବଠାରେ ଥିବା ୫ ଭାଇ, ମାତା କୁନ୍ତି ଓ ଦ୍ରୌପଦୀଙ୍କ ମନ୍ଦିର ସେହି ସମୟରେ ଆରମ୍ଭ ହୋଇଥିବା ଅନୁମାନ କରାଯାଉଛି। ମାତ୍ର ପରବର୍ତ୍ତୀ ସମୟରେ ଏହି ଇଲାକା ଆଳି ରାଜାଙ୍କ ଅଧୀନରେ ରହିଥିବାରୁ ଭକ୍ତ ବିଦୂରଙ୍କ ମନ୍ଦିର ନିର୍ମାଣ କରିଥିବା ଅନୁମାନ କରାଯାଉଛି। ତେବେ ପୁରାଣ ଓ ଐତିହାସିକ ମତ ଯାହା ହେଉନା କାହିଁକି ଭକ୍ତ ବିଦୂରଙ୍କ ମନ୍ଦିର ବହୁ ପୁରାତନ ହୋଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ତେବେ କେନ୍ଦ୍ରାପଡ଼ା ସମେତ କଟକ ଜିଲାର ପରମ ଆରାଧ୍ୟ ପାଲଟିଥିବା ଏହି ମନ୍ଦିର ପ୍ରତି ରାଜ୍ୟ ସଂସ୍କୃତି ବିଭାଗ ଓ ପର୍ଯ୍ୟଟନ ବିଭାଗର ଦୃଷ୍ଟି ନ ପଡ଼ିବା ସମସ୍ତଙ୍କୁ ଚକିତ କରିଛି ବୋଲି ଏଣ୍ଡରର ପୂର୍ବତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ କହିଛନ୍ତି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ବିଭାଗ ଅଧିକାରୀ ଏଚ୍. ତ୍ରିପାଠୀଙ୍କୁ ପଚାରିବାରେ ଏହି ମନ୍ଦିର ସମ୍ପର୍କରେ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ। ପ୍ରସ୍ତାବ ଆସିଲେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଅଣଖିଆ ମୁଖ୍ୟ ଡାକଘରୁ ଲକ୍‌ର ତାଡି ଚୋରି ଉଦ୍ୟମ



ବିରିଡି/ବାଲିଆ, ୪।୧୨ (ଡି.ଏନ.ଏ./ସ୍ୱ.ପ୍ର.)

ବିରିଡି ଥାନା ଅନ୍ତର୍ଗତ ଅଣଖିଆସ୍ଥିତ ମୁଖ୍ୟ ଡାକଘରୁ ଶନିବାର ବିଳମ୍ବିତ ରାତିରେ ଲକର ତାଡି ଚୋରି କରିବାକୁ ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ପଛ ପଟ କବାଟ ଭାଙ୍ଗି ପୋଷ୍ଟ ଅଫିସ ଭିତରକୁ ପଶି ଘର ଭିତରେ ଲାଗିଥିବା ଲକରକୁ ତାଡି ଆଣି କ୍ୟାମ୍ପସ ଭିତରେ ପକାଇ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଭାଙ୍ଗି ନ ପାରିବାରୁ ଲକରକୁ ଛାଡି ଚାଲି ଯାଇଥିଲେ। ରବିବାର ସକାଳୁ ଏହା ଜଣାପଡ଼ିବା ପରେ ପୋଷ୍ଟ ମାଷ୍ଟର ତ୍ରିଲୋଚନ ପ୍ରଧାନ ବିରିଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ. ୨୫୯/୨୨) ରୁଜୁ କରିଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଜରିଆରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏହି ଡାକଘରେ ରାତ୍ର ଜଗୁଆଳି ନ ଥିବା ବେଳେ ସିସିଟିଭି ବ୍ୟବସ୍ଥା ଦୀର୍ଘଦିନ ହେବ ଅଚଳ ରହିଛି। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

# ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଜଗତ୍‌ସିଂହପୁର ଅଫିସ୍, ୪।୧୨

ଜଗତ୍‌ସିଂହପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ମୋଟ ୨୪୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୭ ଜଣ ଭିନ୍ନକ୍ଷମ ରହିଥିଲେ। ଅନ୍ୟ ୨୪୨ ଜଣ ସାଧାରଣ ବର୍ଗର ଥିଲେ।। ୩ଟି ବର୍ଗ ଯଥା ସବୁଜ (୫ରୁ ୮ବର୍ଷ), ଧଳା (୯ରୁ ୧୨ ବର୍ଷ) ଓ ନୀଳ (୧୩ରୁ ୧୬) ବର୍ଗ ମଧ୍ୟରେ ଏହି ପ୍ରତିଯୋଗିତା କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ, ଆଇନ ଅଧିକାରୀ ଜଗନ୍ନାଥ ମିଶ୍ର, ସୁଶାନ୍ତ ମହାନ୍ତି, ଉଷାରାଣୀ ମିଶ୍ର, ତନ୍ମୟ ମହାନ୍ତି, ଅଶ୍ୱିନୀ ଦାସ, ଅନନ୍ତ ଦାସ, ନରେଶ ଗୋଛାୟତ, ମନୀଷା ଗୋଛାୟତ, ସିଲି ପରିଡ଼ା, ବିଜୟଲକ୍ଷ୍ମୀ ମହାରଣା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ନୀଳ ଦଳରୁ ସ୍ୱାଗତ ରାଉତ ଓ ରଶ୍ମିତା ବିନ୍ଧାଣୀ, ଧଳା ଦଳରୁ ପଦ୍ମଜା ମହାନ୍ତି ଓ ଅପରୂପା ମହାନ୍ତି, ସବୁଜ ଦଳରୁ ଅଭିଷିକ୍ତା ମହାନ୍ତି ଓ ଦେବଜାନୀ ମହାରଣା ଯଥାକ୍ରମେ ୧ମ ଓ ୨ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ସ୍ୱପ୍ନା ଦାସ, ପ୍ରିୟଦର୍ଶିନୀ ରାଉତରାୟ, କାଜଲ ମହାପାତ୍ର, ସିର୍ମନ ମହାପାତ୍ର, ଭାଗ୍ୟଶ୍ରୀ ଭୋଇ ଏବଂ ଆର. ଜେ. ଖୁସୀ ପ୍ରମୁଖ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ଦିନରେ ଜିଲାସ୍ତରରେ ପୁରସ୍କୃତ କରାଯିବା ସହ ସେମାନଙ୍କ ଚିତ୍ରାଙ୍କନକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମନୋନୀତ ନିମନ୍ତେ ପଠାଯିବ।


ଜିଲାସ୍ତରୀୟ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଚିତ୍ର ଆଙ୍କୁଛନ୍ତି।

## ସାତପଡ଼ାରୁ ପାରାଦୀପ ସାଇକେଲ ଶୋଭାଯାତ୍ରାକୁ କୁଜଙ୍ଗରେ ସ୍ୱାଗତ

କୁଜଙ୍ଗ,୪।୧୨(ଡି.ଏନ୍.ଏ.)

ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏକ ସାଇକେଲ ଶୋଭାଯାତ୍ରା ନଭେମ୍ବର ୨୫ରେ ପୁରୀ ଜିଲା ସାତପଡ଼ାଠାରୁ ବାହାରି ପାରାଦୀପ ପର୍ଯ୍ୟନ୍ତ ଯାତ୍ରା କରୁଛି। ଡିସେମ୍ବର ୫ରେ ଶେଷ ହେବାକୁ ଥିବା ଏହି ଶୋଭଯାତ୍ରାରେ ୨୨ ଜଣ ପରିବେଶବିତ୍ ସାମିଲ ହୋଇଛନ୍ତି।ଏହି ଟିମ୍ କୁଜଙ୍ଗରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରଯାଇଛି। ଯାତ୍ରାରେ ସାମିଲ ହୋଇଥିବା ମୁମ୍ବାଇର ରାହା, କେରଳର ମନୁ ଅକାବୁଲ, କର୍ଣ୍ଣାଟକର ଶ୍ରୀକୁମାର, କଳାହାଣ୍ଡିର ଶୁଭମ, ପୁରୀର ପ୍ରଫୁଲ୍ଲ ପ୍ରଧାନ, ଭଦ୍ରକର ରଞ୍ଜନ ମଣ୍ଡଳ, ଶ୍ରୀମନ୍ତ ମହାନ୍ତି, ପ୍ରତାପ ଚିହ୍ନରା ପ୍ରମୁଖ ସାଇକେଲ ଯାତ୍ରୀଙ୍କୁ କୁଜଙ୍ଗ ନାଗରିକ ମଞ୍ଚ ସଭାପତି ବାବୁରାମ ଚୌଧୁରୀଙ୍କ ନେତୃତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଏହି ଉତ୍ସବରେ ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁର ପରିବର୍ତ୍ତନ, ପରିବେଶ ନଷ୍ଟର ପ୍ରମୁଖ କାରଣ, ବାଲୁକା ଶଯ୍ୟାରୁ ବିରଳ ମୃତ୍ତିକା ଖନନ, ଉପକୂଳ ପରିବେଶ ଉପରେ ଚର୍ଚ୍ଚା ହୋଇଥିଲା। ପରିବେଶର ସୁଧାର ଆଣିବା ପାଇଁ ସବୁ ସ୍ତରରେ ଦୀର୍ଘସ୍ଥାୟୀ ଉଦ୍ୟମ ଆବଶ୍ୟକ ବୋଲି ଶୋଭାଯାତ୍ରୀ ଦଳ କହିଥିଲେ। ଏହି ସଭାରେ ସୁରେନ୍ଦ୍ର ତପସୁ ପରିବେଶ ସଂକ୍ରାନ୍ତୀୟ ସ୍ୱରଚିତ ଗଣ ସଙ୍ଗୀତ ପାଠ କରିଥିଲେ। ଉକ୍ତ ଶୋଭଯାତ୍ରୀ ଦଳ ସୋମବାର ପାରାଦୀପ ଅଭିମୁଖେ ବାହାରିବେ ବୋଲି ଜଣାପଡିଛି।

## ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ

ବିରିଡି,୪।୧୨(ଡି.ଏନ.ଏ.)



ବିରିଡି ବ୍ଲକ ବାଇଶିମୌଜା ବାସନ୍ଦରା ପଞ୍ଚାୟତ ଦେଇ ପ୍ରବାହିତ ଦେବୀ ନଦୀ କୂଳସ୍ଥିତ ବମ୍ପିଲୋ ମଠରେ ରବିବାର ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ ହୋଇଯାଇଛି। ୩୦୦ ବର୍ଷର ଏହି ମଠରେ ଶ୍ରୀ ଗୋପାଳ ପୂଜା ପାଉଛନ୍ତି। ଚୈତନ୍ୟ ମହାପ୍ରଭୁଙ୍କ ଓଡିଶା ଆଗମନ ପରେ ବିଭିନ୍ନ ମଠରେ ଗୌଡୀୟ ବୈଷ୍ଣବ ସମ୍ପ୍ରଦାୟର ମହନ୍ତ ଓ ସନ୍ନ୍ୟାସୀମାନଙ୍କ ଦ୍ୱରା ଏହି କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ବିଭିନ୍ନ ସ୍ଥାନରୁ ସଂକୀର୍ତ୍ତନ ମଣ୍ଡଳୀମାନେ ଯୋଗ ଦେଇ ନାମ ସଂକୀର୍ତ୍ତନ କରିଥିଲେ। ୫ ଶହରୁ ଉର୍ଦ୍ଧ୍ୱ ଭକ୍ତ ଏଥିରେ ଯୋଗଦେଇ ଶ୍ରୀ ଗୋପାଳଙ୍କ ସମ୍ବନ୍ଧରେ ପ୍ରବଚନ ଶୁଣିଥିଲେ। ଏହି ଅବସରରେ ଶ୍ରୀ ଗୋପାଳଙ୍କ ପାଖରେ ଚଉଷଠି ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଲାଗି କରାଯାଇଥିଲା। ଦୀର୍ଘ ୪୮ ବର୍ଷ ହେବ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମଠରେ ପାଳିତ ହୋଇ ଆସୁଛି ବୋଲି ମଠାଧୀଶ ମହନ୍ତ ଡ. ଚରଣ ଦାସ ପ୍ରକାଶ କରିଛନ୍ତି। ବାଙ୍କ ବିହାରୀ ଦାସ, ନରେଶ ମହାପାତ୍ର, ଶ୍ରୀଧର ବେହେରା, ପବିତ୍ର ବେହେରା ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ। ସେହିପରି ବାରଡିଆସ୍ଥିତ ଜଗନ୍ନାଥଙ୍କ ମନ୍ଦିରରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଇଥିଲା।

## ସଫଳତା ପାଇଁ ଆନ୍ତରିକତା ଅପରିହାର୍ଯ୍ୟ

ରଘୁନାଥପୁର,୪।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେନ୍ତୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ନୂତନ ପରିଚାଳନା ପରିଷଦ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ନାଇଜରର କୁଳସଚିବ ଡ.ଅଭୟ କୁମାର ନାୟକ ଏଥିରେ ପୌରୋହିତ୍ୟ କରି ସଫଳତା ପାଇଁ ଆନ୍ତରିକତା ଅପରିହାର୍ଯ୍ୟ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା, ସଭ୍ୟ ସୁଶ୍ରୀ ଗୀତା ରଥ, ଡ.ସମୀର ପାତ୍ର, ବାବୁଲି ଚରଣ ସ୍ୱାଇଁ, ଶୁଭ୍ରାଂଶୁ ଦ୍ୱିବେଦୀ, ଡ.ବିରସ କୁମାରୀ ନାୟକ ଓ ଅଧ୍ୟାପିକା ସ୍ମିତାରାଣୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟରେ ହୋଇଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷ କରି କଲେଜର ଶୈକ୍ଷିକ ବାତାବରଣକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ କଲେଜର ଅଧ୍ୟାପିକା ଓ ଅଧ୍ୟାପକମାନେ ପରିଷଦର ସମସ୍ତ ସଭ୍ୟାସଭ୍ୟଙ୍କୁ ସମ୍ବର୍ଦ୍ଧିତ କରଥିଲେ। ଶେଷରେ ସଭାପତି ଡ.ନାୟକ ଧନ୍ୟବାଦ ଦେଇଥିଲେ।

# ନିଯୁକ୍ତି, ଉନ୍ନୟନମୂଳକ କାର୍ଯ୍ୟ ଦାବିରେ ଶୋଭାଯାତ୍ରା

ପାରାଦୀପ,୪।୧୨(ସ୍ୱ.ପ୍ର.)

ପାରାଦୀପର ଷଣ୍ଢକୁଦ ବସ୍ତି ନିକଟରେ ପ୍ରସ୍ତାବିତ ଏନ୍‌ଆରଏଲ୍ କମ୍ପାନୀରେ ନିଯୁକ୍ତି ସହ ଉନ୍ନୟନମୂଳକ କାର୍ଯ୍ୟ ଦାବିରେ ଷଣ୍ଢକୁଦ ଗ୍ରାମ କମିଟି ପକ୍ଷରୁ ବହୁ ଲୋକ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରାରେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ। ଏଥିରେ ଷଣ୍ଢକୁଦ ବସ୍ତିର ୩ କାଉନସିଲରଙ୍କ ସମେତ ଉପାଧ୍ୟକ୍ଷା ଛବିଳତା ରାଉତ ଓ ଅନ୍ୟ ୫ ଜଣ କାଉନସିଲର ଉପସ୍ଥିତ ଥିଲେ। ପ୍ରସ୍ତାବିତ ପ୍ରକଳ୍ପରେ ଷଣ୍ଢକୁଦ ଲୋକଙ୍କୁ ନିଯୁକ୍ତି, ଡ୍ରେନ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆଲୋକିକରଣ, ଆଦି ସୁବିଧା ଦେବାପାଇଁ କମିଟି ପକ୍ଷରୁ ପୌରାଧ୍ୟକ୍ଷ ବିଶ୍ୱାଳଙ୍କୁ ଅନୁରୋଧ କରାଯାଇଥିଲା। ଜବାବରେ ବିଶ୍ୱାଳ କହିଥିଲେ, ଷଣ୍ଢକୁଦ ୩ ଟି ୱାର୍ଡର ବେକାରୀଙ୍କୁ ଯୋଗ୍ୟତା ଆଧାରରେ ନିଯୁକ୍ତି ଦେବାପାଇଁ ଆମେ କମ୍ପାନୀ ନିକଟରେ ଦାବି ରଖିଛୁ। କମ୍ପାନୀ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେଇଛି। ମାତ୍ର କେତେଜଣ ମୁଷ୍ଟିମେୟ ଲୋକ ଅଲଗା ସଙ୍ଗଠନ ଜରିଆରେ ଲୋକଙ୍କୁ ଭ୍ରମିତ କରୁଛନ୍ତି କହିଥିଲେ। ଏହା ପୂର୍ବରୁ ଭାଜପା ସମର୍ଥିତ ଷଣ୍ଢକୁଦ ଗ୍ରାମ ସୁରକ୍ଷା ସମିତି ପକ୍ଷରୁ ଓ ବିଧାୟକ ସମ୍ବିତ ରାଉତରାୟଙ୍କ ସମର୍ଥକମାନେ ଷଣ୍ଢକୁଦ ବିକାଶ ପରିଷଦ ସଂଗଠନ ନାମରେ ବିଭିନ୍ନ ଦାବିନେଇ ଶୋଭାଯାତ୍ରା କରିଥିଲେ।


ଶୋଭାଯାତ୍ରାରେ ସାମିଲ ହୋଇଥିବା ସଂଗଠନର ସଦସ୍ୟମାନେ।

# ସାହିତ୍ୟ ମଣିଷକୁ ଗଢ଼େ, ସମାଜକୁ ଯୋଡ଼େ

ବିରିଡି/ବାଲିଆ, ୪।୧୨(ଡି.ଏନ.ଏ./ସ୍ୱ.ପ୍ର.)


ବାର୍ଷିକ ଉତ୍ସବରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଛି।

ସାହିତ୍ୟ ମଣିଷକୁ ଗଢ଼େ ଓ ସମାଜକୁ ଯୋଡ଼େ। ସାହିତ୍ୟ ଓ ସଂସ୍କୃତିର ଅଗ୍ରଗତିକୁ ନେଇ ରାଜ୍ୟ ଓ ଦେଶ ଗୌରବାନ୍ୱିତ ହୋଇଥାଏ। ଭାରତୀୟ ସାହିତ୍ୟ ପୃଥିବୀକୁ ଦିଗ୍‌ଦର୍ଶନ ଦେଇଛି ବୋଲି ରବିବାର ବିରିଡ଼ି ବ୍ଲକ ଦଳେଇଘାଇ ସ୍ଥିତ ଆଷାଢ଼ ସାହିତ୍ୟ ସଂସଦର ୩୧ ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ହାଜିପୁରସ୍ଥିତ ଜେନେସିସ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ସବ କମିଟିର ଅଧ୍ୟକ୍ଷ କବି ନୀଳମଣି ସାହୁ ଅଧ୍ୟକ୍ଷତା କରିଥିଲେ। ଧାନକୁଦ ପୀଠର ପିଠାଧୀଶ ବାବା ଅରକ୍ଷିତ ଦାସ ମହାରାଜ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ବିଶିଷ୍ଟ ସାହିତ୍ୟିକ ଦାଶ୍ ବେନହୁର, ବରେଣ୍ୟ ଅତିଥି କବି ପିନାକି ସିଂ, ସମ୍ମାନିତ ଅତିଥିଭାବେ ଗୀତିକାର ଅରୁଣ ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଯୁବ ସମାଜ ସାହିତ୍ୟ ଓ ସଂସ୍କୃତିକୁ ବଜାୟ ରଖିଲେ ସମାଜରେ ସୁସ୍ଥ ବାତାବରଣ ସୃଷ୍ଟି ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାରେ କାଦମ୍ବିନୀ ପରିଜା ସ୍ୱାଗତ ଭାଷଣ , ଅନୁଷ୍ଠାନର ସ୍ଥାୟୀ ସଭାପତି କବି ପୀତାମ୍ବର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ସୌମେନ୍ଦ୍ର ମହାପାତ୍ର ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଦୁର୍ଗା ପ୍ରସାଦ ଆଚାର୍ଯ୍ୟଙ୍କୁ ଆଷାଢ ସମ୍ମାନ, ବସନ୍ତ ମଞ୍ଜରୀ ଦାସଙ୍କୁ ବର୍ଷା ସମ୍ମାନ, ଦେବେନ୍ଦ୍ର ନାଥ କରଙ୍କୁ ସାରସ୍ୱତ ସମ୍ମାନ, ସୁଶାନ୍ତ କୁମାର ଦାଶଙ୍କୁ ସାରସ୍ୱତ ଶିଶୁ ସମ୍ମାନ, ଅଶୋକ ମହାନ୍ତିଙ୍କୁ ସାରସ୍ୱତ ସୃଜନ ସମ୍ମାନ, ନୃସିଂହ କୁମାର ଦାଶଙ୍କୁ ସୁଦର୍ଶନ ଶତପଥୀ ସ୍ମୃତି ସମ୍ମାନ, ବିକ୍ରମ ସାହୁଙ୍କୁ ଅଲେଖ ଚନ୍ଦ୍ର ପରିଜା ସ୍ମୃତି ସମ୍ମାନ, ବିଜୟା ନନ୍ଦ ବେହେରାଙ୍କୁ ପରମାନନ୍ଦ ସାହୁ ସ୍ମୃତି ସମ୍ମାନ ଓ ବିଜୟ ପ୍ରସନ୍ନ ଦାସଙ୍କୁ କ୍ଷୀରୋଦ ଚନ୍ଦ୍ର ଶତପଥୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ସଂଖ୍ୟା ୨୦୨୨ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ କୁନ୍ତଳା ମହାପାତ୍ର, ସମ୍ବିତ ମହାପାତ୍ର ଓ ସନ୍ଦୀପ ମହାପାତ୍ର ପରିଚାଳନା କରିଥିଲେ। ଶେଷରେ ଦିଗାମ୍ବର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଶ୍ୟାମାକାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ବ୍ରହ୍ମପୁର ଅଫିସ,୪।୧୨: ବ୍ରହ୍ମପୁର ଶିଳ୍ପାଞ୍ଚଳରେ ୪ ଦିନ ଧରି ଚାଲିଥିବା ମା' ଶ୍ୟାମାକାଳୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ବିଗ୍ରହ ସିଂହାସନ ଆରୋହଣ ସହ ଯଜ୍ଞ ପୂର୍ଣ୍ଣାହୁତି କରାଯାଇଛି। ଅପରାହ୍ନରେ ଶ୍ୟାମାକାଳୀଙ୍କୁ ନଗର ପରିକ୍ରମା କରାଯାଇଥିଲା। ବହୁ ସଂଖ୍ୟକ ମହିଳା ଓ ପୁରୁଷ ଏଥିରେ ସାମିଲ ହୋଇଥିଲେ। ମା'ଙ୍କ ମନ୍ଦିର ବିଜେ ବେଳେ ପଣ୍ଡିତ ଓ ପୁରୋହିତମାନଙ୍କ ମନ୍ତ୍ର, ତନ୍ତ୍ର ଓ ଚଣ୍ଡୀପାଠରେ ସମଗ୍ର ଅଞ୍ଚଳ କମ୍ପିଥିଲା। ମନ୍ଦିର ପରିଚାଳନା କମିଟି ଏବଂ ଭକ୍ତଙ୍କ ସହଯୋଗରେ ହୋଇଥିବା ଅନ୍ନଯଜ୍ଞରେ ଶତାଧିକ ଲୋକ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା ଲାଗି ନୂଆ କମିଟି ଗଠନ କରାଯାଇଛି। ରବୀନ୍ଦ୍ର ବାରିକ ସଭାପତି ଏବଂ କାର୍ତ୍ତିକ ମଣ୍ଡଳ ସମ୍ପାଦକ ହୋଇଛନ୍ତି। ସୁଜିତ କୁମାର ରଥ ସହ ସମ୍ପାଦକ, ଦିଲୀପ କୁମାର ବେହେରା କୋଷାଧକ୍ଷ ହୋଇଥିବା ବେଳେ ଅଭି ପ୍ରଧାନ ଓ ଟୁଟୁ ପାଢ଼ୀ କମିଟିର ଉପଦେଷ୍ଟା ମନୋନୀତ ହୋଇଛନ୍ତି।

### ଖବରଦାତା ସଙ୍ଘର ନୂତନ କର୍ମକର୍ତ୍ତା ଚୟନ

ବାଲିଗୁଡା,୪।୧୨(ଡି.ଏନ.ଏ.): ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ବ୍ଲକ ସାମ୍ବାଦିକ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ ସହିତ ସାମ୍ବାଦିକମାନଙ୍କ ସୁରକ୍ଷିତ ନେଇ କେନ୍ଦୁଗୁଡାରି ନର୍ସରୀ ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରାଜ୍ୟର ବରିଷ୍ଠ ଖବରଦାତା ବୈଷ୍ଣବ ଜେନା ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ କନ୍ଧମାଳ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘ ଜିଲ୍ଲା ସଭାପତି ସନ୍ତୋଷ ଦାସ, ଉପ ସଭାପତି ବୈଦ୍ୟନାଥ ବେହେରା ଓ ସମୀର କୁମାର ସାହୁଙ୍କୁ ପୁଷ୍ପ ଗୁଚ୍ଛ ଅର୍ପଣ କରି ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବୈଠକରେ ଅତିଥି ଭାବରେ ଯୋଗଦେଇଥିବା ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଙ୍ଘ କନ୍ଧମାଳ ସଭାପତି ସନ୍ତୋଷ ଦାସଙ୍କ ପରାମର୍ଶ କ୍ରମେ ହେମନ୍ତ ମୁଖିଙ୍କୁ ସଭାପତି, ସନ୍ତୋଷ ଦଳବେହେରାଙ୍କୁ ସମ୍ପାଦକ, ସନୁଜ ବେହେରାକୁ ସହ ସମ୍ପାଦକ, ସଞ୍ଜୀବ ଡିଗାଲଙ୍କୁ କୋଷାଧକ୍ଷ, କୁନା ଡିଗାଲଙ୍କୁ ଉପଦେଷ୍ଟା ଏବଂ କ୍ରିଷ୍ଣା ଚନ୍ଦ୍ର ଡିଗଲଙ୍କୁ ଉପ ସଭାପତି ଭାବରେ ଚୟନ କରାଯାଇ କାର୍ଯ୍ୟଭାର ନ୍ୟସ୍ତ କରାଯାଇଥିଲା।

### ୨ ବାଇକ୍ ଲୁଟେରା ଗିରଫ

ସୋରଡା,୪।୧୨(ଡି.ଏନ୍.ଏ.): ବଡଗଡ ଥାନା ପୋଲିସ ରବିବାର ୨ ଜଣ ବାଇକ୍ ଲୁଟେରାଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୃତୁଲୁ ଗ୍ରାମର ଜଗଦୀଶ ଗଉଡ ଓ ବାରପଧାନି ଗ୍ରାମର ମନୋଜ କୁମାର ଗଉଡ। ଏ ନେଇ ନମ୍ବର ୪୭୩/୨୦୨୨ରେ ମାମଲା ରୁଜୁ କରାଯାଇଛି। ଆଇଆଇସି ସୂରଜ ଝଙ୍କାରଙ୍କ ସୂଚନା ମୁତାବକ, ଦିଗପହଣ୍ଡି ନିକଟ ଓଡସିଂ ଗ୍ରାମର ସୀମାଞ୍ଚଳ ରଣା ବାଇକ ଯୋଗେ ଗତ ୨୦ ତାରିଖରେ ଗ୍ରାମକୁ କୌଣସି କାମରେ ଆସିଥିଲେ। ଗ୍ରାମ ପୋଖରୀ ନିକଟରେ ଜଗଦୀଶ ଓ ମନୋଜ ବାଇକ୍ ସେଠାରୁ ଛଡାଇ ଲୁଟି ନେଇଥିଲେ। ସୀମାଞ୍ଚଳ ଏ ସମ୍ପର୍କରେ ଗତ ୨୩ରେ ବଡଗଡ ଥାନାରେ ଏତଲା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

# ଏଏସ୍‌ପିଙ୍କ ତଦନ୍ତ, ପୋଲିସ କର୍ମଚାରୀଙ୍କ ବୟାନ ରେକର୍ଡ

## ଥାନାରେ ରାଇକିଆ ବ୍ୟବସାୟୀଙ୍କୁ ମାଡ଼ ଘଟଣା

ଗୋପାଳପୁର,୪।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲ୍ଲା ଗୋପାଳପୁର ଥାନାରେ କନ୍ଧମାଳ ଜିଲ୍ଲା ରାଇକିଆର ଜଣେ ବ୍ୟବସାୟୀଙ୍କୁ ମାଡ଼ ଘଟଣା ଏବେ ଜିଲ୍ଲା ତଥା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଗୋପାଳପୁରର ତତ୍କାଳୀନ ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ ଥାନାରେ ରାଇକିଆର ବ୍ୟବସାୟୀ ସୁମନ ସାହୁଙ୍କୁ ମାଡ଼ ମାରି ଲହୁ ଲୁହାଣ କରିଥିଲେ। ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସପି ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ତତ୍କାଳୀନ ଥାନାଧିକାରୀ ଖମାରୀ କାହିଁକି ନିଜ କ୍ଷମତାର ଅପବ୍ୟବହାର କରି ମାଡ ମାରିଥିଲେ, ଏଥିରେ ଅନ୍ୟ କେଉଁ ପୋଲିସ କର୍ମଚାରୀ ସାମିଲ ଅଛନ୍ତି, ସେ ନେଇ ଅତିରିକ୍ତ ଏସପି ଅସୀମ ପଣ୍ଡା ତଦନ୍ତ ଚଳାଇଛନ୍ତି। ରବିବାର ଏଏସପି ଥାନା ପରିସରରେ ପୃଥକ ଭାବେ ୪ ପୋଲିସ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଘଟଣା ଦିନ ଥାନାରେ ଡିସିଓ ଦାୟିତ୍ୱରେ ଥିବା ଅଧିକାରୀ, ସେଣ୍ଟ୍ରି ଓ ସଂପୃକ୍ତ ବ୍ୟବସାୟୀଙ୍କୁ କନ୍ଧମାଳ ଜିଲ୍ଲା ରାଇକିଆରୁ ବ୍ୟବସାୟୀ ସୁମନ କୁମାର ସାହୁଙ୍କୁ ଗିରଫ ବେଳେ ଯାଇଥିବା ପୋଲିସ ଅଧିକାରୀଙ୍କୁ ପୃଥକ ଭାବେ ଜେରା କରିଛନ୍ତି। ସେହିପରି ଉକ୍ତ ମାମଲା ସଂପର୍କିତ ସମସ୍ତ ଆବଶ୍ୟକ କାଗଜ ପତ୍ର ଯାଞ୍ଚ କରିଥିବା ଜଣାପଡିଛି। ସେପଟେ ଫୁଲବାଣୀ ଡିଏସ୍‌ପି ସ୍ନେହାଶିଷ ସାହୁ ରାଇକିଆରେ ପହଞ୍ଚି ଥାନାଧିକାରୀଙ୍କ ମାଡ଼ରେ ଗୁରୁତର ଆହତ ହୋଇଥିବା ସୁମନ ସାହୁ ଓ ତାଙ୍କ ସ୍ତ୍ରୀଙ୍କ ବୟାନ୍ ରକର୍ଡ କରିଛନ୍ତି। ଏଥିସହ ସୁମନଙ୍କୁ ମେଡିକାଲ ଟେଷ୍ଟ ପାଇଁ ପଠାଯାଇଛି। ସୂଚନା ମୁତାବକ, କନ୍ଧମାଳ ଜିଲ୍ଲା ରାଇକିଆ ଅଞ୍ଚଳର ଜଣେ ଯୁବତୀଙ୍କଠାରୁ ସୁମନ ସାହୁ ଚଳିତ ବର୍ଷ ଜାନୁଆରୀଠାରୁ ଅପ୍ରେଲ ମଧ୍ୟରେ ୧୨ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ସୁମନଙ୍କୁ ରାଇକିଆରୁ ଉଠାଇ ଆଣି ଗୋପାଳପୁର ଥାନାରେ ଥାର୍ଡ ଡିଗ୍ରୀ ଦେଇଥିଲା। ସୁମନ ଆହତ ହେବା ପରେ ଚିକିତ୍ସା ହୋଇ କନ୍ଧମାଳ ଏସପିଙ୍କୁ ଭେଟି ଘଟଣା ସଂପର୍କରେ କହିଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ରାଇକିଆ ଥାନାରେ ନଂ.୧୨୨/୨୨ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

# ରାଇପଲି, ଟାଙ୍ଗଣରେ ହାତୀ ଆତଙ୍କ



ଦନ୍ତା ହାତୀ।

ଭଞ୍ଜନଗର,୪।୧୨(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ରାଇପଲି ଏବଂ ଟାଙ୍ଗଣରେ ରବିବାର ହାତୀପଲ ଉପଦ୍ରବ ଦେଖିବାକୁ ମିଳିଛି। ହାତୀମାନେ ଜଙ୍ଗଲରୁ ବାହାରି ଚାଷୀମାନଙ୍କ ବ୍ୟାପକ ଫସଲ କ୍ଷତି କରିଛନ୍ତି। ବନ ବିଭାଗ ଏବଂ ଚାଷୀମାନେ ହାତୀକୁ ଘଉଡାଇବାକୁ ଯାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ପୂର୍ବ ଶତ୍ରୁତାରୁ ବୋମାମାଡ଼, ୪ ଅଟକ

ଛତ୍ରପୁର,୪।୧୨(ଡି.ଏନ୍.ଏ.)

ଛତ୍ରପୁର ଥାନା ଅଧିନ ଗୋଲାପଲ୍ଲୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଉପରକୁ ଶନିବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ଘରର ସମ୍ମୁଖ କିଛି ଅଂଶ ଭାଙ୍ଗିଯାଇଛି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖିଛି। ଗୋଲାପଲ୍ଲୀ ଗ୍ରାମର ବି.ଉଦୟନାଥ ପାତ୍ର ଜଣେ ସମ୍ପର୍କୀୟଙ୍କ ବିବାହ କାର୍ଯ୍ୟକୁ ଯାଇଥିଲେ। ଘରେ ପୁଅ ଓ ପରିବାରର ଅନ୍ୟ ସଦସ୍ୟମାନେ ଥିଲେ। ଶନିବାର ରାତିରେ କେହି ଦୁର୍ବୃତ୍ତ ବାଇକ୍‌ରେ ଆସି ବୋମା ଫିଙ୍ଗି ଚାଲିଯାଇଥିଲେ। ପ୍ରଚଣ୍ଡ ଶବ୍ଦ ଶୁଣି ପରିବାର ଲୋକ ଭୟଭୀତ ହୋଇ ତୁରନ୍ତ ପୋଲିସକୁ ଜଣାଇଥିଲେ। ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସେଠାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ରବିବାର



ବୋମାମାଡ଼ ହୋଇଥିବା ଘର।

ସକାଳେ ବମ ସ୍କ୍ୱାର୍ଡ, ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ ଓ ପୋଲିସ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ବି.ଉଦୟନାଥ ଥାନାରେ କେତେଜଣ ବ୍ୟକ୍ତିଙ୍କ ନାମରେ ଏତଲା ଦେଇଥିଲେ । ଏକୁ ଭିତ୍ତିକରି ପୋଲିସ ୭୬୬/୨୨ରେ ମାମଲା ରୁଜୁ କରିଛି । ଏହି ଘଟଣାରେ ପୋଲିସ ଗୋଟିଏ ବାଇକ୍ ଜବତ କରିବା ସହ ୪ ଜଣଙ୍କୁ ଅଟକ ରଖିଛି। ବୋମାରେ ବ୍ୟବହୃତ ବାରୁଦ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଗ୍ରାମରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ବି.ଉଦୟନାଥଙ୍କର ଜମିଜମାକୁ କେନ୍ଦ୍ରକରି ଶତ୍ରୁତା ରହିଥିଲା । ବି.ଉଦୟନାଥଙ୍କୁ ଭୟଭୀତ କରିବା ପାଇଁ ବୋମାମାଡ଼ ହୋଇଥିବା ଅନୁମାନ କରାଯାଉଛି ।

### ବୁଦ୍ଧଖୋଲ ମହୋତ୍ସବ ପାଇଁ ତୃତୀୟ ପ୍ରସ୍ତୁତି ବୈଠକ

ବୁଗୁଡ଼ା,୪।୧୨(ଡି.ଏନ.ଏ.)

ଆସନ୍ତା ବର୍ଷ ଜାନୁଆରୀ ମାସ ୨୭ରୁ ୨୯ ପର୍ଯ୍ୟନ୍ତ ହେବାକୁ ଥିବା ବୁଦ୍ଧଖୋଲ ମହୋତ୍ସବ ପାଇଁ ବୁଦ୍ଧଖୋଲ ଉନ୍ନୟନ ସମିତିର ଉପଦେଷ୍ଟା କବିରାଜ ଗୌଡଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ବୁଦ୍ଧଖୋଲ ପାଦଦେଶସ୍ଥ ଓଟିଡିସି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦାଶ ମହୋତ୍ସବର ସଫଳ ରୂପାୟନ ପାଇଁ ବିବରଣୀ ପ୍ରଦାନ କରିଥିଲେ। ମହୋତ୍ସବ କାଳରେ ଯାନବାହାନ ପାର୍କିଂ ବ୍ୟବସ୍ଥା, କଳାକାରମାନଙ୍କ ରହଣି ବନ୍ଦୋବସ୍ତ, ପ୍ରତିଭା ଚୟନ ଓ ସମ୍ବର୍ଦ୍ଧନା, ଆଲୋକ ଓ ମଞ୍ଚସଜ୍ଜା ସହ ପରିଚାଳନା, ଖାଦ୍ୟପେୟର ବ୍ୟବସ୍ଥା, କଳା ଓ ସାଂସ୍କୃତିକ ସଂସ୍ଥା ସହ ଯୋଗାଯୋଗ, ପୋଲିସ ଓ ଅଗ୍ନିଶମ ବିଭାଗ ସହ ଯୋଗାଯୋଗ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇ ଏଗୁଡିକର ସମ୍ପାଦନ ପାଇଁ ଦାୟିତ୍ୱ ବଣ୍ଟନ ନିମନ୍ତେ ସ୍ଥିର କରାଯାଇଥିଲା। ବୁଦ୍ଧଖୋଲ ଉନ୍ନୟନ ସମିତିର ସଭାପତି ତଥା ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନିର୍ଦ୍ଦେଶରେ ଉକ୍ତ କାର୍ଯ୍ୟକ୍ରମ ଗୁଡିକୁ ସମ୍ପାଦନ ନିମନ୍ତେ ସ୍ଥିର କରାଯାଇଥିଲା।

# ଉମାଚରଣ ମିଷ୍ଟର ୱାର୍ଲ୍ଡ-୨୦୨୨ର ବିଚାରକ ମନୋନୀତ



ଉମାଚରଣ ଶତପଥୀଙ୍କୁ ଶୁଭେଚ୍ଛା ଜଣାଯାଉଛି।

ବ୍ରହ୍ମପୁର ଅଫିସ,୪।୧୨

ଥାଇଲାଣ୍ଡରେ ଆସନ୍ତା ୬ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା 'ମିଷ୍ଟର ୱାର୍ଲ୍ଡ-୨୦୨୨' ଅନୁଷ୍ଠିତ ହେବ। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ଗଞ୍ଜାମ ଜିଲ୍ଲା ସୋରଡ଼ା ଅଞ୍ଚଳର ଉମାଚରଣ ଶତପଥୀ ବିଚାରକ ଭାବେ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାକୁ ଦେଶର ପ୍ରାୟ ସମସ୍ତ ରାଜ୍ୟରୁ ବିଭିନ୍ନ ବର୍ଗ ନିମନ୍ତେ ୪୦ ଜଣ ପ୍ରତିଯୋଗୀ ମନୋନୀତ ହୋଇଥିବା ଗଞ୍ଜାମ ଜିଲ୍ଲା ଆମାଚର ବଡ଼ିବିଲ୍ଡିଂ ସଂଘ ସାଧାରଣ ସମ୍ପାଦକ ତଥା ଜାତୀୟସ୍ତରୀୟ ବିଚାରକ ଏସ.ରାଜେଶ ବାବୁ ଆଚାରୀ ସୂଚନା ଦେଇଛନ୍ତି। ସଂଘ ପକ୍ଷରୁ ଉମାଚରଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ବ୍ରହ୍ମପୁର ଷ୍ଟେଶନରୁ ସେ ବେଙ୍ଗାଲୋର ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ଥାଇଲାଣ୍ଡ ଯାତ୍ରା କରିବେ। ସୂଚନାଯୋଗ୍ୟ, ମିଷ୍ଟର ୱାର୍ଲ୍ଡ ପ୍ରତିଯୋଗିତାରେ ୫୪ଟି ଦେଶର ପ୍ରତିଯୋଗୀମାନେ ଅଂଶ କରିବେ। ସେଠାରେ ଜଣେ ଓଡ଼ିଆ ବିଚାରକ ଭାବେ ମନୋନୀତ ହେବା ଜିଲ୍ଲା ତଥା ରାଜ୍ୟ ନିମନ୍ତେ ଏକ ଗର୍ବ ଓ ଗୌରବର ବିଷୟ। ଉମାଚରଣଙ୍କୁ ବ୍ରହ୍ମପୁର ଷ୍ଟେଶନରେ ରାଜ୍ୟ ଆମାଚର ବଡ଼ିବିଲ୍ଡିଂ ସଂଘ ସାଧାରଣ ସମ୍ପାଦକ ନାରାୟଣ ସାହୁ, ଏସିଆନ ଜଜ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଜାତୀୟ ବିଚାରକ ସୋମନାଥ ନନ୍ଦଙ୍କ ସମେତ ବହୁ କର୍ମକର୍ତ୍ତା ଓ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀ ଶୁଭେଚ୍ଛା ଜଣାଇଥିଲେ।

# ୪୮୦ ହିତାଧିକାରୀଙ୍କୁ ଭତ୍ତା, ଶୀତ ବସ୍ତ୍ର ଅର୍ଥରାଶି ପ୍ରଦାନ

ପୋଲସରା,୪।୧୨(ଡି.ଏନ.ଏ.)

ପୋଲସରା ବ୍ଲକ ଅନ୍ତର୍ଗତ ଜା. ଡେଙ୍ଗାପଦର ଗ୍ରାମ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭତ୍ତା ପାଉଥିବା ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ବିଧବା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ଦଳାଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜା.ଡେଙ୍ଗାପଦର ପଞ୍ଚାୟତର ସରପଞ୍ଚ ପୀତାମ୍ବର ବେହେରା ଯୋଗଦାନ କରି ପଞ୍ଚାୟତର ୪୮୦ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ଓ ବିଧବା ମହିଳାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ସହିତ ଶୀତ କାଳୀନ ବସ୍ତ୍ର ପରିଧାନ ପାଇଁ ୩୦୦ଟଙ୍କା ଅର୍ଥ ରାଶି ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟାଙ୍କ ପ୍ରତିନିଧି ନିଳାଞ୍ଚଳ ବେହେରା, ପୂର୍ବତନ ସରପଞ୍ଚ ତଥା ବିଧାୟକ ପ୍ରତିନିଧି ସୁକାନ୍ତ ଭୂୟାଁ, ଯୋଗାଣ ସହାୟକ ଅମରନାଥ ଜେନା, ଯୁବନେତା ହିମାଂଶୁ ବେହେରାଙ୍କ ସମେତ ପଞ୍ଚାୟତର ଅନ୍ୟ କର୍ମକର୍ତ୍ତା ଓ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଗୋଷ୍ଠୀ ଅନ୍ତର୍ନିବେଶୀ ସାଧନ କେନ୍ଦ୍ର ଉଦ୍‌ଘାଟିତ

ଆର.ଉଦୟଗିରି,୪।୧୨(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ସଦର ମହକୁମା ସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଭିନ୍ନକ୍ଷମ ଦିବସ ଗୋଷ୍ଠୀ ଅନ୍ତର୍ନିବେଶୀ ସାଧନ କେନ୍ଦ୍ରକୁ ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲରିମନ ଖର୍ସେଲ ଓ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର ଉଦଘାଟନ କରିଥିଲେ। ଏହି ଅବସରରେ ବିଆରଟି ବିରଞ୍ଚି ନାରାୟଣ ଦାସ ଉପସ୍ଥିତ ଥିଲେ। ଆର.ଉଦୟଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସହର ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶବର ଏବଂ ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖର୍ସେଲ ଉପସ୍ଥିତ ଥିଲେ। ବ୍ଲକର ୫୦ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷାଅଧିକାରୀ ଦେବଦାସ ତାମରାମୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା, ପଞ୍ଚାୟତ ସରପଞ୍ଚ ଜାମେଶ ରାଇକା, ରାମଗିରି ହାଟପଦା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗିରିଧାରି ବଡନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷକ ଅଭୟ କୁମାର ଦାସ ଏବଂ ଅଶୋକ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ରାମଗିରି ହାଟପଦା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧନ୍ୟବାଦ ଦେଇଥିଲେ।

# ଶିଶୁମାନଙ୍କ ପ୍ରତିଭା ବିକାଶ ପାଇଁ ଉତ୍ସାହ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୪।୧୨(ଡି.ଏନ୍.ଏ.)

ପାରଳାଖେମୁଣ୍ଡିଠାରେ ଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜିଲ୍ଲାରେ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ଶିଶିମାନଙ୍କୁ ନେଇ ସେମାନଙ୍କର ଶାରରିକ ଓ ମାସନିକ ପ୍ରତିଭାର ବିକାଶ ନିମନ୍ତେ ସ୍ଥାନୀୟ ଗଜପତି ଷ୍ଟାଡିୟମଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଚ୍ଚଡିଆଁ, ଲମ୍ଫଡିଆଁ, ଦୌଡକୁଦ ପ୍ରତିଯୋଗିତା, କ୍ୟାରମ, ଚେସ ଆଦି ପ୍ରତିଯୋଗିତାମାନ ହୋଇଥିଲା। ଏଥିରେ ୫୦ରୁ ଉର୍ଦ୍ଧ୍ୱ ଶିଶୁ ଅଂଶ ଗ୍ରହଣ କରିଥିଲେ। ପ୍ରତି ପ୍ରତିଯୋଗିତାଙ୍କ ମଧ୍ୟରୁ କେବଳ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁଙ୍କୁ ମନୋନିତ କରାଯାଇଛି। ଯେଉଁ ଅଂଶ ଗ୍ରହଣକାରୀ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନଙ୍କୁ ରାଜ୍ୟସ୍ତର ପ୍ରତିଯୋଗିତାରେ ଭାଗ ନେବେ ଏବଂ ରାଜ୍ୟସ୍ତରରେ ମନୋନିତ ହେଲେ ଜାତୀୟସ୍ତରକୁ ଯିବେ।



ଉମାଚରଣ ଶତପଥୀଙ୍କୁ ଶୁଭେଚ୍ଛା ଜଣାଯାଉଛି।

ସେଠାରେ ଏହିଭଳି ପ୍ରତିଯୋଗିତା ବିଭିନ୍ନ ରାଜ୍ୟରୁ ଆସିଥିବା ଶିଶୁମାନଙ୍କୁ ମଧ୍ୟରେ ପ୍ରତିଯୋଗିତା ହେବ । ଏହି ଜାତୀୟସ୍ତର ପ୍ରତିଯୋଗିତାରେ ମଧ୍ୟ କେବଳ ପ୍ରଥମ ସ୍ଥାନ କରିଥିବା ଶିଶୁଙ୍କୁ ମାନପତ୍ରର ସହ ଆର୍ଥିକ ରାଶି ପ୍ରଦାନ କରି ପୁରସ୍କୃତ କରାଯିବାର ସୂଚନା ପ୍ରଦାନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଯୋଗଦେଇଥିବା ବେଳେ ଶରଧାପୁରର ୟୁଜିଏଚ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରତୀକ କୁମାର ପାହାଡସିଂ, ଝାମୀ ୟୁଜିଏଚ ସ୍କୁଲର ଖେଳ ଶିକ୍ଷକ ରଞ୍ଜିତ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମଚାରୀମାନେ ଯୋଗଦେଇ ପରିଚାଳନା କରିବା ସହ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନେ ସହଯୋଗ କରିଥିଲେ।

# ଜାତୀୟ ନୌସେନା ଦିବସ



ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ।

ରମ୍ଭା,୪।୧୨

ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଏନ୍‌ସିସି କାର୍ଯ୍ୟାଳୟ ପରିସରରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଶିକ୍ଷକ ଅଜିତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା ମୁଖ୍ୟବକ୍ତା, ଶିକ୍ଷାବିତ ତଥା ସାମାଜିକ କର୍ମୀ ବିଜୟ କୁମାର ବିଶ୍ୱାଳ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାଷ ଚନ୍ଦ୍ର ପତି, ଶିକ୍ଷୟିତ୍ରୀ ଶୁଭଶ୍ରୀ ସାରଳା ପରିଡ଼ା, ଅନିତା ଜେନା, ରାମିତ୍ରୀ ଶବର, ଜ୍ଞାନ ରଞ୍ଜନ ମହାପାତ୍ର ଏବଂ ଉପସ୍ଥିତ ଏନ୍‌ସିସି ଛାତ୍ରମାନେ ନିଜ ନିଜ ଅଭିଭାଷଣ ମାଧ୍ୟମରେ ଭାରତର ତିନି ପ୍ରକାର ସେନା ମଧ୍ୟରୁ ଜାତୀୟ ନୌସେନା ବାହିନୀ ଏକ ଅନ୍ୟତମ ଓ ସୁଦୃଢ ସେନା ଅଟନ୍ତି। ପ୍ରଥମେ ୧୯୭୧ ମସିହା ଡିସେମ୍ବର ୪ ତାରିଖରେ ଏହି ଦିବସକୁ ଜାତୀୟ ନୌସେନା ଦିବସ ରୂପେ ପାଳନ କରାଯାଇଥିଲା। ଚିତ୍ରାଙ୍କନ, ବକ୍ତୃତା ଏବଂ ଜାତୀୟ ନୌସେନା ବାହିନୀ ଉପରେ ଆଧାରିତ ରଚନାରେ ଉପକୃତ ଛାତ୍ର ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ସଚ୍ଚିଦାନନ୍ଦ ପତି ବକ୍ତୃତା ଓ ରଚନାରେ ଏବଂ ଚିତ୍ରାଙ୍କନରେ ଅଙ୍କିତ ଅଂଶୁମାନ ଗୌଡ଼ ପୁରସ୍କୃତ ହୋଇଥିଲେ। ଶେଷରେ ଶିକ୍ଷୟିତ୍ରୀ ଶୁଭଶ୍ରୀ ସାରଳା ପରିଡା ସମସ୍ତ ଅତିଥି ଏବଂ ଛାତ୍ରମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରାକ୍ ଶୈଶବ ପ୍ରଯତ୍ନ, ଶିକ୍ଷା ସମ୍ପର୍କିତ ଆଲୋଚନାଚକ୍ର

ଦିଗପହଣ୍ଡି,୪।୧୨(ଡି.ଏନ.ଏ.)

ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ପ୍ରାକ୍ ଶୈଶବ ପ୍ରଯତ୍ନ ଓ ଶିକ୍ଷା ସମ୍ପର୍କିତ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଓ ଭଗବତୀ ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂକୁଳ ସ୍ତରୀୟ ଏହି ଆଲୋଚନାଚକ୍ରରେ ଆଚାର୍ଯ୍ୟ ବାବୁଲା ପଣ୍ଡା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ ଡ. ପ୍ରଦୀପ କୁମାର ମହାପାତ୍ର, ସହକାରୀ ଶିକ୍ଷକ ତଥା ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ଈଶ୍ୱର ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷା ଗ୍ରହଣ ପୂର୍ବରୁ ଜଣେ ଶିଶୁର ଯତ୍ନ କିପରି ନିଆଯାଇପାରିବ ଏବଂ ଶିଶୁର ଶିକ୍ଷା ବିକାଶ କ୍ଷେତ୍ରରେ ମାତା ପିତା ଓ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ।

ଆଚାର୍ଯ୍ୟା ଆଚାର୍ଯ୍ୟମାନେ କେତେ ଯତ୍ନବାନ ହୋଇପାରିବା ସେ ନେଇ ଆଲୋଚନା ଚକ୍ରରେ ଆଲୋଚନା କରାଯାଇଥିଲା। ଏଥିସହ ଶିଶୁର ଶିକ୍ଷା ପାଇଁ ମାତା ପିତା, ପରିବେଶ ଓ ବିଦ୍ୟାଳୟର ଭୂମିକା ଉପରେ ଅତିଥି ବୃନ୍ଦ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ। ଏହି ଆଲୋଚନା ଚକ୍ରରେ ସଂକୁଳ ସ୍ତରୀୟ ବିଭିନ୍ନ ଶିଶୁ ମନ୍ଦିରର ୧୧୦ ଜଣ ଆଚାର୍ଯ୍ୟା ଆଚାର୍ଯ୍ୟ ଓ ସ୍ଥାନୀୟ ବହୁ ସଂଖ୍ୟକ ଅଭିଭାବକ, ଶିକ୍ଷାବିତ୍ ଅଂଶଗ୍ରହଣ କରିଥିବା ବେଳେ ଡେଙ୍ଗାଓସ୍ତା ଗ୍ରାମ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ଜାନକୀବଲ୍ଲଭ ବିଷୋୟୀ, ବାଲିପଦା ଶିଶୁ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ନିରଞ୍ଜନ ବିଷୋୟୀ ଏବଂ ତ୍ରିନାଥ ପାଣିଗ୍ରାହୀ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିରର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦମ୍ପତିଙ୍କୁ ଆକ୍ରମଣ, ଜାତିଆଣ ଆକ୍ଷେପ ଅଭିଯୋଗ

ଦିଗପହଣ୍ଡି,୪।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ବି . ତୁରୁବୁଡି ଗ୍ରାମର ଏକ ଦମ୍ପତିଙ୍କୁ ଉକ୍ତ ଗ୍ରାମର ଜଣେ ଯୁବକ ଓ ତାଙ୍କ ମା' ନିସ୍ତୁକ ମାଡ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିନଥିଲେ। ପରେ ଘଟଣା ସମ୍ପର୍କରେ ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ଏମ୍‌ଙ୍କୁ ଅବଗତ କରାଯାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଥାନା ମାମଲା ନଂ.୪୦୮/୨୨ ଦଫା – ୨୯୪/୩୨୩/୫୦୬/୩୫୪(ଖ) ଏବଂ ଅନୁସୂଚିତ ଜାତି ଓ ଜନଜାତି ସୁରକ୍ଷା ଆଇନ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଛି। ଏତଲା ପ୍ରକାରେ, ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବି.ତୁରୁବୁଡ଼ି ଗ୍ରାମର ପି .ତ୍ରିନାଥ ରେଡ୍ଡୀ ଗୋଆର ଏକ କମ୍ପାନୀରେ ଠିକା କାମ କରୁଥିବା ବେଳେ ତ୍ରିନାଥ ଆଖପାଖ ଅଞ୍ଚଳର ବହୁ ଗରୀବ ଲୋକମାନଙ୍କୁ ସେଠାକୁ ନେଇ କାର୍ଯ୍ୟରେ ଲଗାଇ ଆସୁଥିବା ବେଳେ ଗ୍ରାମର ମନୋଜ ନାଇକ ମଧ ଦୀର୍ଘ ୮ ରୁ ୯ ବର୍ଷ ହେଲା ସେଠାରେ ଜଣେ ଶ୍ରମିକ ଭାବେ କାମ କରି ଆସୁଛନ୍ତି। ତେବେ ପ୍ରାୟ ଏକ ମାସ ପୂର୍ବେ ମନୋଜ ନିଜ ମା'ଙ୍କ ଶ୍ରାଦ୍ଧ ପାଇଁ ଗ୍ରାମକୁ ଆସି ଆଉ କାମକୁ ଯାଇନଥିଲେ। ଏହି ସମୟରେ ମନୋଜ ତ୍ରିନାଥଙ୍କ ପୁଅ ପି . କ୍ରିଷ୍ଣାଙ୍କ ଠାରୁ ୮ ହଜାର ଟଙ୍କା ଆଣିଥିଲେ। ଯାହାକୁ ନେଇ ଗତ ନଭେମ୍ବର ୨୭ ତାରିଖ ରାତିରେ କ୍ରିଷ୍ଣା ମନୋଜଙ୍କ ଘରକୁ ଯାଇ କାହିଁକି କାମକୁ ଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ନଚେତ୍ ମୋ ଠାରୁ ନେଇଥିବା ୮ ହଜାର ଟଙ୍କା ଫେରସ୍ତ କରିବା ପାଇଁ କହିଥିଲେ। ଏହାର ପ୍ରତିବାଦରେ ମନୋଜ ମୁଁ ଦୀର୍ଘ ବର୍ଷ ଧରି ତୁମ ବାପାଙ୍କ ପାଖରେ କାମ କରିବା ପରେ ମଧ ମୋ ବକେୟା ପାଉଣା ୪୦ ହଜାର ଟଙ୍କା ବର୍ତ୍ତମାନ ସୁଦ୍ଧା ସେ ଦେଉନାହାନ୍ତି। ଯଦି ମୋର ବକେୟା ଟଙ୍କା ନଦେଲେ ମୁଁ ଆଉ କାମକୁ ଯିବି ନାହିଁ ବୋଲି କହିବା ପରେ କ୍ରିଷ୍ଣା ଓ ମନୋଜ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। କ୍ରିଷ୍ଣା ଉତ୍ତେଜିତ ହୋଇ ମନୋଜକୁ ତଳେ ପକାଇ ଆକ୍ରମଣ କରିଥିଲେ। ମନୋଜଙ୍କ ସ୍ତ୍ରୀ ବିଜୟ ଲକ୍ଷ୍ମୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ କ୍ରିଷ୍ଣା ଗାଁ ରାସ୍ତାରେ ଟଣାଓଟରା କରିବା ସହ ତାଙ୍କ ମା'ପି. ଏରେମା ମିଶି ଉଭୟଙ୍କୁ ମାରପିଟ୍ କରିଥିବା ଏତଲାରେ ଉଲ୍ଲେଖ ରହିଛି। ଘଟଣାର ଦୀର୍ଘ ୭ ଦିନ ବିତି ଯାଇଥିଲେ ମଧ ଦୋଷୀଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ବିଜୟ ଲକ୍ଷ୍ମୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଚିକିଟି ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଏହି ମାମଲାର ତଦନ୍ତଭାର ଗ୍ରହଣ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୫ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ଦୋକାନ ସଟର୍ ଭାଙ୍ଗି ଚୋରି

**ପାଣିକୋଇଲି,୪।୧୨(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ କଡ଼ ତାଲୁଙ୍ଗା ମୌଜାର ଏକ ଜର୍ଦା ଷ୍ଟୋର ଦୋକାନରୁ ଚୋରି ହୋଇଛି। ଦୁର୍ବୃତ୍ତ ଦୋକାନ ସର୍ଟର ଭାଙ୍ଗି ଚୋରି କରିଛନ୍ତି। ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ ତାଲୁଙ୍ଗା ଗ୍ରାମର ସୁରଥ ମଲିକଙ୍କ ଅଭିଯୋଗ ମୁତାବକ, ଶନିବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମାତ୍ର ସକାଳୁ ଆସି ଦେଖିବା ବେଳକୁ କେହି ସର୍ଟର କାଟି ଦୋକାନରେ ଥିବା ସାମଗ୍ରୀ ଚୋରି କରି ନେଇଛନ୍ତି। ଥାନାଧିକାରୀ ଚିନ୍ମୟୀ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଉଦୟନାଥ ସୋରେନ ଓ ହାବିଲଦାର ସୁଲୋଚନ ବେହେରା ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ପରେ ଏସ୍ଆଇ ପ୍ରକାଶ ପ୍ରଧାନ ପହଞ୍ଚି ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। କୁକୁର ଦୋକାନ ଚାରିକଡେ ବୁଲି ରାଜପଥ କଡରେ ଅଟକି ରହିଥିଲା। ଫଳରେ ଦୁର୍ବୃତ୍ତ ଚୋରି କରି ରାଜପଥରେ ଚାଲି ଯାଇଥିବା ସନ୍ଦେହ କରାଯାଉଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଧର୍ମଶାଳା,୪।୧୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ସ୍ୱର୍ଗତ ବଳରାମ ନାୟକଙ୍କ ସ୍ତ୍ରୀ ବୃନ୍ଦାବତୀ ନାୟକ(୮୮)ଙ୍କ



ଶନିବାର ରାତିରେ ପରଲୋକ ହୋଇଛି। ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୃନ୍ଦାବତୀ ଜଣେ ଧର୍ମପରାୟଣା, ସ୍ନେହୀ ଓ ପରୋପକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର କୁଳମଣି, ଚନ୍ଦ୍ରକାନ୍ତ, ଖବରଦାତା ଇନ୍ଦ୍ରମଣି, ବୋହୂ ଜ୍ୟୋତ୍ସ୍ନାରାଣୀ, ଗୀତାଞ୍ଜଳି, କଳ୍ପନା, ଝିଅ ସ୍ନେହଲତା, ବିଦ୍ୟୁତ୍‌ଲତା, ସ୍ନିଗ୍ଧାରଞ୍ଜିତା, ଜ୍ୱାଇଁ ହଳଧର, ରତ୍ନାକର, ଉମାଶଙ୍କର, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଯାଜପୁର ପୂର୍ବତନ ଏମ୍‌ପି ରୀତା ତରାଇ, ଧର୍ମଶାଳା ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ କିଷାନ ପଣ୍ଡା, ଅବସରପ୍ରାପ୍ତ ପ୍ରାଧାପକ ମନୋରଞ୍ଜନ ମହାନ୍ତି, ଯୁବନେତା ମଦନ ମୋହନ ନାୟକ, ସୌମ୍ୟପ୍ରକାଶ ବିଶ୍ୱାଳ, ସାମ୍ବାଦିକ ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଗୁଲାମ୍ ଗସ୍, ଆଇନଜୀବୀ ସନ୍ତୋଷ କୁମାର ତରାଇ ଓ କଳ୍ପତରୁ ସାହୁଙ୍କ ସମେତ ବହୁ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ଇନ୍ଦ୍ରମଣି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ଗୁରୁଚରଣ ଟୀକାୟତ, ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଲାଲବାହାଦୁର ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା

**କାଏମା,୪।୧୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ୍ ଅଧୀନ କାଏମା ଲାଲବାହଦୁର ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ କୁମୁଦିନୀ ମହାନ୍ତି, ସମିତିସଭ୍ୟ ସୌମ୍ୟରଞ୍ଜନ ପଣ୍ଡା, ପଞ୍ଚାୟତ ସଭାପତି ବ୍ରହ୍ମାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମଶାଳାମଣ୍ଡଳ ଶାରୀରିକ ଶିକ୍ଷା ସଙ୍ଗଠନର ସମ୍ପାଦକ ସୁଶାନ୍ତ କୁମାର ରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ବିଜୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଗୀତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ୧୪ ନଂ. ଜୋନ୍‌ରେ ଥିବା ବିଦ୍ୟାଳୟରୁ କ୍ରୀଡ଼ା ଶିକ୍ଷକ ସୁନୀଲ କୁମାର ସେଠୀ, ରମେଶ ଚନ୍ଦ୍ର ବେହେରା, ସୋମନାଥ ପରିଡ଼ା ଓ ପ୍ରତିମା ପାଢ଼ୀ ଯୋଗଦେଇ ଖେଳକୁଦକୁ ସମ୍ପାଦନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ଶେଷରେ ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନିଲ କୁମାର ମହାରଣା ଧନ୍ୟବାଦ ଜଣାଇଥିଲେ।

# ରାସ୍ତା ପ୍ରଶସ୍ତୀକରଣରେ ଅନିୟମିତତା

**ଚଣ୍ଡିଖୋଲ,୪।୧୨(ଡି.ଏନ୍.ଏ.)**



ପ୍ରଶସ୍ତୀକରଣ ରାସ୍ତାରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ରହିଛି।

- ହଟୁନି ଗଛ, ବିଦ୍ୟୁତ୍ ଖୁଣ୍ଟ, ଚାଲିଛି କାର୍ଯ୍ୟ
- ସାଧାରଣରେ ବଢୁଛି ଅସନ୍ତୋଷ

ଚାରିବାଟିଆ ପୂର୍ତ୍ତ ଡିଭିଜନର ବଡ଼ଚଣା ଉପଖଣ୍ଡ ଅନ୍ତର୍ଗତ ବାଲିଚନ୍ଦ୍ରପୁରଠାରୁ ବେଣୀପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ମାତ୍ର ଏହି କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟ ପୂର୍ବରୁ ରାସ୍ତାକଡ଼ରେ ଥିବା ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉଠାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିସହିତ ଚାରିନଙ୍ଗଳ ଓ ଟିଗିରିଆଠାରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯିବାର ଘୋଷଣା ହୋଇଥିଲା। ତେବେ ଏହା ମଧ୍ୟରେ ୫ କିଲୋମିଟର ରାସ୍ତାକାର୍ଯ୍ୟ ଶେଷ ହେବାକୁ ବସିଲାଣି। କିନ୍ତୁ ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ଗଛ ହଟା ଯାଇନାହିଁ। ଫଳରେ ଠିକା ସଂସ୍ଥା ରାସ୍ତା ପ୍ରଶସ୍ତୀକରଣ ୨୪ଫୁଟ ବଦଳରେ ୨୦ ଫୁଟ୍ କରି ନେଇଯାଉଛି। ଯଦ୍ୱାରା ବିଭାଗ ତରଫରୁ କରାଯାଇଥିବା ଆକଳନ ଅନୁଯାୟୀ କାର୍ଯ୍ୟ ହୋଇପାରୁନାହିଁ। ଅନ୍ୟପକ୍ଷରେ ଏହି ରାସ୍ତା ୧୦ କିଲୋମିଟର ହୋଇଥିବାବେଳେ ବିଭାଗ ତରଫରୁ ଏହାକୁ ୧୧ କିଲୋମିଟର ଦର୍ଶାଯାଇଛି। ତେଣୁ ୧୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ରାସ୍ତାର ପ୍ରଶସ୍ତୀକରଣରେ ବାଧାସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ତରଫରୁ ପୂର୍ତ୍ତ ବିଭାଗ ଜରିଆରେ ବିପୁଳ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଏହାର ଏଷ୍ଟିମେଟକୁ ଅଣଦେଖା କରାଯାଇ କାର୍ଯ୍ୟ ଚାଲିଛି। ଫଳରେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ରାସ୍ତାକଡ଼ରୁ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ହଟାଇ କାର୍ଯ୍ୟ କରିବାକୁ ଦାବି ହୋଇଛି।

ପୂର୍ବରୁ ଏହି ରାସ୍ତାଟି ଜଳ ସମ୍ପଦ ବିଭାଗ ଅଧୀନରେ ଥିଲା। ୨୦୧୯ରେ ଜଳ ସମ୍ପଦ ବିଭାଗରୁ ଏହାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଗଲା। ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପରେ ୧୦ କିଲୋମିଟର ରାସ୍ତାକୁ ୨ଟି ଟେଣ୍ଡର ଜରିଆରେ ନିର୍ମାଣ କାର୍ଯ୍ୟ କରାଯାଉଛି। ରାସ୍ତା ପ୍ରଶସ୍ତୀକରଣ ନେଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି, ରାସ୍ତା କଡ଼ରେ ଥିବା ଅବରୋଧକାରୀଙ୍କୁ ହଟାଇବା ପାଇଁ ଆମେ ଦର୍ପଣ ତହସିଲ କାର୍ଯ୍ୟାଳୟରେ ଜୁଲାଇ ୧୫ରେ ଏକ ପତ୍ର ମାଧ୍ୟମରେ ନିବେଦନ କରିଥିଲୁ। ହେଲେ କୌଣସି ପଦକ୍ଷେପ ନିଆ ଯାଇ ନ ଥିଲା। ତେଣୁ ସେପ୍ଟେମ୍ବର ୧୩ରେ ଦ୍ୱିତୀୟ ଥର ନିବେଦନ କରାଯାଇଥିଲେ ମଧ୍ୟ ଫଳ ଶୂନ। ରାଜସ୍ୱ ବିଭାଗ ତରଫରୁ ଅବରୋଧକାରୀଙ୍କୁ ନ ହଟାଇଲେ ରାସ୍ତା ପ୍ରଶସ୍ତୀକରଣ ହୋଇପାରୁନାହିଁ। ଏ ସମ୍ପର୍କରେ ଦର୍ପଣ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କୁ ପଚାରିବାରେ ସେ କୁହନ୍ତି, ଯେବେ ବିଭାଗ ତରଫରୁ ଚିଠି ଦିଆଯାଇଥିଲା ସେ ସମୟରେ ବର୍ଷା ଋତୁ ଥିଲା। ବର୍ଷା ଋତୁ ପରେ ରାସ୍ତା କାମ ହେବ ବୋଲି ସେମାନେ କହିଥିଲେ। କିନ୍ତୁ ଏହାପରେ ପୁନଃର୍ବାର ଯୋଗାଯୋଗ କରିନାହାନ୍ତି।

## ଫାଇନାନ୍ସ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

**ରସୁଲପୁର,୪।୧୨ (ଡି.ଏନ.ଏ.)**

କୁଆଖିଆ ଥାନା ସିଂହାପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଫାଇନାନ୍ସ କର୍ମଚାରୀ ସୌମ୍ୟରଞ୍ଜନ ଜେନାଙ୍କୁ ରବିବାର ଆକ୍ରମଣ ହୋଇଛି। ଟିକରପଡ଼ା ପଞ୍ଚାୟତ କୁଜିବର ଗ୍ରାମର ଅମିତ ରାଉତ ଓ ତାଙ୍କ ଭାଇମାନେ ସୌମ୍ୟରଞ୍ଜନଙ୍କୁ ଆକ୍ରମଣ କରିଛନ୍ତି। ଏନେଇ ସୌମ୍ୟରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି।

ସୌମ୍ୟରଞ୍ଜନ ଏକ ଫାଇନାନ୍ସ କମ୍ପାନୀରେ କଲେକ୍ସନ ଏକଜ୍ୟୁକୁଟିଭ ଭାବେ କାର୍ଯ୍ୟ କରୁଛନ୍ତି। ଉକ୍ତ କମ୍ପାନୀଠାରୁ ଅଭିଯୁକ୍ତ ଅମିତ ୧୦ହଜାର ଟଙ୍କା ଋଣ ନେଇଥିଲେ। ମାତ୍ର ଋଣ ପୈଠରେ ଅଭିଯୁକ୍ତ ଖିଲାପ କରିଆସୁଥିଲେ। ତେଣୁ ଋଣ ଆଦାୟ ପାଇଁ କମ୍ପାନୀ ପକ୍ଷରୁ ସୌମ୍ୟରଞ୍ଜନ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ। ସେ ଯାଇ ଅମିତଙ୍କୁ ଋଣ ସମ୍ପର୍କରେ ଅବଗତ କରାଇବା ସହ ଟଙ୍କା ମାଗିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅମିତ୍ ତାଙ୍କୁ ମାଡ଼ ମାରିଥିଲେ। ଅମିତଙ୍କ ଭାଇମାନେ ମଧ୍ୟ ସୌମ୍ୟରଞ୍ଜନଙ୍କୁ ମାଡ଼ମାରିବା ସହ ତାଙ୍କଠାରୁ ୨୮ହଜାର ଟଙ୍କା ଓ ଗାଡି ଚାବି ଛଡାଇ ନେଇଥିଲେ। ସୌମ୍ୟରଞ୍ଜନ କମ୍ପାନୀର ଅଧିକାରୀଙ୍କୁ ଅବଗତ କରାଇଥିଲେ। ପରେ କମ୍ପାନୀର ପରିଚାଳକ ଓ କର୍ମଚାରୀ ଅଭିଯୁକ୍ତଙ୍କ ଘରେ ପହଞ୍ଚି ପଚରାଉଚରା କରିବାରୁ ଅଭିଯୁକ୍ତଙ୍କ ପରିବାର ସେମାନଙ୍କୁ ମଧ୍ୟ ଅସଦାଚରଣ ପ୍ରଦର୍ଶନ କରିଥିଲେ। ପରେ ଘଟଣା ସମ୍ପର୍କରେ କମ୍ପାନୀ ପକ୍ଷରୁ କୁଆଖିଆ ଥାନା ପୋଲିସକୁ ଅବଗତ କରାଯାଇଥିଲା। ପୋଲିସ ମୋବାଇଲ ଭ୍ୟାନ୍ ଆସି କମ୍ପାନୀ କର୍ମଚାରୀଙ୍କ ବାଇକ୍ ଚାବି ଅଭିଯୁକ୍ତଙ୍କ ପରିବାର ଲୋକଙ୍କଠାରୁ ଜବତ କରିଥିଲା। ସୌମ୍ୟରଞ୍ଜନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାପରେ ଥାନାରେ ଅଭିଯୋଗ କରିଥିଲେ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି।

## ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତା କାର୍ଯ୍ୟର ଶିଳାନ୍ୟାସ ଆଜି

**ବାଲିଚନ୍ଦ୍ରପୁର,୪।୧୨(ସ୍ୱ.ପ୍ର.)**

ଚୌଦ୍ୱାର-ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନର ଚଣ୍ଡିଖୋଲ ସବ୍‌ଡିଭିଜନ ଅନ୍ତର୍ଗତ ବରୁହାଁ-ବାଲିଚନ୍ଦ୍ରପୁର ରାସ୍ତାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ରାସ୍ତା କାର୍ଯ୍ୟ ପାଇଁ ୫ ତାରିଖ ସୋମବାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହେବ। ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ବଡ଼ଚଣା ବ୍ଲକ୍ ଅଧୀନ ମାଣ୍ଡୁକା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଦ୍ୱାରା ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ରାସ୍ତା ହେବା ଦ୍ୱାରା ଯାଜପୁର ସଦରମହକୁମାକୁ ଯାତାୟାତରେ ୪ଟି ବ୍ଲକର ଲକ୍ଷାଧିକ ଜନସାଧାରଣ ଉପକୃତ ହେବେ ବୋଲି ବିଧାୟକ ପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆମ୍ବ ଅଧ୍ୟକ୍ଷ ନିରଞ୍ଜନ ସେନାପତି, ମାଣ୍ଡୁକା ସରପଞ୍ଚ ପ୍ରଭାସିନୀ ମଲ୍ଲିକ, ଅମର ପ୍ରସାଦ ମହାନ୍ତି, ପୂର୍ବତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ତାପସ ରାୟ, ଅନିଲ ପରିଡ଼ା, ଅମୂଲ୍ୟ ଦାସ, କାର୍ତ୍ତିକ ମହାନ୍ତି, ବିପିନ ବିହାରୀ ଜେନା, ନିରଞ୍ଜନ ସିଂହ, ହିମାଂଶୁ ଦାସ, ଓମ୍‌ପ୍ରକାଶ ବଳ, ତୁଷାର ପରିଡ଼ା ଓ ଅନନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଜେୟୁଜେର ସାଧାରଣ ପରିଷଦ ବୈଠକ, କର୍ମକର୍ତ୍ତା ନିର୍ବାଚନ



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଧର୍ମଶାଳା,୪।୧୨(ଡି.ଏନ.ଏ.)**

ଯାଜପୁର ଜିଲା ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଯାଜପୁର ୟୁନିୟନ ଅଫ୍ ଜର୍ନାଲିଷ୍ଟ (ଜେୟୁଜେ)ର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ୟୁନିୟନ୍ ସଭାପତି ଆଦିତ୍ୟ ମେକାପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ଯୋଗଦେଇ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ଖବରଦାତାଙ୍କ ପାଇଁ ଯେଉଁ ସବୁ ସୁବିଧା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ ତାହାପୂରଣ କରିବାରେ ବିଫଳ ହୋଇଛନ୍ତି। ତେଣୁ ଆଗାମୀ ଦିନରେ ବିଭିନ୍ନ ଜିଲାରେ ସାମ୍ବାଦିକ ସଙ୍ଗଠନ ମାଧ୍ୟମରେ ଏହାର ପ୍ରତିବାଦ କରାଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ୟୁନିୟନ ଉପସଭାପତି କିଷାନ ରାଉତ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ ପତି, ରାଜ୍ୟ ୟୁନିୟନ ସମ୍ପାଦକ ପ୍ରସନ୍ନ ପାଇକରାୟ, ସମରଜିତ୍ ମହାନ୍ତି ଓ ରାଜ୍ୟ ୟୁନିୟନ କଲ୍ୟାଣ ବୋର୍ଡ ସଭାପତି ରାଜୀବ ମହାନ୍ତି, ବିଦାୟୀ ଜିଲା ସମ୍ପାଦକ ଦେବପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଖବରଦାତାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବରିଷ୍ଠ ଖବରଦାତା ସଂଗ୍ରାମ ସିଂ, ହର୍ଷବର୍ଦ୍ଧନ ବେହେରା, ପ୍ରଦୀପ ପରିଡ଼ା ଓ ପରିବେଶବିତ ଶ୍ରୀନିବାସ ଜେନାଙ୍କୁ ଅତିଥିମାନେ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବୈଠକର ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କର୍ମକର୍ତ୍ତା ନିର୍ବାଚନରେ ଚଳିତଥର ପାଇଁ ଜିଲା ୟୁନିୟନର ସଭାପତି ଭାବେ ଆଦିତ୍ୟ ମେକାପ, କାର୍ଯ୍ୟକାରୀ ସଭାପତି ଭାବେ ବିଶ୍ୱଜ୍ୟୋତି ପତି ଓ ସମ୍ପାଦକ ଭାବେ ପ୍ରବୋଧ ମିଶ୍ର ନିର୍ବାଚିତ ହୋଇଥିଲେ। ସାମ୍ବାଦିକ ପ୍ରବୋଧ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଆନନ୍ଦ ଚନ୍ଦ୍ର ମହାରଣା ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଶେଷରେ ସାମ୍ବାଦିକ ସୁବ୍ରତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ବାଙ୍ଗରା ନୋଡାଲ ବିଦ୍ୟାଳୟରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସିଂହପୁର,୪।୧୨(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀ ଅର୍ପିତା ଆରୁଖ ଚଳିତ ଶିକ୍ଷା ବର୍ଷରେ ବିଞ୍ଝାରପୁର ବ୍ଲକସ୍ତରରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବ୍ଲକ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଅର୍ପିତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀବାଳା ସାମଲ, ପ୍ରେମଲତା ବାରିକ, ଚିତ୍ରଲେଖା ସାହୁ, ମୁକ୍ତେଶ୍ୱର ଜେନା, ଅରୁପମା ନାୟକ, ଉଚ୍ଚ ବିଦ୍ୟାଳୟର ଅକ୍ଷୟ ସାର, ଅନିଲ ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ, ପ୍ରାଧନଶିକ୍ଷକ ଏବଂ ସିଆରସିସି ମନୋଜ ମହାଲିକ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ପରିଚାଳନା କରିବା ସହ ଅର୍ପିତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ମା' ବରୁଣେଇଙ୍କ ଜନ୍ମୋତ୍ସବ

**ସିଂହପୁର,୪।୧୨(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମା' ବରୁଣେଇଙ୍କ ୨୯ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଫତେପୁର, ଟିଣା, ବାଛୋଳ ପଞ୍ଚାୟତର ଜନସାଧାରଣ ଓ ମା'ବରୁଣେଇ ଉନ୍ନୟନ ପରିଷଦର ସକ୍ରିୟ ସଭ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ରାହାସ ବିହାରୀ ମଠରେ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ



ବ୍ୟଞ୍ଜନ ଦ୍ୱାଦଶୀ ଅବସରରେ ଭଜନ କୀର୍ତ୍ତନ ଚାଲିଛି।

**ରସୁଲପୁର,୪।୧୨(ଡି.ଏନ.ଏ.)**

ଓଡ଼ିଆଙ୍କ ଆରାଧ୍ୟ ଦେବତା ବହୁ ଖାଦ୍ୟ ପ୍ରିୟ। ପ୍ରଭୁ ଜଗନ୍ନାଥଙ୍କ ଷାଠିଏ ପଉଟି ଭୋଗରୁ ଏହା ପ୍ରମାଣିତ ହେଉଛି। ସେହିପରି ଓଡ଼ିଆ ପର୍ବରେ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ ପାଳନ ଯୋଡ଼ିହେବା ହେଉଛି ଆଉ ଏକ ବଳିଷ୍ଠ ଉଦାହରଣ। ରସୁଲପୁର ବ୍ଲକ ନିକଟସ୍ଥ ରାହାସ ବିହାରୀ ମଠରେ ରବିବାର ଏହି ଦ୍ୱାଦଶୀ ପାଳନକୁ ନେଇ ଭକ୍ତଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖା ଦେଇଥିଲା। କାର୍ଯ୍ୟକ୍ରମରେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଥିବା ମଠ ମନ୍ଦିରର ତତ୍ତ୍ୱାବଧାରକ, ବାବାଜିମାନେ ଅଂଶଗ୍ରହଣ କରିଥିଲେ। ପ୍ରଭୁ ରାଧାକୃଷ୍ଣଙ୍କୁ ପୂଜା କରିବା ଅବସରରେ ଏକାଧିକ ସଂକୀର୍ତ୍ତନମଣ୍ଡଳୀ ମଠ ପରିସରରେ ଉପସ୍ଥିତ ରହି ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ରାହାସ ବିହାରୀ ମଠ ବାବାଜି ମହେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପର୍ବରେ ଛଡିଆବଟର ମଣିମା ଶ୍ରୀଜଗନ୍ନାଥ ଦାସ, ବାବା ପରମେଶ୍ୱର ଦାସ, ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ମଠ ପରିଚାଳନା କାର୍ଯ୍ୟକର୍ତ୍ତା କୁଳମଣି ନାୟକ, ବିପିନ ବିହାରୀ ପଣ୍ଡା, ଚୈତନ୍ୟ ସାହୁ, ବଟକୃଷ୍ଣ ପରିଡ଼ା, ଲକ୍ଷ୍ମୀଧର ମହାନ୍ତି ଓ ରଘୁନାଥ ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସଂକୀର୍ତ୍ତନମଣ୍ଡଳୀ ପକ୍ଷରୁ ନଗର ପରିକ୍ରମା କରାଯିବା ସହ ବାଦ୍ୟ ଓ ହରିଭଜନରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏହି ପର୍ବରେ ବିଭିନ୍ନ ଅଞ୍ଚଳରୁ ୧୨୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

## ୩୩ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

**ଯାଜପୁର ଟାଉନ,୪।୧୨(ଡି.ଏନ.ଏ.)**

ଯାଜପୁର ଟାଉନ୍ ଥାନା ଅଧୀନ ଅକରପଡ଼ା ଅଞ୍ଚଳର ଫେରାର ଅଭିଯୁକ୍ତ ରମାକାନ୍ତ ଦାସ(୬୩) ଦୀର୍ଘ ୩୩ ବର୍ଷ ପରେ ଗିରଫ ହୋଇଛନ୍ତି। ତାଙ୍କ ନାମରେ ଚୋରି, ଲୁଟ୍ ଅଭିଯୋଗ ରହିଥିଲା। ହେଲେ ସେ ୧୯୮୯ରେ ଫେରାର ହୋଇ ଯାଇଥିଲେ। ଯାଜପୁର ଟାଉନ୍ ଥାନା ଅଧିକାରୀ ଅଜୟ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଭଦ୍ରକ ଜିଲା ଧାମନଗର ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ଅଞ୍ଚଳରେ ଚଢ଼ାଉ କରି ରମାକାନ୍ତଙ୍କୁ କାବୁ କରିଥିଲା।

## ଶିକ୍ଷାବିତ୍ ଲୋକନାଥ ଦାସଙ୍କ ପରଲୋକ

**ବରୀ,୪।୧୨(ଡି.ଏନ.ଏ.)**

ବରୀ ବ୍ଲକ୍ ଅଞ୍ଚଳର ବରିଷ୍ଠ ଶିକ୍ଷାବିତ, ସମାଜ ସଂସ୍କାରକ ଓ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନର ଆବାହକ ଲୋକନାଥ ଦାସଙ୍କ ପରଲୋକ ହୋଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ରବିବାର ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେବାକୁ ଉଦ୍ୟମ କରିଥିଲେ। ହେଲେ ଏହି ସମୟରେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଦାସ ରତ୍ନଗିରି ପଞ୍ଚାୟତ ଅଲିଆବାଦ ଗ୍ରାମରେ ଜନ୍ମ ହୋଇଥିଲେ ମଧ୍ୟ ନିଜର ନିଷ୍ଠା, ଆଦର୍ଶ, କର୍ମ ଓ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ଯୋଗୁ ବରୀ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ବିକଶିତ ବରୀ ଗଠନ କ୍ଷେତ୍ରରେ ବିଭିନ୍ନ ରାଜନୈତିକ ଦଳର ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପହଞ୍ଚିଥିଲେ। କିଭଳି ବରୀର ବିକାଶ ହୋଇପାରିବ ସେ କ୍ଷେତ୍ରରେ ବିଭିନ୍ନ ସାମାଜିକ ସଂଗଠନକୁ ସାଥିରେ ନେଇ ସଂଘର୍ଷ ଜାରି ରଖିଥିଲେ।



ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରୀ ବିଧାୟିକା ସୁନନ୍ଦା ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଷ୍ଣୁ ଚରଣ ମହାନ୍ତି, ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ, ମନୋଜ ମଲ୍ଲ, ଡ. ନୃସିଂହ ଚରଣ ବେହେରା, କର୍ଣ୍ଣଚନ୍ଦ୍ର ଘଡ଼ାଇ, ଗୋପବନ୍ଧୁ ଦାସ, ମକରଧ୍ୱଜ ସାହୁ, ମନ୍ଦାରୀ ସମବାୟ ସଭାପତି ଅନିରୁଦ୍ଧ ମଲ୍ଲ, ଯୁବ ସାମାଜିକ କର୍ମୀ ରାଜକିଶୋର ଜେନା, ଗିରିଶ ଚନ୍ଦ୍ର ସାମଲ, ରତ୍ନଗିରି ସରପଞ୍ଚ ସରଳା ମଲିକ, ଅଜୟ ମଲ୍ଲ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଉଥିଲା ବେଳେ ବହୁ ବୁଦ୍ଧିଜୀବୀ, ପୁରାତନ ଛାତ୍ରୀଛାତ୍ର, ଶିକ୍ଷାବିତ୍ ତାଙ୍କର ଶେଷ ଦର୍ଶନ କରିବା ସହିତ ଲୋକନାଥ ସାର ଅମର ରହେ ବୋଲି ସ୍ଲୋଗାନ ଦେଇଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଚାଲିଛି ସ୍ୱାସ୍ଥ୍ୟ ଉପକେନ୍ଦ୍ର

**ଚଣ୍ଡିଖୋଲ,୪।୧୧(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ସାଉଡ଼ିଆ ପଞ୍ଚାୟତ ଅଧୀନ ବାଲିକୁଦାଠାରେ ଥିବା ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ପଞ୍ଚାୟତ ନିମନ୍ତେ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସେପ୍ଟେମ୍ବର ୧୧ରୁ ଚାଲୁରହିଛି। ଏହି ଦିନ ଏଠାରେ ଉପକେନ୍ଦ୍ରଟି ଉଦ୍‌ଘାଟନ ହୋଇଥିଲା। ତେବେ ଏହାକୁ ନେଇ ବିରୋଧର ସ୍ୱର ଉଠିବା ପରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ୍ରମେ ଶନିବାର ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶିବାଶିଷ ମହାରଣା ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଣୀଧନ ଚିକିତ୍ସାଳୟ ପରିସର ପରିଦର୍ଶନ କରି ତଦନ୍ତ କରିଛନ୍ତି।

ସୂଚନା ମୁତାବକ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟନୀ ଉତ୍ସବକୁ ସ୍ଥାନୀୟ ସରପଞ୍ଚଙ୍କୁ ଡକାଯାଇ ନ ଥିଲା, ଯାହାକୁ ନେଇ ସରପଞ୍ଚ ଜଗନ୍ନାଥ ଖଣ୍ଡେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ବଡ଼ଚଣା ବିଡିଓଙ୍କୁ ଜଣାଇଥିଲେ। ମାତ୍ର ଏଥିରେ କୌଣସି ସୁଫଳ ମିଳି ନ ଥିଲା। ଏହା ପରେ ସେ



ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

### ତଦନ୍ତ କଲେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

ଅକ୍ଟୋବର ୧୦ରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଓଡ଼ିଶା ମୁଖ୍ୟଙ୍କୁ ପତ୍ର ଲେଖି ଅଭିଯୋଗ କରିଥିଲେ ଯେ, ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବହୁ ଘର ରହିଥିଲା ବେଳେ ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଚାଲିଛି। ଅନ୍ୟପକ୍ଷରେ ଜନଆରୋଗ୍ୟ ସମିତିର ଅଧ୍ୟକ୍ଷ ସରପଞ୍ଚ ହୋଇଥିଲେ ମଧ୍ୟ ତାଙ୍କ ଅଗୋଚରରେ କିପରି ସାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟନ ହେଲା ସେଥିନେଇ ସେ ଆପତ୍ତି ଉଠାଇ ଥିଲେ। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସା ଅଧିକାରୀ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରାଯାଇଛି। ଏହାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ। ଏହାପରେ ସରକାର ଯାହା ପଦକ୍ଷେପ ନେବେ। ତଦନ୍ତ ସମୟରେ ସ୍ଥାନୀୟ ସରପଞ୍ଚ ଖଣ୍ଡେଇ, ସମିତିସଭ୍ୟ ସୁରେନ୍ଦ୍ର ସେନାପତି ଓ ସାସ୍ଥ୍ୟ ଉପକେନ୍ଦ୍ର ଅଧିକାରୀ ଭକ୍ତିଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶିବିରରେ ୫୨ଜଣଙ୍କ ଚକ୍ଷୁ ପରୀକ୍ଷା

କେନ୍ଦ୍ରାପଡ଼ା ଅଫିସ, ୪।୧୨: କେନ୍ଦ୍ରାପଡ଼ା ସହରର ତୁଳସୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ମାଗଣା ଚକ୍ଷୁ ଓ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୂମିକା ଚକ୍ଷୁ ହସ୍ପିଟାଲ ଓ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପକ୍ଷରୁ ଆୟୋଜିତ ଶିବିରରେ ୫୨ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ଏଥିସହ ୨୦ ଜଣ ମୋତିଆବିନ୍ଦୁରେ ପୀଡିତ ବୋଲି ଚିହ୍ନଟ ହୋଇଥିଲେ। ଭୂମିକା ହସ୍ପିଟାଲ ପକ୍ଷରୁ ଏହି ରୋଗୀଙ୍କୁ ଚିକିତ୍ସା କରାଯାଉଛି। ଭୂମିକା ହସ୍ପିଟାଲର ଚକ୍ଷୁ ବିଶେଷଜ୍ଞ ଅମୀୟ କୁମାର ପାତ୍ର, ଜିଲା ସଂଯୋଜକ ସନ୍ତୋଷ କୁମାର ସାହୁ, ବ୍ଲକ ସଂଯୋଜକ ସ୍ମୃତିରଞ୍ଜନ ଦ୍ୱିବେଦୀ, ଜ୍ୟୋତିନନ୍ଦା ପହି, ଝରଣା ଦାସ, ମଳୟ କୁମାର ରାଉତ, ପ୍ରଭାତ କୁମାର ବାରିକ ପ୍ରମୁଖ ରୋଗୀଙ୍କ ଚିକିତ୍ସା ସେବାରେ ଥିଲେ। ସେହିପରି ମହାବିଦ୍ୟାଳୟ ଅଧକ୍ଷା ପ୍ରମିଳା ବେହେରା, ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ପଦ୍ମଜା କବି ଶତପଥି ଶିବିରକୁ ପରିଚାଳନା କରିଥିଲେ।

### ୩ ଉଠା ଦୋକାନରୁ ଚୋରି

ପାରାଦୀପ, ୪।୧୨(ସ୍ୱ.ପ୍ର.): ପାରାଦୀପ ଜଟାଧାରମୁହାଣ ସାମୁଦ୍ରିକ ଥାନା ଅନ୍ତର୍ଗତ ବେଳାଭୂମି ରାସ୍ତାରେ ଥିବା ୩ ଉଠା ଦୋକାନରୁ ଶନିବାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ମାମଲା (ନଂ. ୫୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ଆରତୀ ପ୍ରଧାନ, କାଶୀନାଥ ସାହୁ, ସାବିତ୍ରୀ ଦାସ ଦେଇଥିବା ଅଭିଯୋଗ ଅନୁଯାୟୀ, କୌଣସି ଦୁର୍ବୃତ୍ତ ଦୋକାନ ତାଲା ଭାଙ୍ଗି ସେଥିରେ ଥିବା ପାନ ମସଲା, ସିଗାରେଟ, ବିସ୍କୁଟ ଆଦି ନେଇ ଯାଇଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ଦେବେନ୍ଦ୍ର ମହାପାତ୍ର କୁହନ୍ତି, ପ୍ରାଥମିକ ତଦନ୍ତରେ ଜଣାପଡିଛି ଯେ, ଦୋକାନୀଙ୍କ ମଧ୍ୟରେ ଜାଗାକୁ ନେଇ ମତଭେଦ ଥିଲା। ସେଥିପାଇଁ ଏପରି ପରସ୍ପର ବିରୋଧରେ ଚୋରି ଅଭିଯୋଗ କରିଛନ୍ତି। ତଦନ୍ତ ପରେ ଏହା ସ୍ପଷ୍ଟ ହେବ।

### ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର: ୨ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଆଳି,୪।୧୨(ଡି.ଏନ.ଏ.): ଆଳି ବ୍ଲକ ଗିରିବନ୍ଧ ଗାଁର ଜନକଲ୍ୟାଣ ଯୁବ ସଙ୍ଗଠନ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଦେମାଳ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ପରିଡା ଓ ସମିତିସଭ୍ୟା ପ୍ରତିନିଧି ପ୍ରଫୁଲ୍ଲ ସିଂହ ଉପସ୍ଥିତ ଥିଲେ। ଏଥିରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ମୃତ୍ୟୁଞ୍ଜୟ ତରାଇ, ଇନ୍ଦ୍ରଭାନୁ ପ୍ରଧାନ, ଓମ୍‌ପ୍ରକାଶ ସାହୁ, ସୁଧାଂଶୁ ପ୍ରିୟଦର୍ଶନୀ ବିଶ୍ୱାଳ, କ୍ୟାପିଟାଲ ହସ୍ପିଟାଲର ଫାର୍ମାସିଷ୍ଟ ଅଶୋକ କୁମାର ରାଉତ ଯୋଗ ଦେଇଥିଲେ। ସେମାନେ ୨ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସଂଗଠନ ପକ୍ଷରୁ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଡାକ୍ତର, ଫର୍ମାସିଷ୍ଟଙ୍କୁ ଜନ କଲ୍ୟାଣ ସଂଗଠନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାକୁ ଧନେଶ୍ୱର ରାଉତ, ନରହରି ପାତ୍ର, ସହଦେବ ସିଂହ, ଅକ୍ଷୟ ମଲ୍ଲିକ, ବଙ୍ଗାଳି ସାମଲଙ୍କ ସମେତ ସଙ୍ଗଠନର ସଦସ୍ୟମାନେ ପରିଚାଳନା କରିଥିଲେ।

# ଭିତରକନିକାରେ ବାର୍ଡଫ୍ଲୁ ଆଶଙ୍କା ନେଇ ସାମ୍ପୁଲ ସଂଗ୍ରହ

ରାଜନଗର, ୪।୧୨(ଡି.ଏନ.ଏ.)



ବିଶେଷଜ୍ଞ ଟିମ ପକ୍ଷୀଙ୍କ ମଳ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦରେ ଥିବା ସାତଭାୟାର ବିସ୍ତୀର୍ଣ୍ଣ ଜଳରାଶି ସହ ବଙ୍ଗୋପସାଗର ତଟବର୍ତ୍ତୀ ରାଇପାଟିଆ ସମେତ ବିଭିନ୍ନ ଆର୍ଦ୍ରଭୂମି ଅଞ୍ଚଳରେ ବିଦେଶାଗତ ପକ୍ଷୀମାନଙ୍କ ସମାଗମ ଆରମ୍ଭ ହୋଇଛି। ସୁଦୂର ଫ୍ରାନ୍ସ, ସାଇବେରିଆ, ମଙ୍ଗୋଲିଆ, ମାଲେସିଆ ସମେତ ହିମାଳୟ ପାଦଦେଶରେ ପ୍ରବଳ ଶୀତ ଦାଉରୁ ରକ୍ଷା ପାଇବାକୁ ଲକ୍ଷାଧିକ ବିଦେଶାଗତ ପକ୍ଷୀ ଯୋଜନ ଯୋଜନ ଆକାଶ ପଥ ଅତିକ୍ରମ କରି ଏଠାରେ ଜଳକ୍ରୀଡା କରିବାର ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ବିମୋହିତ କରୁଛି। କିଛିବର୍ଷ ହେଲା ଶୀତଋତୁରେ ଚିଲିକା ଓ ଭିତରକନିକାକୁ ଆସୁଥିବା ବିଦେଶାଗତ ପକ୍ଷୀ ଏବଂ ଏଠାରେ ସ୍ଥାୟୀ ଭାବେ ବସବାସ କରୁଥିବା ଦେଶୀୟ ପକ୍ଷୀମାନଙ୍କ ମଧ୍ୟରେ ମିଳାମିଶା ଯୋଗୁ ବାର୍ଡ ଫ୍ଲୁ ଆଶଙ୍କା ଦେଖାଦେଇଛି। ଏହାକୁ ଆଖି ଆଗରେ ରଖି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରିଣୀ ଦୀପ୍ତି ମହାପାତ୍ରଙ୍କ ନେତୃତ୍ୱରେ ରାଜନଗର ପ୍ରାଣୀ ଚିକିତ୍ସାଧିକାରୀ ଡା. କିଶୋର କୁମାର ସାହୁ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରକାଶ କୁମାର ଜେନା, ପିନାକ ରାଉତ ପ୍ରମୁଖ ଭିତରକନିକା ସୀମା ସରହଦରେ ଥିବା ସ୍ଥାନଗୁଡିକରୁ ମାଟି, ପକ୍ଷୀମାନଙ୍କ ମଳ, ଲାଳ ପ୍ରଭୃତି ୩୦ ନମୁନା ସଂଗ୍ରହ କରି ନଖରାସ୍ଥିତ ପ୍ରାଣୀ ଗବେଷଣା କେନ୍ଦ୍ରକୁ ପରୀକ୍ଷା ନିମନ୍ତେ ପଠାଯାଇଥିବା ନେଇ ଡା. ସାହୁ ସୂଚନା ଦେଇଛନ୍ତି।

## ପୁସ୍ତକ ମନୁଷ୍ୟକୁ ସଭ୍ୟତା ଶିଖାଏ

ଏରସମା,୪।୧୨(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ଗୋଡା ପଞ୍ଚାୟତସ୍ଥିତ ବୃନ୍ଦାବନ ବିହାରୀ ମହାବିଦ୍ୟାଳୟ ପରିସରରେ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ଇଂ.ବିଷ୍ଣୁ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କବି ଶ୍ରୀକାନ୍ତ ନାୟକଙ୍କ 'କ୍ଳାନ୍ତ ରାତିର ଜହ୍ନ' ଶୀର୍ଷକ କବିତା ସଙ୍କଳନକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ସାହୁ ପୁସ୍ତକ ମନୁଷ୍ୟକୁ ସଭ୍ୟତା ଶିଖାଇଥାଏ ବୋଲି କହିଥିଲେ। ଉତ୍ସବରେ ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ଡ.ବଟକୃଷ୍ଣ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଅଧ୍ୟାପିକା ସୁପ୍ରଭା ଜେନା, ଅଧ୍ୟାପକ ଶରତ ଚନ୍ଦ୍ର ମହାରଣା, ସ୍ଥାନୀୟ ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକ ,ପଣ୍ଡିତ ନାଗୁ ଚରଣ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଲେଜର ୧୪ ଜଣ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ୨ ଟ୍ରଲର ଜବତ, ୧୯ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୪।୧୨(ଡି.ଏନ.ଏ.):

ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବାବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ୨ଟି ଟ୍ରଲର ରବିବାର ଜବତ କରିଛି। ଏଥିରେ ଥିବା ୧୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ କଇଁଛଙ୍କ ପାଇଁ ପଇଁତରା ମାରୁଥିବା ବେଳେ ନିଷିଦ୍ଧାଞ୍ଚଳ ମଧ୍ୟରେ ବେଆଇନ ଭାବେ ମାଛ ମାରୁଥିବା ଜଗାକାଳିଆ ଓ ଦୈଶୀ ନାମକ ୨ଟି ଟ୍ରଲର ଜବତ କରିଛନ୍ତି। ଗିରଫ ମତ୍ସ୍ୟଜୀବୀ ହେଲେ ପବିତ୍ର ମାଇତି, ସୁଶାନ୍ତ ମଣ୍ଡଳ, ଧୁଳିଆ ମଲିକ, ଉତ୍ତମ ପାଲ, ଗୌରହରୀ ଦାସ, ଶ୍ରୀମନ୍ତ ଜେନା, ପ୍ରଫୁଲ୍ଲ ମଳିକ,



ଟ୍ରଲର ସହ ଗିରଫ ମତ୍ସ୍ୟଜୀବୀମାନେ।

ରାଜା ମଳିକ, ରଞ୍ଜିତ ମାଇତି, ବାଇଧର ସେଠୀ, ମନୋରଞ୍ଜନ ବେହେରା, ଗୌତମ ବେହେରା, ଅରୂପ ମାଝି, ଜିତୁ ସିଂ, ରବୀନ୍ଦ୍ର କୁମାର ପାତ୍ର, ବାଦଲ ସିଂ, ସୁଶାନ୍ତ ସେଠୀ, ପ୍ରତାପ ଜାନା, ଶତ୍ରୁଘ୍ନ ମାଝି। ଜବତ ଟ୍ରଲରରୁ ୪ କୁଇଣ୍ଟାଲ ମାଛ, ୨୨ଟି ଟ୍ରଲିଂ ନେଟ, ଫିସଫାଇଣ୍ଡର ୨ଟା, ଭିଏଚ୍‌ଏଫ୍ ୪ଟି, ଜିପିଏସ୍ ୨ଟା ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କ୍ଷାରୀ ପାଣି ମାଛ, ଚିଙ୍ଗୁଡ଼ି ଚାଷ ଲାଗି ସଚେତନତା ଶିବିର

ରାଜକନିକା,୪।୧୨ (ଡି.ଏନ.ଏ.)

ରାଜକନିକା ବ୍ଲକ ପରିସରରେ ମତ୍ସ୍ୟ ଚାଷୀମାନଙ୍କୁ ନେଇ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ କ୍ଷାରୀ ପାଣି ମାଛ ଓ ଚିଙ୍ଗୁଡ଼ି ଚାଷ ସମ୍ବନ୍ଧୀୟ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ମହମ୍ମଦ ଫିରୋଜଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ତନ୍ମୟ ରଞ୍ଜନ ଦାସ, ଅତିରିକ୍ତ ଦିନେଶ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅମିତା ସାହୁ ଓ କୃଷି ଅଧିକାରିଣୀ ଉପସ୍ଥିତ ରହିଥିଲେ। ସେମାନେ କ୍ଷାରୀ ପାଣି ମାଛ ଓ ଚିଙ୍ଗୁଡ଼ି ଚାଷ କରୁଥିବା ଚାଷୀମାନଙ୍କୁ ସଚେତନତା କରାଇଥିଲେ। ଏହି ସଚେତନତା ଶିବିରରେ ଚିଙ୍ଗୁଡ଼ି ଚାଷୀ ପ୍ରଦୀପ୍ତ ପଲାଇ, ଅରୁଣ ରାଉତ, ମହେଶ୍ୱର ନାୟକ, ନିରଞ୍ଜନ ବେହେରା ଓ ଅଭୟ ପ୍ରଧାନ କହିଥିଲେ, ଚିଙ୍ଗୁଡ଼ି ଚାଷ କରିବା ଲାଗି ସରକାର ଆମକୁ ସଚେତନତା କରିବା ଲାଗି ଶିବିର ସହ ଉତ୍ସାହିତ କରୁଛନ୍ତି। ହେଲେ ଆମେ ଧାରକରଜ କରି ଚାଷ କରୁଛୁ, ହେଲେ ଚିଙ୍ଗୁଡ଼ି ଅମଳ ସମୟରେ ପ୍ରଶାସନ ପକ୍ଷରୁ ଆମ ଘେରିକୁ ଭାଙ୍ଗି ଦିଆଯାଉଛି। ଫଳରେ ଏହି ଚାଷ ପ୍ରତି ଚାଷୀ ମୁହଁ ଫେରାଇ ନେଉଛନ୍ତି। ଏହି ଚାଷ ଦ୍ୱାରା ଆମେ କେତେଜଣ ଲୋକଙ୍କୁ ମଧ୍ୟ ନିଯୁକ୍ତି ଦେଉଛୁ। ଚାଷୀମାନଙ୍କୁ ତୁରନ୍ତ ପ୍ରଶାସନ ପକ୍ଷରୁ ଲାଇସେନ୍ସ ଦେବାକୁ ଦାବି କରିଥିଲେ। ଏଭଳି ଭାବେ ଚାଷୀମାନେ ସଚେତନତା ଶିବିରରେ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଶିବିରରେ ଶତାଧିକ ଚାଷୀ ଯୋଗ ଦେଇଥିଲେ। ବ୍ଲକ ମତ୍ସ୍ୟ ଅଧିକାରୀ ସମୀର କୁମାର ଦାସ ଧନ୍ୟବାଦ ଦେଇଥିଲେ। ସଂଗ୍ରାମ ମିତ୍ର, ଦେବଦତ୍ତ ନାୟକ, ଜ୍ଞାନ ରଞ୍ଜନ ନାୟକ ଓ ରଶ୍ମିରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଭିତରକନିକାରେ ଅଲିଭ୍‌ରିଡ୍‌ଲେ ସୁରକ୍ଷା ଶିବିର



ଚିତ୍ରଶିଳ୍ପୀ ଶ୍ରୀକାନ୍ତ କୁମାର ଦାସ ଅଲିଭରିଡ୍‌ଲେଙ୍କ ଚିତ୍ର ଆଙ୍କି ଡିଏଫ୍‌ଓଙ୍କୁ ପ୍ରଦାନ କରୁଛନ୍ତି।

ରାଜନଗର, ୪।୧୨(ଡି.ଏନ.ଏ.)

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ସଚେତନତା ଶିବିର ରବିବାର ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜନଗର ବନ୍ୟପ୍ରାଣୀ ଡିଭିଜନର ତତ୍ତ୍ୱାବଧାରକ(ଡିଏଫ୍‌ଓ) ସୁଦର୍ଶନ ଗୋପୀନାଥ ଯାଦବ ଯୋଗଦେଇ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ଆସିଥିବା ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ସବୁ ସ୍ତରରୁ ଉଦ୍ୟମ ଜାରି ରହିବା ଆବଶ୍ୟକ। ଏଭଳି କରାଗଲେ ବିଶ୍ୱ ପର୍ଯ୍ୟଟନରେ ଗହୀରମଥାର ମାନ ବୃଦ୍ଧି ହେବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ତଥା ପ୍ରଫେସର ଶିବ ପ୍ରସାଦ ପରିଡା ଯୋଗଦେଇ ଆମ ପୂର୍ବରୁ ଜୁରାସିକ ପିରିୟଡରୁ ଅଲିଭ୍‌ରିଡ୍‌ଲେ ପୃଥିବୀକୁ ଆସିଛନ୍ତି। ବଙ୍ଗୋପସାଗର ଭିତରେ ଖାଦ୍ୟ ଓ ଖାଦକର ଯେଉଁ ସମନ୍ୱୟ ରହିଛି ସେଠାରେ ଅଲିଭ୍‌ରିଡ୍‌ଲେ କଇଁଛଙ୍କର ଆଗମନ ସାଗରର ଖାଦ୍ୟ ଶୃଙ୍ଖଳ ଏବଂ ପରିବେଶ ସନ୍ତୁଳନ କ୍ଷେତ୍ରରେ ଅବଦାନ ଅତୁଳନୀୟ ଅଟେ। ପ୍ରକୃତି ସହ ଆମେ ଖେଳ ଖେଳୁଛୁ ବୋଲି ତା'ର ରିଟର୍ଣ୍ଣ ସ୍ୱରୂପ ସୁନାମୀ, କରୋନା, ମହାବାତ୍ୟା ଭଳି ବିପର୍ଯ୍ୟୟ ଆମକୁ ସାମ୍ନା କରିବାକୁ ପଡୁଛି । ଶିବିରରେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା ଅତିଥି ଭାବେ ଯୋଗଦେଇ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟରେ ଛିଣ୍ଡା ଜାଲ, ପ୍ଲାଷ୍ଟିକ ସାମଗ୍ରୀ, ପଲିଥିନ ନ ଫିଙ୍ଗିବାକୁ ଅନୁରୋଧ କରିଥିଲେ। ୪ ଦିନ ତଳେ କୁମ୍ଭୀର ପେଟରୁ ପଲିଥିନ ଓ ପ୍ଲାଷ୍ଟିକ ଦଉଡି ବାହାରି ଥିଲା। ଭିତରକନିକା, ଗହୀରମଥାର ଜୈବ ବିବିଧତା ପ୍ରତି ପଲିଥିନ ବିପଦ ସୃଷ୍ଟି କରୁଛି। ତେଣୁ ଭିତରକନିକାକୁ ପଲିଥିନ ମୁକ୍ତ କରିବାକୁ ଠୋସ୍ ପଦକ୍ଷେପ ନେବା ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗବେଷକ ପ୍ରସନ୍ନ କୁମାର ନାୟକ, ଖବରଦାତା ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, ବସନ୍ତ କୁମାର ହାତି, ଦୋଳଗୋବିନ୍ଦ ଜେନା, ଇଡିସି କମିଟି ସଭାପତି ପ୍ରଭାତ କୁମାର ବେହେରା, ପାରମ୍ପାରିକ ମତ୍ସ୍ୟ ସଂଘର ବନ ବିହାରୀ ମଣ୍ଡଳ, ଚନ୍ଦ୍ର ମୋହନ ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଅଲିଭରିଡେଲ କଇଁଛଙ୍କ ସୁରକ୍ଷା ପାଇଁ ମତ୍ସ୍ୟଜୀବୀମାନେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏଥିରେ ପାରମ୍ପରିକ ମତ୍ସ୍ୟଜୀବୀମାନେ ଯୋଗ ଦେଇଥିବା ବେଳେ ନିଷିଦ୍ଧାଞ୍ଚଳରେ ମାଛ ମାରି କଇଁଛ ମାରୁଥିବା ଟ୍ରଲର ମାଲିକମାନେ ଯୋଗ ଦେଇନାହାନ୍ତି ବୋଲି କହିଥିଲେ। ଶିବିରରେ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ସମ୍ପର୍କିତ ସଚେତନ ସୃଷ୍ଟି କରିବାକୁ ଚିତ୍ରଶିଳ୍ପୀ ଶ୍ରୀକାନ୍ତ କୁମାର ଦାସ ଅଲିଭ୍‌ରିଡ୍‌ଲେଙ୍କ ଚିତ୍ର ଆଙ୍କି ଥିଲେ। ଶିବିରକୁ ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟ ଗାର୍ଡ ସୁନୀଲ ରଞ୍ଜନ ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ।

# ଡେରାବିଶ ଥାନାରେ ମାମଲା ରୁଜୁ

## ଶାଶୁଘର ସମ୍ମୁଖରେ ବୋହୂଙ୍କ ଧାରଣା ଘଟଣା

ଡେରାବିଶ, ୪।୧୨(ସ୍ୱ.ପ୍ର.)

ଡେରାବିଶ ଥାନ ଅଧୀନ କୁରୁଜଙ୍ଗା ପଞ୍ଚାୟତ ମହେଶପୁର ଗାଁରେ କୈଳାସ ଚନ୍ଦ୍ର ସାମଲଙ୍କ ଘର ସମ୍ମୁଖରେ ତାଙ୍କ ବୋହୂ ସୋନାଲି ବିନ୍ଦୁ ନାୟକ ନ୍ୟାୟ ଦାବିରେ ବସିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିଲା। ତେବେ ବୋହୂର ମାନ୍ୟତା ଦାବି କରି ଧାରଣାରେ ବସିଥିବା ସୋନାଲିକୁ ଶାଶୁଘର ପରିବାର ଲୋକେ ଘରେ ପୂରାଇ ନ ଦେବାରୁ ଶେଷରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ । ସୋନାଲିଙ୍କ ଅଭିଯୋଗ ଅନୁଯାୟୀ, ଏହି ଥାନା ଅଧୀନସ୍ଥ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ଗାଁର ସ୍ୱର୍ଗତ ବିଶ୍ୱନାଥ ନାୟକଙ୍କ ଝିଅ ସୋନାଲି ଚଳିତ ବର୍ଷ ୨୦୨୨ ମସିହା ଜୁଲାଇ ୮ତାରିଖରେ ମହେଶପୁର ଗ୍ରାମର କୈଳାସ ଚନ୍ଦ୍ର ସାମଲଙ୍କ ପୁଅ ସୁବାସ (୨୯)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କ ବାପା ଓ ମା' କରୋନାରେ ମୃତ୍ୟୁବରଣ କରିଥିବାରୁ ବଡ଼ ଭିଣୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିବାହ ହେବା ସହ ନଗଦ ୨ ଲକ୍ଷ ଟଙ୍କା, ସମସ୍ତ ଆସବାବପତ୍ର ଯୌତୁକ ଆକାରରେ ଶ୍ୱଶୁର ଘରକୁ ପ୍ରଦାନ କରାଯାଇଥିଲା। ତେବେ ଶାଶୁଘରେ ୧ ମାସ ୧୦ଦିନ ରହିବା ପରେ ଅଧିକ ୫ ଲକ୍ଷ ଟଙ୍କା ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏପରି କି ବିବାହ ପରଠାରୁ ତାଙ୍କୁ ଓ ତାଙ୍କ ସ୍ୱାମୀ ସୁବାସଙ୍କୁ ଗୋଟିଏ ଘରେ ରହିବାର ସୁଯୋଗ ଶାଶୁଶ୍ୱଶୁର ଦେଇ ନ ଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ତେବେ ବାପମା' ଛେଉଣ୍ଡ ସୋନାଲିଙ୍କ ଭିଣୋଇ ଅଧିକ ଯୌତୁକ ଦେବାପାଇଁ ଅକ୍ଷମ ବୋଲି ସେ କହିବାରୁ ତାଙ୍କୁ ଶ୍ୱଶୁର କୈଳାସ, ଶାଶୁ ପ୍ରମିଳା, ସ୍ୱାମୀ ସୁବାସ, ନଣନ୍ଦ ମାନୁ ତାଙ୍କ ତଣ୍ଟିଚିପି ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିଲେ। ସେ ଚିତ୍କାର କରିବାରୁ ତାଙ୍କୁ ଛାଡ଼ି ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏ ସମ୍ପର୍କରେ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଏହାର ସମାଧାନ କରାଯାଇ ଭିଣୋଇ ସହ ତାଙ୍କୁ ପଠାଇ ଦେଇଥିଲେ। ପରେ ଗତ ଶୁକ୍ରବାର ସେ ତାଙ୍କ ଭଉଣୀ ଓ ଭିଣୋଇଙ୍କ ସହ ଶାଶୁଘରକୁ ଆସିଥିଲେ ମଧ୍ୟ ଶ୍ୱଶୁର ଓ ଶାଶୁ ତାଙ୍କୁ ଘରେ ପୂରାଇ ଦେଇ ନ ଥିଲେ। ଫଳରେ ସୋନାଲି ଦୀର୍ଘ ସମୟ ଧରି ଶାଶୁଘର ଆଗରେ ଧାରଣରେ ବସିବା ପରେ କବାଟ ନ ଖୋଲିବାରୁ ବାଧ୍ୟ ହୋଇ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଏହି ଅଭିଯୋଗ ପାଇବା ପରେ ରବିବାର ଥାନାରେ ନଂ. ୧୯୬/୨୨ରେ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀ ସୂଚନା ଦେଇଛନ୍ତି।

# ପ୍ରତିଭା ବିକାଶ ପାଇଁ ପ୍ରତିଯୋଗିତା ଆବଶ୍ୟକ

## ରାଜ୍ୟସ୍ତରୀୟ ଶିଶୁ ଚିତ୍ରାଙ୍କନ

କେନ୍ଦ୍ରାପଡ଼ା ଅଫିସ, ୪।୧୨

ଶିଶୁଙ୍କ ପ୍ରତିଭା ଅଛି। ଏହାର ଚିହ୍ନଟ ସହ ପ୍ରୋତ୍ସାହନ ଆବଶ୍ୟକ। ପ୍ରତିଭା ଚିହ୍ନଟ ପାଇଁ ପ୍ରତିଯୋଗାତା ଏକ ମାଧ୍ୟମ। ଏହାଦ୍ୱାରା ଆଗାମୀ ପିଢ଼ି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପାରିବେ ବୋଲି ରାଜ୍ୟସ୍ତରୀୟ ଶିଶୁ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅତିଥିମାନେ ମତ ଦେଇଛନ୍ତି। ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଓ କେନ୍ଦ୍ରାପଡ଼ା ଜିଲା ଶିଶୁ ସୁରକ୍ଷା ଶାଖାର ମିଳିତ ଆୟୋଜନାରେ ଏହି ପ୍ରତିଯୋଗିତା ସହରର ଦୀନବନ୍ଧୁ ଲ କଲେଜ ପରିସରରେ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୫ଟି ବର୍ଗରେ ୧୮୭ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଏଡିଏମ୍ ପୀତାମ୍ବର ସାମଲ ଓ ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

ସେମାନେ କହିଥିଲେ ଯେ, କେନ୍ଦ୍ରାପଡ଼ା ଜିଲାକୁ ରାଜ୍ୟ, ବାହାର ରାଜ୍ୟରେ କଳା ଓ ସଂସ୍କୃତି ପାଇଁ ପରିଚିତ ହୋଇଛି। ବହୁ ପ୍ରତିଭାବାନ ବ୍ୟକ୍ତିତ୍ୱ ଏହି ଜିଲାରୁ ରାଜ୍ୟ ଓ ଜାତୀୟସ୍ତରରେ ଜିଲାର ଗୁରୁତ୍ୱକୁ ବଢ଼ାଇଛନ୍ତି। ସମ୍ପ୍ରତି ଡିଜିଟାଲ ଯୁଗରେ ପାରମ୍ପାରିକ କଳାର ଉପଯୋଗ କମିଛି। ତେବେ ଏହି ପ୍ରତିଭା ମରିନାହିଁ। ଏହାକୁ ଅଧିକ ପ୍ରାଣକ୍ଷମ କରିବା ଓ ଶିଶୁଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଏପରି ଯୋଜନା ପ୍ରସ୍ତୁତ କରିଛନ୍ତି। ନୋଡାଲ ଅଧିକାରୀ ପରାମର୍ଶଦାତ୍ରୀ କନକଲତା ବେହେରାଙ୍କ ପରିଚାଳନାରେ ଆୟୋଜିତ ପ୍ରତିଯୋଗିତାରେ ସିଡବ୍ଲ୍ୟୁସି ଅଧକ୍ଷ ଭଗବତୀ ପ୍ରସାଦ ଦାସ, ରେସୱାର ପରିଚାଳିକା ମୀନତି ମହାରଣା, ପଲ୍ଲିଶ୍ରୀ ମହିଳା ସମିତି ପରିଚାଳକ ଶ୍ରୀକାନ୍ତ ନାୟକ, ବିଶ୍ୱଜିତ ପରିଡା, ମନୋଜ ପରିଡାଙ୍କ ସମେତ ଶିଶୁ ସୁରକ୍ଷା ଶାଖାର କର୍ମଚାରୀମାନେ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

# ସେମିରେ ମା' ଭୁଆଶୁଣୀ ଫ୍ରେଣ୍ଡସ କ୍ଲବ

ରାଜକନିକା, ୪।୧୨(ଡି.ଏନ୍.ଏ.)

ରାଜକନିକା ଆଥ୍‌ଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ୪୧ତମ ରାଜ୍ୟସ୍ତରୀୟ ରାଜକନିକା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ-୨୦୨୨ର ରବିବାର ଦ୍ୱିତୀୟ ମ୍ୟାଚ ଥିଲା। ଏଥିରେ ମା' ଭୁଆଶୁଣୀ ଫ୍ରେଣ୍ଡସ୍ କ୍ଲବ, ବିଡ଼ାନାଶୀ(କଟକ) ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲ ବ୍ୟବଧାନରେ ଜଗା ୟୁନାଇଟେଡ୍ କ୍ଲବ, ଭୁବନେଶ୍ୱରକୁ ହରାଇ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ସ୍ଥାନୀୟ ଆର୍. ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଆୟୋଜିତ ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲ ନ ହେବାରୁ ଅମିମାଂସିତ ଭାବେ ଖେଳ ଶେଷ ହୋଇଥିଲା। ନିୟମାନୁସାରେ ଟ୍ରାଇବ୍ରେକର ଜରିଆରେ ଖେଳର ଫଳାଫଳ ନିର୍ଣ୍ଣୟ କରାଯାଇ ମା' ଭୁଆଶୁଣୀ ଫ୍ରେଣ୍ଡସ୍ କ୍ଲବ, ବିଡ଼ାନାଶୀ(କଟକ) ବିଜେତା



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ରାଜ୍ୟସ୍ତରୀୟ ରାଜକନିକା ଆମନ୍ତ୍ରଣୀୟ କପ୍

ହୋଇଥିଲା। ମା' ଭୁଆଶୁଣୀ ଫ୍ରେଣ୍ଡସ୍ କ୍ଲବ, ବିଡ଼ାନାଶୀ (କଟକ)ର ଗୋଲ ରକ୍ଷକ ଚିନ୍ମୟ ବେହେରାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗର ଯୁଗ୍ମ ସଚିବ ପ୍ରତାପ ରଞ୍ଜନ ରାଉତ, ସମ୍ମାନିତ ଅତିଥି ଭାବେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ବିବେକାନନ୍ଦ ରାଉତ, ସାମାଜିକ କର୍ମୀ ପ୍ରଦୀପ୍ତ ପଲାଇ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ଚିତ୍ତରଞ୍ଜନ ଓଝା ପରିଚାଳନା କରିଥିବା ବେଳେ, ଅରୁଣ ବାରିକ, ବସନ୍ତ ସ୍ୱାଇଁ ଓ ଶରତ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନର ସଭାପତି ଦୋଳ ଗୋବିନ୍ଦ ନାୟକ, ଉପ-ସଭାପତି ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା, ଉପ-ସଭାପତି ସଞ୍ଜୟ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଯୁଗ୍ମ ସମ୍ପାଦକ ପ୍ରାଧ୍ୟାପକ ଡା. ଫକୀର ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଭାଷ୍ୟକାର ଭାବେ କ୍ରିଡ଼ାବିତ୍ ଶିବ ପ୍ରସାଦ ମଲ୍ଲିକ ଖେଳ ବିବରଣୀ ପ୍ରଦାନ କରିଥିଲେ। ସୋମବାର ମ୍ୟାଚ୍ 'ସେଲ୍ ଫ୍ରେଣ୍ଡସ୍ କ୍ଲବ, ବନପୁର(କୋଲକତା) ସହିତ ଆୟୋଜକ ରାଜକନିକା ଆଥଲେଟିକ୍ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକାରୀ ସମ୍ପାଦକ ପ୍ରାଣବନ୍ଧୁ ରାଉତ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୫ ଡିସେମ୍ବର, ୨୦୨୨



## ନିର୍ବନ୍ଧ ଭୋଜିରୁ ୨ ମହିଳାଙ୍କ ସମେତ ୪ ଅଟକ

### ଅତିଥି ଭାବରେ ଆସି ଚୋରି ଉଦ୍ୟମ

ଦିଗପହଣ୍ଡି,୪।୧୨(ଡି.ଏନ୍.ଏ)- ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମରେ ନିର୍ବନ୍ଧ ଭୋଜିରେ ଅତିଥି ଭାବରେ ଆସି ଚୋରି ଉଦ୍ୟମ କରି ୨ ଜଣ ମହିଳାଙ୍କ ସମେତ ୪ ଜଣ ବ୍ୟକ୍ତି ଗ୍ରାମବାସୀଙ୍କ ହାବୁଡ଼ରେ ପଡିଛନ୍ତି। ଖବରପାଇ କେ. ନୂଆଗାଁ ପୋଲିସ ପହଞ୍ଚି ସେମାନଙ୍କ ଥାନାକୁ ନେଇ ପଚରାଉଚୁରା କରୁଛି। ପ୍ରକାଶ ଯେ, ଗ୍ରାମର ଭୀମସେନ ସାହୁଙ୍କ ଝିଅର ନିର୍ବନ୍ଧ ଚାଲିଥିଲା। ବନ୍ଧୁବାନ୍ଧବଙ୍କ ମଧ୍ୟରେ ଜଣେ ଅପରିଚିତ ବ୍ୟକ୍ତି ଥିଲେ। ଉଭୟ ଝିଅ ଓ ପୁଅ ଘରର ଲୋକ ଭାବିଥିଲେ ସେ ଉଭୟ ପରିବାର ପକ୍ଷରୁ କେହି ସମ୍ପର୍କୀୟ ହୋଇଥିବେ। ତେବେ କିଛି ସମୟ ପରେ ସେ ଫୋନକରି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଡକାଇଥିଲେ। ତାଙ୍କ ସହିତ ଜଣେ ମହିଳା ଘର ଭିତରେ ପ୍ରବେଶ କରିଥିଲେ। ସେମାନଙ୍କୁ ମଧ ଅତିଥି ଭାବି ଚର୍ଚ୍ଚା କରାଯାଇଥିଲା। ଏହି ସମୟରେ ଜଣେ ମହିଳା ଘର ଭିତରେ ଇତସ୍ତତଃ ଭାବେ ବୁଲିଲା ବେଳେ ଝିଅର ଜଣେ ଭାଇ ମହିଳାଙ୍କ ଉପରେ ସନ୍ଦେହ କରିଥିଲେ। ତାଙ୍କୁ ପଚାରିବାରୁ ସେ ଓଡ଼ିଆ କହିପାରି ନ ଥିଲେ। ପରିବାର ଲୋକେ ସେହି ମହିଳାଜଣଙ୍କ ସହିତ ଦୁଇ ଅଚିହ୍ନା ବ୍ୟକ୍ତିଙ୍କୁ ମଧ କାବୁ କରିଥିଲେ । ବାହାରେ ଅପେକ୍ଷା କରିଥିବା ଅନ୍ୟ ଜଣେ ମହିଳାଙ୍କୁ ମଧ ଅଟକ ରଖିଥିଲେ। ସେମାନେ ତେଲୁଗୁ ଭାଷାରେ କଥା ହେଉଥିଲେ। ତେବେ ସେମାନେ ଚୁଟି ବ୍ୟବସାୟ କରୁଥିବା ଜଣାପଡ଼ିଛି ।

# ଧାନମଣ୍ଡି ଖୋଲିବାରେ ବିଳମ୍ବ

ନୟାଗଡ଼ ଅଫିସ,୪।୧୨

- ଫାଇଦା ନେଉଛନ୍ତି ମଧ୍ୟସ୍ଥି, ବେପାରୀ
- ୫ଶହ ଟଙ୍କା କମରେ ବିକ୍ରି ହେଉଛି ଧାନ
- ମଣ୍ଡି ପ୍ରତି ବଢୁଛି ଚାଷୀଙ୍କ ବିତୃଷ୍ଣା
- ରୋକାଯାଉନି କଟନୀଛଟନୀ ବ୍ୟବସ୍ଥା



ନୟାଗଡ଼ ଜିଲାରେ ଧାନ କଟାଯାଇ ଅମଳ ଆରମ୍ଭ ହେଲାଣି। ହେଲେ ଏଯାବତ ଧାନମଣ୍ଡି ଖୋଲି ନାହିଁ। ଏହାର ଫାଇଦା ନେଇଛନ୍ତି ମଧ୍ୟସ୍ଥି ଓ ବେପାରୀ। ଗାଁ ଖଳାରେ ମଧ୍ୟସ୍ଥି,ବେପାରୀ ପହଞ୍ଚି ଧାନ କିଣିବାକୁ ଚାଷୀଙ୍କୁ ପ୍ରଲୋଭିତ କରିବାରେ ସଫଳ ହେଉଛନ୍ତି। ପୁଣି କଟନୀ ଛଟନୀ ଓ ମିଲରଙ୍କ ରୁକ୍ଷ ବ୍ୟବହାର ଅନେକ ଚାଷୀଙ୍କ ପାଇଁ ଧାନମଣ୍ଡି ପ୍ରତି ବିତୃଷ୍ଣା ସୃଷ୍ଟି କରିଛି। ଏଣୁ ଚାଷୀ ମଧ୍ୟସ୍ଥି ଓ ବେପାରୀଙ୍କ ଫାଶରେ ପଡ଼ି କୁଇଣ୍ଟାଲ ପିଛା ୪୦୦ରୁ ୫୦୦ ଟଙ୍କା କମରେ ଧାନ ବିକ୍ରିକରିବାକୁ ବାଧ ହୋଇଛି।

ସୂଚନା ଅନୁଯାୟୀ,ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ବୈଠକ ଗତ ନଭେମ୍ବର ୧୫ରେ ଖଣ୍ଡପଡ଼ା ରୋଡର ଆରଏମ୍‌ସି ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ତଥା ଜିଲାସ୍ତରୀୟ କ୍ରୟ କମିଟିର ଅଧକ୍ଷ ରବିନ୍ଦ୍ର ନାଥ ସାହୁ ଅଧକ୍ଷତା କରିଥିଲେ। ଡିସେମ୍ବର ୨୩ରେ ଧାନ କିଣାଯିବାକୁ ନିଷ୍ପତ୍ତି ହୋଇଥିଲା। ୧୫୩ ପ୍ୟାକ୍ସ ପକ୍ଷରୁ ୧୬୭ଧାନ କ୍ରୟ କେନ୍ଦ୍ର ଖୋଲି ଧାନ କିଣାଯିବ। ଧାନ କିଣିବାକୁ ୧୭ ଜଣ ମିଲର ନିୟୋଜିତ ହୋଇଛନ୍ତି। ଚଳିତ ଖରିଫ ଋତୁ ୨୦୨୨-୨୩ରେ ଏଫ୍‌ଏକ୍ୟୁ ମାନର ଧାନକୁ କୁଇଣ୍ଟାଲ ପିଛା ୨୦୪୦ ଓ ଏଗ୍ରେଡ ଧାନ କୁଇଣ୍ଟାଲ ପିଛା ୨୦୬୦ ଟଙ୍କାରେ ସରକାର କିଣିବେ। ଧାନ କିଣା ୨୦୨୩ ମାର୍ଚ୍ଚ ୩୧ରେ ଶେଷ ହେବ। ଧାନ ବିକ୍ରି କରିବାକୁ ଚାଷୀଙ୍କୁ ଟୋକନ ମିଳିବ। ଟୋକନର ଭ୍ୟାଲିଡିଟି ୩୦ ଦିନ ରହିବ। ଧାନ କିଣା ତାରିଖ ପାଇଁ ମେସେଜ ଆସିବ। ପ୍ରଶାସନ ଧାନ କିଣିବାକୁ ତାରିଖ ଧାର୍ଯ୍ୟ କରିଥିବାବେଳେ କାହିଁକି ଚାଷୀ ପ୍ରତିବର୍ଷ ମଧ୍ୟସ୍ଥ ଓ ବେପାରୀଙ୍କୁ ବିକୁଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଧାନ କିଣାରେ କ'ଣ ତ୍ରୁଟି ରହୁଛି ନାଁ ଏଥିପାଇଁ କିଏ ଦାୟୀ ତା'ର ସମୀକ୍ଷା ହେଉନି। ଜିଲାରେ କେତେଜଣ ନକଲି ଚାଷୀ ଚାଷ ନ କରି କାଗଜପତ୍ରରେ ଚାଷୀ ହୋଇ ଧାନ ବିକ୍ରି କରି ଚାଲିଛନ୍ତି। ତେବେ ଅସଲ ଚାଷୀ ଅଭାବୀ ବିକ୍ରୀର ସମ୍ମୁଖୀନ ହୋଇ ମଣ୍ଡି ପ୍ରତି ମୁହଁ ମୋଡୁଛନ୍ତି ବୋଲି ମତ ପ୍ରକାଶ ପାଇଛି।

ଏନେଇ ରଣପୁରର ଚାଷୀ ଉଦ୍ଧବ ସ୍ୱାଇଁ କୁହନ୍ତି, ମୁଁ ୫ ମାଣ ଜମିରେ ଭାଗ ଚାଷ କରିଥିଲି। ମଣ୍ଡିକୁ ନେଇ ଧାନ ବିକ୍ରି କରିବା ମୋ ପାଇଁ ସବୁବେଳେ ସମସ୍ୟା ସୃଷ୍ଟି କରିଛି। ସେଥିପାଇଁ ସୁବିଧା ଦେଖି ବେପାରୀଙ୍କୁ ଧାନ ବିକ୍ରି କରି ସାରିଲାଣି। ସରକାର ଧାନ ମଣ୍ଡି ଖୋଲି ବାହାବା ନେଉଛନ୍ତି। ହେଲେ ଧାନମଣ୍ଡିରେ ଦେଖା ଦେଉଥିବା ଅବ୍ୟବସ୍ଥା, ରୁକ୍ଷ ବ୍ୟବହାରକୁ ବନ୍ଦ କରୁ ନାହାନ୍ତି। ଏଣୁ ମୋ ପରି ଅନେକ ଚାଷୀ ମଣ୍ଡିକୁ ଧାନ ବିକ୍ରି ନ କରି ବେପାରୀଙ୍କୁ ବିକ୍ରି କରୁଛନ୍ତି। ଖଣ୍ଡପଡ଼ାର ଚାଷୀ ରାମଚନ୍ଦ୍ର ସାହୁ କୁହନ୍ତି, ସହାୟକ ମୂଲ୍ୟଠାରୁ ଆମେ କୁଇଣ୍ଟାଲ ପିଛା ୫୦୦ ଟଙ୍କା କମ୍‌ରେ ଧାନ ବିକ୍ରି କରୁଛୁ। ମଣ୍ଡିକୁ ଗଲେ ୫୦୦ ଟଙ୍କା ପାଇବୁ ସିନା ଆମର ୧ ହଜାର ଟଙ୍କା କ୍ଷତି ହେବ। ଅପେକ୍ଷା କରିବା, କଟନୀ ଛଟନୀ, ଗାଡ଼ି ଖର୍ଚ୍ଚକୁ ହିସାବ କଲେ ବେପାରୀଙ୍କୁ ବିକ୍ରି କଲେ ଆମେ ଲାଭରେ ରହୁଛୁ ବୋଲି ସେ କହିଛନ୍ତି। ନୟାଗଡ଼ର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ଧାନ କାଟିବାକୁ ଭଲ ପାଗ ଦେଇଥିବାରୁ ସେହି କାମ ଆଗେଇ ଚାଲିଛି। ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାକୁ ସବୁବେଳେ ହଇରାଣ ହେଉଛି। ଯଦି ପ୍ରଶାସନ ମଣ୍ଡିକୁ ଶୀଘ୍ର ଖୋଲିବାର ବ୍ୟବସ୍ଥା କରନ୍ତି ତେବେ ବେପାରୀମାନେ ଅଧିକ ସଂଖ୍ୟକ ଧାନ କିଣି ପାରନ୍ତେ ନାହିଁ। ହେଲେ ପ୍ରଶାସନ ବେପାରୀଙ୍କ ସୁହାଇବା ଭଳି ପ୍ରତିବର୍ଷ ବିଳମ୍ବରେ ମଣ୍ଡି ଖୋଲି ଆସୁଛି, ଯାହାକି ବେପାରୀ ସବୁବେଳେ ଲାଭରେ ରହୁଛନ୍ତି। ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ଡିସେମ୍ବର ୨୩ରେ ଧାନମଣ୍ଡି ଖୋଲିବାକୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ନିଷ୍ପତ୍ତି ନେଇଛି। ଚାଷୀ ଅପେକ୍ଷା କରି ସରକାରଙ୍କୁ ଧାନ ବିକ୍ରି କରି ସୁଫଳ ପାଆନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଗୋକୁଳାନନ୍ଦଙ୍କ ପୀଠରେ ବ୍ୟଞ୍ଜନ ଦ୍ୱାଦଶୀ



ବ୍ୟଞ୍ଜନ ଦ୍ୱାଦଶୀ ଗୋକୁଳାନନ୍ଦଙ୍କୁ ଲାଗି ହୋଇଥିବା ବ୍ୟଞ୍ଜନ।

ଖଣ୍ଡପଡ଼ା,୪।୧୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ସିଧାମୂଳାସ୍ଥ ଶ୍ରୀଗୋକୁଳାନନ୍ଦ ଜୀଉଙ୍କ ରବିବାର ବ୍ୟଞ୍ଜନ ଦ୍ୱାଦଶୀ ତିଥିରେ ୨୦ ପ୍ରକାର ଭୋଗ ପ୍ରସ୍ତୁତ କରାଯାଇ ଠାକୁରଙ୍କ ପାଖରେ ଲାଗି କରାଯାଇଥିଲା। ପ୍ରତିଦିନ ପରି ମଙ୍ଗଳଆଳତୀ,ବାଲଧୂପ ପରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ଏଥିପାଇଁ ବହୁ ଶ୍ରଦ୍ଧାଳୁଙ୍କ ସାମାଗମ ହୋଇଥିଲା। ଲୋକ କଥାନୁସାରେ ମାର୍ଗଶୀର ଶୁକ୍ଳ ଦ୍ୱାଦଶୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଗୋପାଙ୍ଗନାଙ୍କ ସହ ବଣ ଭୋଜି କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଏହି ଲୀଳାକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଇଥାଏ। ଏଥିପାଇଁ ଉକ୍ତ ପୀଠରେ ନାମଯଜ୍ଞର ଆୟୋଜନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ନ ଭୋଗ ସହିତ ଡାଲି, ଖଟା, ଶାଗ , ଭଜା, ତରକାରୀ ସହିତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ତିଆରି କରାଯାଇ ଠାକୁରଙ୍କ ପାଖରେ ଲାଗି କରାଯାଇଥିଲା।

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା




ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ନୟାଗଡ଼ ଅଫିସ,୪।୧୨

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ଅଡିଟୋରିୟମରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ନୟାଗଡ଼ ଓ ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାର ବିଭିନ୍ନ ସ୍କୁଲର ୩୧୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସୁରେଶ କୁମାର ବେହେରା, ଉମାଶଙ୍କର ଦାସ, ପୂର୍ଣ୍ଣଚନ୍ଦ୍ର ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ୫ରୁ ୧୬ ବର୍ଷର ପ୍ରତିଯୋଗୀଙ୍କ ମଧ୍ୟରେ ଗ୍ରୀନ ଗ୍ରୁପରେ ସ୍ମୃତି ପ୍ରଜ୍ଞା ସାହୁ ପ୍ରଥମ ହୋଇଥିବାବେଳେ ଚିରାଗ ଚିରନ୍ତନ ୨ୟ ସ୍ଥାନରେ ଅଛନ୍ତି। ସେହିପରି ହ୍ୱାଇଟ୍ ଗ୍ରୁପରେ ହିରଣ୍ୟମୟୀ ଆଚାର୍ଯ୍ୟ ପ୍ରଥମ ଓ ଅନ୍ୱେଷା ନାୟକ ଦ୍ୱିତୀୟ ହୋଇଥିବାବେଳେ ବ୍ଲୁ ଗ୍ରୁପରେ ପ୍ରତ୍ୟୁଷା ଆଚାର୍ଯ୍ୟ ପ୍ରଥମ ଓ ଶ୍ରାବଣୀ ଦଳବେହେରା ୨ୟ ସ୍ଥାନ ଅକ୍ତିଆର କରି ପୁରସ୍କୃତ ହୋଇଛନ୍ତି। ୫ରୁ ୧୮ ବର୍ଷର ଭିନ୍ନକ୍ଷମ ଶିଶୁଙ୍କ ରେଡ ଗ୍ରୁପରେ ଉତ୍ତମ ଭୋଇ ପ୍ରଥମ ଓ ସୌମ୍ୟ ରଞ୍ଜନ କଅଁର ୨ୟ ସ୍ଥାନରେ ଅଛନ୍ତି। ସେହିଭଳି ୟେଲୋ ଗ୍ରୁପରେ ଶୁଭଙ୍କର ମହାପାତ୍ର ପ୍ରଥମ ଓ ଗଣେଶ ରଥ ୨ୟ ହୋଇଥିବାବେଳେ ପିୟାମ ସାହୁ, ଚିନ୍ମୟା ଚିରସ୍ମିତା ପ୍ରଥମ ଓ ଦିବ୍ୟାନ୍ତ ପ୍ରିୟଦର୍ଶିନୀ ୨ୟ ହୋଇଛନ୍ତି।

## ନୂତନ ମନ୍ଦିରରେ ସ୍ଥାପିତ ହେଲେ ଠାକୁରାଣୀ

ଦଶପଲ୍ଲା,୪।୧୨(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଗୋହରିଆପଡା ଗ୍ରାମରେ ପୂଜା ପାଉଥିବା ପିତଳୀ ଠାକୁରାଣୀଙ୍କୁ ଗ୍ରାମ ନିକଟସ୍ଥ ଏକ ନୂତନ ମନ୍ଦିରରେ ସ୍ଥାପିତ କରାଯାଇଛି । ଏଥି ନିମନ୍ତେ ୩ ଦିନ ବ୍ୟାପୀ ଉକ୍ତ ଗ୍ରାମରେ ନାମ ସଂକୀର୍ତ୍ତନ, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋହରିଆପଡା ସମେତ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା । ଗ୍ରାମର ବିଦ୍ୱାନ ବ୍ୟକ୍ତି ତଥା ଗ୍ରାମ ସଭାପତି ବିନୋଦ ବିହାରୀ ସାହୁ ଏବଂ ଉମାକାନ୍ତ ସାହୁ ସମେତ ଗ୍ରାମବାସୀ ବୃନ୍ଦ ଏହାକୁ ପରିଚାଳନା କରିଥିଲେ ।

## ଜାତୀୟ ନାଭାଲ ଦିବସ

ଭଞ୍ଜନଗର, ୪।୧୨(ଡି.ଏନ୍.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ନାଭାଲ ୱିଙ୍ଗ ପକ୍ଷରୁ ରବିବାର ଜାତୀୟ ନାଭାଲ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରିବା ସହ ଆଜିର ଦିବସ ସମ୍ପର୍କରେ କହିଥିଲେ। ଏନ୍‌ସିସି ନାଭାଲ ଏବଂ ଆର୍ମି ୱିଙ୍ଗ ଆମ କଲେଜର ଗର୍ବ ଓ ଗୌରବ। ପ୍ରତିବର୍ଷ ଆମ କଲେଜର ଏନସିସି ଛାତ୍ରୀଛାତ୍ରମାନେ ରାଜ୍ୟ ଓ ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହେଉଛନ୍ତି। ଏଥିସହ ଅନେକ ଛାତ୍ରୀଛାତ୍ର ଚାକିରି ମଧ ପାଉଛନ୍ତି। ତେଣୁ ଆଗାମୀ ଦିନରେ ଏନସିସି ଏୟାର ୱିଙ୍ଗ ଶାଖା ମଧ ଖୋଲିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଅଧକ୍ଷ କହିଥିଲେ।

## ନୟାଗଡ଼ କ୍ରିକେଟ୍ ଆସୋସିଏଶନ ବିଜୟୀ

**ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ**

**ନୟାଗଡ଼ ଅଫିସ,୪।୧୨:** ନୟାଗଡ଼ ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଟି-୨୦ ନୟାଗଡ଼ କପ୍-୨୦୨୨ର ରବିବାର ମ୍ୟାଚ୍‌ରେ ଆୟୋଜକ ନୟାଗଡ଼ କ୍ରିକେଟ୍ ଆସୋସିଏଶନ୍ ବିଜୟୀ ହୋଇଛି। ଜୁଭେଲାଇନ୍ କ୍ଲବ କଟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଜୁଭେଲାଇନ୍ କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ଉଇକେଟ ହରାଇ ଟୁର୍ନାମେଣ୍ଟରେ ଆଜି ପର୍ଯ୍ୟନ୍ତ ଅନୁଷ୍ଠିତ ମ୍ୟାଚ୍‌ରେ ସର୍ବାଧିକ ୧୪୨ରନ୍ ସଂଗ୍ରହ କରିଥିଲା। ଜୁଭେଲାଇନ୍ କ୍ରିକେଟ୍ କ୍ଲବର ଖେଳାଳି ଅଶ୍ୱିନୀ ଖଟେଇ ୪୦ବଲ ଖେଳି ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୫୦ରନ କରି ଅର୍ଦ୍ଧଶତକ ଇଂନିସ୍ ଖେଳିଥିଲେ। ଦ୍ୱିତୀୟ ଇଂନିସ୍ ଖେଳରେ ନୟାଗଡ଼ କ୍ରିକେଟ୍ ଆସୋସିଏଶନ୍ ୧୪୩ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ନୟାଗଡ଼ କ୍ରିକେଟ୍ ଆସୋସିଏଶନ୍ ନିର୍ଦ୍ଧାରିତ ୨୦ଓଭରରେ ମୂଲ୍ୟବାନ ୮ ଉଇକେଟ୍ ହରାଇ ୧୪୨ରନ୍ କରି ମ୍ୟାଚକୁ ବରାବର୍ କରିଥିଲେ। ତେବେ ବିସିସିଆଇ ନିୟମ ଅନୁଯାୟୀ ଉଭୟ ଦଳ ସୁପର ଓଭର ଖେଳିଥିଲେ। ସୁପର ଓଭରରେ ନୟାଗଡ଼ କ୍ରିକେଟ ଆସୋସିଏଶନ୍ ୨ଟି ଉଇକେଟ୍ ହରାଇ ୪ରନ କରିଥିବା ବେଳେ ଜୁଭେଲାଇନ୍ କ୍ଲବ କଟକ ୨ଟି ଉଇକେଟ୍ ହରାଇ ୨ରନ୍ କରି ପରାଜୟ ହେଇଥିଲା। ନୟାଗଡ଼ କ୍ରିକେଟ୍ ଆସୋସିଏଶନର ଖେଳାଳୀ ଅଙ୍କି ଅର୍ଣ୍ଣଭ୍ ୨୩ଟି ବଲ୍‌ର ସମ୍ମୁଖୀନ ହୋଇ ୬ଟି ଚୌକା ମାଧ୍ୟମରେ ୩୬ରନ କରିଥିଲେ। ଜୁଭେଲାଇନ୍ କ୍ଲବ୍ ପକ୍ଷରୁ ରାମଚନ୍ଦ୍ର ବେହେରା ୪ ଓଭରରେ ୨୭ରନ ଦେଇ ୨ ଉଇକେଟ୍ ଅକ୍ତିଆର କରିଥିଲେ। ଆଜିର ମ୍ୟାଚରେ ଯୁଗ୍ମ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ଅଙ୍କି ଅର୍ଣ୍ଣଭ୍ ଓ ପ୍ରଶାନ୍ତ ରାଣାଙ୍କୁ ବିବେଚିତ କରାଯାଇଥିଲା। ଉଭୟଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଏହି ମ୍ୟାଚକୁ ଅମ୍ପାୟାର ଶରତ ଚନ୍ଦ୍ର ସାହୁ ଓ ବିଭୂ ପ୍ରସାଦ ଚୌଧୁରୀ ପରିଚାଳନା କରିଥିଲେ। ଅଧ୍ୟାପକ ଗଣେଶ ମିଶ୍ର ଓ ଆଶୁତୋଷ ମିଶ୍ର ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ସେହିପରି ଅନଲାଇନ୍ ଓ ଅଫଲାଇନ୍ ସ୍କୋରର ସୁଶିଲ୍ କୁମାର ସୁନ୍ଦରାୟ ସହଯୋଗ କରିଥିଲେ। ସୋମବାର ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଏସ୍.ବି ଇଲେଭେନ୍ ବନାମ ପୋଷ୍ଟାଲ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ହେବ।

## ବରପୁତ୍ରଙ୍କ ଚିତ୍ର ଅଙ୍କନରେ ତ୍ରୁଟି

ନୂଆଗାଁ,୪।୧୨(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡ଼ାଖୋଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପାଚେରୀରେ ଓଡ଼ିଶାର ବରପୁତ୍ରମାନଙ୍କ ଚିତ୍ର ଅଙ୍କନ କରାଯାଇଛି। ହେଲେ ଏହି ଚିତ୍ରରେ ନାନା ତ୍ରୁଟି ରହିଥିବା ଅଭିଯୋଗ ହୋଇଛି। ଏପରି ଚିତ୍ର ଅଙ୍କନ ଦ୍ୱାରା ବରପୁତ୍ରମାନଙ୍କୁ ଅସମ୍ମାନ କରାଯାଇଥିବା ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୫-ଟି ଯୋଜନାରେ ସ୍କୁଲ ରୂପାନ୍ତରଣ କାମ କରାଯିବା ସହ ପାଚେରୀରେ ରଙ୍ଗବେରଙ୍ଗ କରି ଚିତ୍ର ଅଙ୍କନ କରାଯାଇଛି। ସେହି ପାଚେରିରେ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିଛବି ଅଙ୍କନ କରାଯାଇଛି। ହେଲେ ଏହି କାମରେ ଅଣ କୁଶଳୀ ଚିତ୍ରକରଙ୍କୁ ନିୟୋଜିତ କରାଯାଉଥିବାରୁ ଉତ୍କଳମଣୀ ଗୋପବନ୍ଧୁ ଦାସ, ଜାତିର ପିତା ମହାତ୍ମା ଗାନ୍ଧୀ, ଦାଶରଥି ପଟ୍ଟନାୟକ (ଦାସିଆ ଅଜା), ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଏପିଜେ ଅବଦୁଲ କାଲାମ ଆଦି ବରପୁତ୍ରମାନଙ୍କ ପ୍ରତିଛବିକୁ କଦାକାର ଭାବେ ଅଙ୍କନ କରାଯାଇଛି। ଏପରି ପ୍ରତିଛବି ଅଙ୍କନକୁ ବୁଦ୍ଧିଜୀବିମାନେ ନାପସନ୍ଦ କରିଛନ୍ତି। ଏ ବାବଦରେ ସ୍କୁଲ ରୂପାନ୍ତରଣ କାମ ତଦାରଖ କରୁଥିବା ଅଧିକାରୀ ତଥା ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ଏ ନେଇ ପୂର୍ବରୁ କୌଣସି ଅଭିଯୋଗ ହୋଇ ନ ଥିଲା। ଅଭିଯୋଗ ଆସିଥିବାରୁ ସେଥିପ୍ରତି ମୁଁ ଦୃଷ୍ଟି ଦେବି ବୋଲି କହିଛନ୍ତି।




ପାଚେରିରେ ଅଙ୍କନ ହୋଇଥିବା ବରପୁତ୍ରମାନଙ୍କ ପ୍ରତିଛବି ।

# ଅବହେଳିତ ବିଶ୍ୱାବସୁଙ୍କ ଗାଁ କାଳିଆପଲ୍ଲୀ

ଖଣ୍ଡପଡ଼ା,୪।୧୨(ସ୍ୱ.ପ୍ର.)

- ଅଲୋଡା ହୋଇଛି ଲଳିତା ଟୁବୁରୀ, ଧାଙ୍ଗେଡ଼ି ପାହାଡ଼ର ମାଧବ ମନ୍ଦିର
- ୨ ଅବସରପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରା ଚାଲିଛି ସ୍ମୃତିପୀଠର ବିକାଶ



କାଳିଆପଲ୍ଲୀ ଲଳିତା କୁଞ୍ଜ ଓ ଧାଙ୍ଗେଡି ପାହାଡ଼ ଉପରେ ଥିବା ଲଳିତ ମାଧବ ମନ୍ଦିର ।

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉ ସର୍ବଜନ ବିଦିତ। ତେବେ ଘଞ୍ଚ ବଣ ଜଙ୍ଗଲରେ ପୂର୍ଣ୍ଣ ଥିବା ଏହି ସ୍ଥାନକୁ ପ୍ରାୟ ୪ କି.ମି. ଦୂରରେ ବାସ କରୁଥିବା ଶବର ରାଜା ବିଶ୍ୱାବସୁ ପ୍ରତ୍ୟେହ ଆସି ପୂଜାର୍ଚ୍ଚନା କରୁଥିଲେ। ଖଣ୍ଡପଡ଼ା ଓ ଭାପମୁର ବ୍ଲକ ସୀମାନ୍ତବର୍ତ୍ତୀ କାଳିଆପଲ୍ଲୀ ହେଉଛି ବିଶ୍ୱାବସୁଙ୍କ ଗାଁ। ଏବେ ସେହି ଗାଁ ଅବହେଳିତ ଅବସ୍ଥାରେ ରହିଛି। ଏହି ପଲ୍ଲୀରେ ଥିବା ଲଳିତା ଟୁବୁରି(ଲଳିତା କୁଞ୍ଜ)ପାହାଡଟି ଲଳିତା ଓ ବିଦ୍ୟାପତିଙ୍କ ସାକ୍ଷାତର ସ୍ଥଳ ବୋଲି ସ୍ଥାନୀୟ ବାସିନ୍ଦା କୁହନ୍ତି। ସେହି ଲଳିତା କୁଞ୍ଜ ବି ସମସ୍ତଙ୍କ ପାଇଁ ଅଲୋଡ଼ା ହୋଇଛି। ଏଥିସହିତ ଧାନଚଙ୍ଗଡା-କଣ୍ଟିଲୋ ମାଳବନ୍ଧ ପାର୍ଶ୍ୱରେ ଧାଙ୍ଗେଡି ପାହାଡ଼ ଶୀର୍ଷଦେଶରେ ଥିବା ଲଳିତା ମାଧବ ମନ୍ଦିରଟି ମଧ୍ୟ ଅବହେଳିତ ଅବସ୍ଥାରେ କାହିଁ କେଉଁ ଦିନରୁ ପଡିରହିଛି। ସେହିପରି ବିଶ୍ୱାବସୁଙ୍କ ପୂଜିତ ଲଳିତମାଧବ ମନ୍ଦିରର ଉନ୍ନତି ପାଇଁ କୌଣସି ସରକାରୀ ଅନୁଦାନ ଆଜି ପର୍ଯ୍ୟନ୍ତ ମିଳିନାହିଁ। ଏହି ଦୁଇ ସ୍ଥାନରେ ଗଢି ଉଠୁଥିବା ସ୍ମୃତି ମନ୍ଦିର ଓ ସ୍ମୃତିପୀଠର ବିକାଶ ଦିଗରେ ଗ୍ରାମବାସୀଙ୍କ ସହଯୋଗରେ ୨ ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ ଓ ଦେବରାଜ ଜେନା ୧୯୯୦ରୁ ନିଜସ୍ୱ ଖର୍ଚ୍ଚରେ ଉଦ୍ୟମ ଜାରି ରଖିଛନ୍ତି।

ଲଳିତା ଟୁବୁରୀ ପାହାଡ଼ ପାଦଦେଶରେ ତଥା କୁସୁମୀ ନଦୀ ପାର୍ଶ୍ୱରେ ଅବସ୍ଥିତ କାଳିଆପଲ୍ଲୀ ଗ୍ରାମର ଜନସାଧାରଣ ଶବର ସମ୍ପ୍ରଦାୟର ଅଟନ୍ତି। ସମ୍ପ୍ରତି ଜଙ୍ଗଲର ଦ୍ରୁତ ଅବକ୍ଷୟ ଯୋଗୁ ସେହି ଗ୍ରାମର ମହିଳାମାନେ ପ୍ରତ୍ୟେହ ୧୦ରୁ ୧୫ କି.ମି. ଦୂର ବିଭିନ୍ନ ବଣ ଜଙ୍ଗଲକୁ ଚାଲିଚାଲି ଯାଇ ଜାଳେଣୀ କାଠ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଇ ଥାଆନ୍ତି। ପୁରୁଷମାନେ ମୂଲ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରିନ୍ତି। ସ୍ୱାସ୍ଥ୍ୟସେବା,ବଜାର ସଉଦା ପାଇଁ ଅଧିବାସୀମାନେ ମୁଖ୍ୟତଃ କଣ୍ଟିଲୋ ଉପରେ ନିର୍ଭର କରିଥାନ୍ତି। ଗାଁ ଲୋକଙ୍କ ନିଜସ୍ୱ ଜମି ନାହିଁ। ପାହାଡ଼ିଆ ଅଞ୍ଚଳରେ ଯାହା କିଛି ଜମି ରହିଛି ତାହା ଅଣଜଳ ସେଚିତ। ସେଥିପାଇଁ ମରୁଡି ଏଠାରେ ଚିର ସହଚର ବୋଲି ଗ୍ରାମର ମୁରଲୀ ଧର ନାୟକ, ବ୍ରଜବନ୍ଧୁ ବେହେରା, ବିଦ୍ୟାଧର ବେହେରା, ଦିଲ୍ଲୀପ କୁମାର ବେହେରା ପ୍ରମୁଖ କୁହନ୍ତି। ଆଦିବାସୀମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ କେତେ ଆଦିବାସୀ ଉପକୃତ ହେଉଛନ୍ତି ସେ ନେଇ ଠିକ ଭାବେ ସମୀକ୍ଷା ହେଉନାହିଁ। ଫଳରେ ଆଦିବାସୀଙ୍କ ଜୀବନ ଶୈଳୀ ଅବା ଅଭାବ ଅସୁବିଧା ଦୂର ହୋଇପାରୁନି। ଏପରି ସ୍ଥିତିରେ ବିଶ୍ୱାବସୁଙ୍କ ଜନ୍ମସ୍ଥଳୀକୁ ଲୋକଲୋଚନକୁ ଆଣିବାକୁ କଣ୍ଟିଲୋର ଅବସରପ୍ରାପ୍ତ ଶିକ୍ଷକ ତଥା ଗଛସାର ଭାବେ ପରିଚିତ ଅର୍ନ୍ତଯାମୀ ସାହୁ ଗ୍ରାମବାସୀଙ୍କ ସହଯୋଗରେ ଉଦ୍ୟମ ଜାରି ରଖିଛନ୍ତି। ଅପରପକ୍ଷେ ବିଶ୍ୱାବସୁଙ୍କ ସ୍ମୃତିକୁ ଉଦ୍‌ଜୀବିତ କରିବା ଲକ୍ଷ୍ୟରେ ଧାନଚେଙ୍ଗଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ଜେନା ଗୃହ ସଂସାର ତ୍ୟାଗ କରି ସ୍ୱ ଅର୍ଜିତ ଅର୍ଥକୁ ଧାଙ୍ଗେଡି ପାହାଡ ଶୀର୍ଷଦେଶରେ ଲଳିତା ମାଧବ ମନ୍ଦିର ପ୍ରତିଷ୍ଠା କରି ଏହାର ବିକାଶ ପାଇଁ ଅହରହ ଉଦ୍ୟମ ଜାରି ରଖିଛନ୍ତି।

ସୂଚନାଯୋଗ୍ୟ, ନିକଟରେ ରାଜ୍ୟ ସରକାର ନୀଳମାଧବ ପୀଠର ବିକାଶ ନିମନ୍ତେ ୧ଶହ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରି କାମ ଆରମ୍ଭ କରିଛନ୍ତି। ନୀଳମାଧବ ପୀଠ ସହ ଜଡ଼ିତ ଥିବା ବିଶ୍ୱାବସୁଙ୍କ ଶବରପଲ୍ଲୀପୀଠର ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରିବାକୁ ସାଧାରଣରେ ଦାବି ହୋଇଛି।

-ରିପୋର୍ଟ: ଅଜୟ କୁମାର ମହାରଣା

# ଜ୍ୟୋତିର୍ବିଜ୍ଞାନର ଆଦିପର୍ବ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଯେକୌଣସି ବିଷୟରେ କୌତୂହଳୀ ବ୍ୟକ୍ତିକୁ ନାନା ପ୍ରଶ୍ନ ଘାରିଥାଏ। କୌଣସି ଘଟଣା, ଏହା ପଛରେ କିଏ, କ'ଣ, କେବେ ଓ କିପରି ଅଛି। ବାସ୍ତବରେ ଏହି ଅନୁସନ୍ଧାନ ହେଉଛି ବିଜ୍ଞାନର ହେତୁ। ଆବହମାନ କାଳରୁ ଲୋକେ ଦେଖି ଆସୁଛନ୍ତି ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୋଇ ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି। ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମଧ୍ୟସ୍ଥିତି ସମୟ ଦିବସ ବୋଲି ସମସ୍ତେ କହନ୍ତି। ତା'ପରେ ରାତି ଆସେ। କିନ୍ତୁ ଅଧିକାଂଶ ବ୍ୟକ୍ତି ଏହା ଏକ ଗତାନୁଗତିକ



ବା ଧରାବନ୍ଧା ଘଟଣା ବୋଲି ମାନି ଯାଇ କୌଣସି ପ୍ରଶ୍ନ ପଚାରନ୍ତି ନାହିଁ। ସୂର୍ଯ୍ୟ ପୂର୍ବ ଦିଗରେ ସର୍ବଦା କାହିଁକି ଉଦୟ ହୁଅନ୍ତି, ରାତିରେ କୁଆଡ଼େ ଯାଆନ୍ତି, ଏପରିକି ସୂର୍ଯ୍ୟ ଆକାଶରେ ଆମର ଦୃଷ୍ଟିଗୋଚର ହେଉଥିବା ଦୃଶ୍ୟାନୁସାରେ ଗତି କରନ୍ତି କି- ଏମିତି ବିଷୟଗୁଡ଼ିକର କାରଣ ଉଦ୍‌ଘାଟନ କରିବା ନିହାତି ଆବଶ୍ୟକ ବୋଲି ଅନେକେ ମନେକରନ୍ତି ନାହିଁ। ଅବଶ୍ୟ ଏତାଦୃଶ ଜିଜ୍ଞାସା ପାଇଁ କୌତୂହଳର ଅଭାବ ବହୁ ବିଜ୍ଞ ବ୍ୟକ୍ତି କିଛି ଅନୁଭବ କରନ୍ତି ଏବଂ ଏହା ପଛରେ ରହିଥିବା ଲୁକ୍କାୟିତ ପ୍ରାକୃତିକ ରହସ୍ୟ ଉପରୁ ପରଦା ହଟାଇବାକୁ ମନୋନିବେଶ କରିଥାଆନ୍ତି।

ସେହି ଅନୁସନ୍ଧିତ୍ସୁ ବ୍ୟକ୍ତିମାନେ ଆମ ଅଜ୍ଞାନତା ଦୂର କରନ୍ତି। ସେମାନଙ୍କର ପ୍ରଚେଷ୍ଟାରୁ ଆମେ ଜାଣିପାରିଲେ ଯେ ଆକାଶରେ ଦୃଶ୍ୟମାନ ସୂର୍ଯ୍ୟ, ଚନ୍ଦ୍ର ବିଭିନ୍ନ ଗ୍ରହ ଓ ନକ୍ଷତ୍ରମାନ ପୂର୍ବ ଦିଗରେ ଉଦୟ ହୋଇଥାଆନ୍ତି ଓ ପଶ୍ଚିମରେ ଅସ୍ତ ହୁଅନ୍ତି। ଏହା ପଛରେ କାରଣ ହେଉଛି ପୃଥିବୀ ନିଜ ଅକ୍ଷରେ ରହି ପୂର୍ବ ଦିଗ ଆଡ଼କୁ ଘୂରେ। ତତ୍ ସହ ଜଣାଗଲା ଯେ ପୃଥିବୀ ନିଜ କକ୍ଷରେ ସୂର୍ଯ୍ୟ ଚାରିପଟେ ଘୂରେ। ଥରେ ଘୂର୍ଣ୍ଣନ ପୂର୍ଣ୍ଣ କରିବାକୁ ଏକ ବର୍ଷ ସମୟ ଲାଗେ। ଏହି ବୈଜ୍ଞାନିକ ତଥ୍ୟ ପୋଲାଣ୍ଡର ଜ୍ୟୋତିର୍ବିଜ୍ଞାନୀ ନିକୋଲାସ କପରନିକସ (୧୪୭୩-୧୫୪୩)ଙ୍କ ଅନୁଧ୍ୟାନରୁ ଜଣାପଡ଼ିଛି। ସେ ପ୍ରାଣତ୍ୟାଗ କରିବାର ଠିକ୍ ପୂର୍ବରୁ ୧୫୪୩ରେ ପ୍ରକାଶିତ ତାଙ୍କ ବହି 'ଦ ରିଭୋଲ୍ୟୁଶନ ଅଫ୍ ହେଭନ୍‌ଲି ଅର୍ବିଟ୍ସ'ରେ ଏହା ଲିପିବଦ୍ଧ ହୋଇଛି। ଏଥିରୁ ସୂର୍ଯ୍ୟ-କେନ୍ଦ୍ରୀୟ ମଣ୍ଡଳ (ହେଲିଓସେଣ୍ଟ୍ରିକ ମଡେଲ୍) ସ୍ୱୀକୃତ ହେଲା ଏବଂ ପୂର୍ବ ପ୍ରଚଳିତ ପୃଥିବୀକୁ କେନ୍ଦ୍ର କରି ପ୍ରଚଳିତ ଥିବା ପୁରାତନ ଭୂକେନ୍ଦ୍ରୀୟ ମଣ୍ଡଳ (ଜିଓ ସେଣ୍ଟ୍ରିକ ମଡେଲ)ର ଅବସାନ ଘଟିଲା। ବାସ୍ତବିକ ଏକ ହଜାରରୁ ଊର୍ଦ୍ଧ୍ୱ ସମୟ ବ୍ୟାପୀ ଗଭୀର ଓ ବ୍ୟାପକ ଭାବେ ଜନସାଧାରଣଙ୍କ ମନରେ ଆସ୍ଥାନ ଜମେଇଥିଲା। ଇଜିପ୍ଟ (ରୋମାନ ସାମ୍ରାଜ୍ୟ)ରେ ଜନ୍ମିତ ଟଲେମି (୧୦୦-୧୭୦ ଖ୍ରୀଷ୍ଟାବ୍ଦ)ଙ୍କ ମତର ଏହା ବିରୋଧୀ ହୋଇଥିବାରୁ ସେତେବେଳେ ପ୍ରବଳ ବିତର୍କର ସୂତ୍ରପାତ କରିଥିଲା।

ସୌର ମଣ୍ଡଳ ସମ୍ପର୍କିତ ତତ୍ତ୍ୱର ବିକାଶ ପାଇଁ ଯେଉଁ ପ୍ରମୁଖ ବୈଜ୍ଞାନିକମାନଙ୍କର ଅବଦାନ ରହିଛି, ସେଥିପ୍ରତି ଆଲୋକପାତ କରାଯାଇପାରେ। ଏହା ଅନସ୍ୱୀକାର୍ଯ୍ୟ ଯେ, କପରନିକସ ପୂର୍ବ ପ୍ରଚଳିତ ଅଣ-ବୈଜ୍ଞାନିକ ମତକୁ ଚ୍ୟାଲେଞ୍ଜ କରି ଏକ ଅନୁକୂଳ ବାତାବରଣର ଅୟମାରମ୍ଭ କଲେ। ତା'ପରେ କ୍ରମାନ୍ୱୟରେ ନିମ୍ନ ବୈଜ୍ଞାନିକମାନେ-ଟାଇକୋ ବ୍ରାହେ (୧୫୪୬-୧୬୦୧), ଗାଲିଲିଓ ଗାଲିଲି (୧୫୬୪-୧୬୪୨), ଜାହାନସ୍ କେପଲର (୧୫୭୧-୧୬୩୦), ଆଇଜାକ୍ ନିଉଟନ୍ (୧୬୪୩-୧୭୨୭) ଏବଂ ଆଲବର୍ଟ ଆଇନଷ୍ଟାଇନ୍ (୧୮୭୯-୧୯୫୫) ଏହାର ଉତ୍ତରୋତ୍ତର ବିକାଶ କଲେ।



> "ସୌର ମଣ୍ଡଳ ସମ୍ପର୍କିତ ତତ୍ତ୍ୱର ବିକାଶ ପାଇଁ ଯେଉଁ ପ୍ରମୁଖ ବୈଜ୍ଞାନିକମାନଙ୍କର ଅବଦାନ ରହିଛି, ସେଥିପ୍ରତି ଆଲୋକପାତ କରାଯାଇପାରେ। ଏହା ଅନସ୍ୱୀକାର୍ଯ୍ୟ ଯେ, କପରନିକସ ପୂର୍ବ ପ୍ରଚଳିତ ଅଣ-ବୈଜ୍ଞାନିକ ମତକୁ ଚ୍ୟାଲେଞ୍ଜ କରି ଏକ ଅନୁକୂଳ ବାତାବରଣର ଅୟମାରମ୍ଭ କଲେ। ତା'ପରେ କ୍ରମାନ୍ୱୟରେ ନିମ୍ନ ବୈଜ୍ଞାନିକମାନେ- ଟାଇକୋ ବ୍ରାହେ (୧୫୪୬-୧୬୦୧), ଗାଲିଲିଓ ଗାଲିଲି (୧୫୬୪-୧୬୪୨), ଜାହାନସ୍ କେପଲର (୧୫୭୧-୧୬୩୦), ଆଇଜାକ୍ ନିଉଟନ୍ (୧୬୪୩-୧୭୨୭) ଏବଂ ଆଲବର୍ଟ ଆଇନଷ୍ଟାଇନ୍ (୧୮୭୯-୧୯୫୫) ଏହାର ଉତ୍ତରୋତ୍ତର ବିକାଶ କଲେ।"

ଡେନ୍‌ମାର୍କର ମାନେରସ୍ଥିତ ସ୍କାନିଆଠାରେ ୧୫୪୬ ମସିହାରେ ଜ୍ୟୋତିର୍ବିଜ୍ଞାନୀ ବ୍ରାହେ ଜନ୍ମଗ୍ରହଣ କରିଥିଲେ। ସେ ଡେନମାର୍କର ରାଜା ଫ୍ରେଡେରିକ୍-୨ଙ୍କଠାରୁ ପ୍ରଚୁର ସହାୟତା ଲାଭ କରିଥିଲେ। ଗୋଟିଏ ଦ୍ୱୀପରେ ଆକାଶର ଦେବୀ ୟୁରାନିଆଙ୍କ ନାମରେ ପ୍ରାସାଦଟିଏ ନିର୍ମାଣ କରିଥିଲେ। ସେଠାରୁ ଗୋଟିଏ ପର୍ଯ୍ୟବେକ୍ଷଣାଗାର ପ୍ରସ୍ତୁତ କରି ଦୀର୍ଘ ୨୦ ବର୍ଷ ପର୍ଯ୍ୟନ୍ତ ଗ୍ରହ ନକ୍ଷତ୍ରର ଚଳନ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ହେଲେ ଦୈବାତ ରାଜାଙ୍କର ସମର୍ଥନ ଓ ଅନୁଗ୍ରହରୁ ବଞ୍ଚିତ ହେବା ପରେ ଅପମାନିତ ହୋଇ ସେ ଜର୍ମାନୀ ଚାଲିଗଲେ। ଗୋଟିଏ କମ୍ପାସ ଏବଂ ସେକ୍ସଟାଣ୍ଟ ବ୍ୟବହାର କରି ଏକ ହଜାର ନକ୍ଷତ୍ରକୁ ତାଲିକାଭୁକ୍ତ କରିପାରିଥିଲେ। ଚନ୍ଦ୍ରର କକ୍ଷରେ ଅନିୟମିତତା ସମ୍ପର୍କରେ ଜାଣିବା ସହ କାସିଓପିଆ ନାମକ ଏକ ନୂତନ ନକ୍ଷତ୍ର ଆବିଷ୍କାର କରିଥିଲେ। ସେ ଜଣାଇଥିଲେ ଯେ, ଧୂମକେତୁ (କମେଟ୍) ପୃଥିବୀର ବାୟୁମଣ୍ଡଳ ଅବସ୍ଥିତି ନୁହେଁ, କିନ୍ତୁ ବହିରାଗତ। ଏକାଧିକ ଯନ୍ତ୍ରପାତି ସେ ଉଦ୍ଭାବନ କରିଥିଲେ, ଯେଉଁଥିରେ ଟାଇକୋନିଅନ କ୍ୱାଡ୍ରେଣ୍ଟ ସର୍ବଶ୍ରେଷ୍ଠ। ଏହାକୁ ଉନ୍ନତ କରି ଅନ୍ୟ ଜ୍ୟୋତିର୍ବିଜ୍ଞାନୀମାନେ ପରବର୍ତ୍ତୀ ସମୟରେ ଖଗୋଳ ଉପରେ ଗବେଷଣା କରିଥିଲେ। ୧୬୦୦ ମସିହାରେ ସେ ସୁଯୋଗ୍ୟ କେପଲରଙ୍କୁ ନିଜ ସହାୟକ ଭାବେ ନିଯୁକ୍ତ କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ପର ବର୍ଷ ବ୍ରାହେଙ୍କର ପରଲୋକ ହେଲା। କିନ୍ତୁ ଚିନ୍ତାର ବିଷୟରେ ଯେ ତାଙ୍କ ଅବର୍ତ୍ତମାନର ଅଳ୍ପ କିଛି ବର୍ଷ ମଧ୍ୟରେ ତାଙ୍କ ପ୍ରିୟ ଦ୍ୱୀପରେ ସେ ନିର୍ମାଣ କରିଥିବା ପ୍ରାସାଦ ଓ ପର୍ଯ୍ୟବେକ୍ଷଣାଗାର ଧ୍ୱଂସ ହୋଇଗଲା। ତେବେ ଅନ୍ତିମ ବେଳାରେ ସେ 'ମୁଁ ଏକ ବ୍ୟର୍ଥ ଜୀବନ ବଞ୍ଚିଛି ବୋଲି ଜଣା ନ ପଡୁ' ବୋଲି କହିଥିବା ତାଙ୍କର ସହାୟକ କେପଲରଙ୍କ ଦ୍ୱାରା ପ୍ରକାଶ। ବ୍ରାହେଙ୍କ ଅନ୍ତେ କେପଲର ହୋଲି ରୋମାନ ଏମ୍ପରରେ ରୁଡୋଲଫ ଦ୍ୱିତୀୟଙ୍କ ଦ୍ୱାରା ଗାଣିତ୍ୟିକ ପଦବୀ ଅଳଙ୍କୃତ କଲେ।

ମାତାପିତାଙ୍କ ପ୍ରଭାବ ସନ୍ତାନର ଭବିଷ୍ୟତ ଗଠନ ପାଇଁ କେମିତି ପ୍ରେରଣା ଯୋଗାଇଥାଏ, ତାହାର ଦୃଷ୍ଟାନ୍ତ କେପଲରଙ୍କ ଜୀବନରୁ ମିଳିଥାଏ। ୧୫୭୭ରେ ତାଙ୍କୁ ମାତ୍ର ଛଅ ବର୍ଷ ହୋଇଥିବା ବେଳେ ତାଙ୍କ ମାତା ଆକାଶରେ ଦେଖାଯାଇଥିବା ଗୋଟିଏ ବିରାଟ ପୁଚ୍ଛଯୁକ୍ତ ଲଞ୍ଜାତାରା ବା ଧୂମକେତୁକୁ ନିରୀକ୍ଷଣ କରିବାକୁ କହିଲେ। ଅନ୍ୟ ଏକ ଘଟଣାରେ ୧୫୮୦ରେ ତାଙ୍କ ବାପା ଚନ୍ଦ୍ରଗ୍ରହଣର ଦୃଶ୍ୟ ଉପଭୋଗ କରିବା ପାଇଁ ନିଜ ସହ ଘର ବାହାରକୁ ନେଇଥିଲେ। କେପଲରଙ୍କ ମାନସିକତା ଅଜବ ଧରଣର ଥିଲା। ସେ ବିଶ୍ୱାସ କରୁଥିଲେ ଯେ, ନକ୍ଷତ୍ର ସମ୍ବନ୍ଧୀୟ ଅଧ୍ୟୟନ ଏକ ଧାର୍ମିକ କାର୍ଯ୍ୟ। ବାସ୍ତବରେ ଅଧ୍ୟୟନ ବୃତ୍ତି ପରେ ସେ ତଥାକଥିତ ଧର୍ମ-ଶିକ୍ଷା ପାଇଁ ଯୋଜନା କରିଥିଲେ। ସେ କପରନିକସଙ୍କ ସୌରକେନ୍ଦ୍ରିକ ଗ୍ରହ ମଣ୍ଡଳକୁ ସମର୍ଥନ କରୁଥିଲେ। ତତ୍କାଳୀନ ଏହି ନୂତନ ତତ୍ତ୍ୱରେ ଅନୁପ୍ରାଣିତ ହୋଇ ସୂର୍ଯ୍ୟ ଚାରିପଟେ ଗ୍ରହମାନଙ୍କର ଘୂର୍ଣ୍ଣନ ବ୍ୟାଖ୍ୟା କରିବା ସକାସେ ବ୍ରତୀ ହେଲେ। ୧୫୯୬ରେ କପରନିକସଙ୍କ ପ୍ରାରମ୍ଭିକ ତତ୍ତ୍ୱକୁ ଆଗେଇ ନେବା ପାଇଁ ଅହରହ ଚେଷ୍ଟିତ କେପଲର ବ୍ରାହେ ଓ ଗାଲିଲିଓଙ୍କ ସଂସ୍ପର୍ଶରେ ଆସିଥିଲେ। ୧୬୦୫ରେ ମଙ୍ଗଳ ଗ୍ରହ ସୂର୍ଯ୍ୟ ଚାରିପଟେ ଅଣ୍ଡାକାର ବା ଦୀର୍ଘ ବୃତ୍ତାକାର (ଓଭାଲ ସେପ୍) କକ୍ଷରେ ଗତିଶୀଳ ଥିବା ବିଷୟ ସର୍ବପ୍ରଥମେ ଆବିଷ୍କାର କରି 'ଦ ନ୍ୟୁ ଆଷ୍ଟ୍ରୋନୋମି' (୧୬୦୯) ପୁସ୍ତକରେ ପ୍ରକାଶ କରିଥିଲେ। ଗାଲିଲିଓଙ୍କଠାରୁ ଦୂରବୀକ୍ଷଣ ଯନ୍ତ୍ର ସମ୍ବନ୍ଧରେ ଜାଣିବା ପରେ ଏହାକୁ ଉନ୍ନତ କରି ବର୍ତ୍ତମାନ ବ୍ୟବହାର କରାଯାଉଥିବା ଆଷ୍ଟ୍ରୋନମିକାଲ ଟେଲିସ୍କୋପ ନିର୍ମାଣ କଲେ। (କ୍ରମଶଃ...)

-ବଡ଼ଖେମୁଣ୍ଡି ବଙ୍ଗଳା,
ଉତ୍କଳ ଆଶ୍ରମ ରୋଡ୍, ବ୍ରହ୍ମପୁର
ମୋ: ୯୦୭୮୭୪୩୮୪୩

## ଯନ୍ତ୍ରଣା ଲାଘବ କରିବ ହେଙ୍ଗୁ



ହେଙ୍ଗୁରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଆମ ସ୍ୱାସ୍ଥ୍ୟ ପାଇଁ ଏହାର ମହତ୍ତ୍ୱ ମଧ୍ୟ ଅଛି। ଶରୀରର ବାହ୍ୟ ଅଙ୍ଗରେ ଯନ୍ତ୍ରଣା ହେଉଥିଲେ ପାଣିରେ ଅଳ୍ପ ହେଙ୍ଗୁ ମିଶାଇ ସେହି ସ୍ଥାନରେ ମାଲିସ କରନ୍ତୁ। ଏହାଦ୍ୱାରା ସେଥିରୁ କେତେକାଂଶରେ ଉପଶମ ମିଳିଥାଏ। ଖାସ୍ କଥା ହେଲା ନିୟମିତ ହେଙ୍ଗୁ ଖାଇଲେ ଶରୀରରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ଅଳ୍ପ ପାଣିରେ ଚିମୁଟାଏ ହେଙ୍ଗୁ ଏବଂ ଅଳ୍ପ ଖାଇବା ସୋଡ଼ା ମିଶାଇ ପିଇଲେ କଫଜନିତ ସମସ୍ୟା ଦୂର ହୋଇଥାଏ। ଦାନ୍ତ ଦରଜ ଏବଂ ବିନ୍ଧାରୁ ହେଙ୍ଗୁ କେତେକାଂଶରେ ଉପଶମ ଦେଇଥାଏ। ଏସିଡିଟିରୁ ହେଙ୍ଗୁ କେତେକାଂଶରେ ଆରାମ ଦେଇଥାଏ। ହେଙ୍ଗୁରେ ଆଣ୍ଟିଅକ୍ସିଡାଣ୍ଟ ଭରି ରହିଛି। ଏହାକୁ ଖାଇଲେ ତାହା ମୁଣ୍ଡବିନ୍ଧାରୁ କେତେକାଂଶରେ ଆରାମ ଦେଇଥାଏ। ଏହା ଶରୀରରେ ମେଟାବୋଲିଜିମ ଏବଂ କୋଲେଷ୍ଟ୍ରଲ ସ୍ତରକୁ ସନ୍ତୁଳିତ ରଖେ। ହେଙ୍ଗୁ ମଧ୍ୟ ଓଜନ କମାଇବାରେ ସହାୟକ ହୋଇଥାଏ।

## ଚକ୍ଷୁ ସମସ୍ୟା ସୃଷ୍ଟି କରିପାରେ ଧୂମପାନ



ଧୂମପାନ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ପ୍ରାୟ ଅନେକେ ଜାଣନ୍ତି। ଏଭଳି ଅଭ୍ୟାସ କେତେକ ରୋଗକୁ ତ ଡାକି ଆଣିଥାଏ, ତା'ସହ ଅକାଳରେ ମୃତ୍ୟୁର ଆଶଙ୍କା ମଧ୍ୟ ରହିଛି। ଧୂମପାନ ସମୟରେ ସିଗାରେଟ୍, ବିଡ଼ି ଆଦିରୁ ନିର୍ଗତ ଧୂଆଁ ଆଖି ପାଇଁ କ୍ଷତିକାରକ । ଏଭଳି ଧୂଆଁ ସଂସ୍ପର୍ଶରେ ଆସିବା ଦ୍ୱାରା ଚକ୍ଷୁଜନିତ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି ବୋଲି ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ନିୟମିତ ଧୂମପାନ କରୁଥିବା କିଛି ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରିବା ଦ୍ୱାରା ଏକଥା ଜଣାପଡିଛି। ଏହି ଧୂଆଁରେ ଅନେକ ପ୍ରକାର ବିଷାକ୍ତ ତତ୍ତ୍ୱ ଭରି ରହିଛି। ଏହି ଧୂଆଁ ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

## ଥଣ୍ଡା ପରିବେଶରେ ତରଳିବ ବରଫ



ସାଧାରଣତଃ ଗରମ ସଂସ୍ପର୍ଶରେ ଆସିଲେ ବରଫ ତରଳିଥାଏ। କିନ୍ତୁ ପରିବେଶ ଥଣ୍ଡା ଥିଲେ ମଧ୍ୟ ଏହାକୁ ତରଳାଯାଇପାରିବ। ଏଭଳି ଚେଷ୍ଟା କରି ସଫଳ ହୋଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ସେମାନେ ବାଲି, ଗୋଡ଼ି ଏବଂ ସିମେଣ୍ଟକୁ ନେଇ ଏଭଳି ଏକ କଂକ୍ରିଟ ପ୍ରସ୍ତୁତ କରିଛନ୍ତି ଯାହା ସଂସ୍ପର୍ଶରେ ଆସିବା ମାତ୍ରେ ବରଫ ତରଳିଯିବ। ଖାସ୍ କଥା ହେଲା, ଏହି କଂକ୍ରିଟ ବିଦ୍ୟୁତ ସୁପରିବାହୀ। ଏଥିରେ ବିଦ୍ୟୁତ ସଂଯୋଗ କରି ବରଫ ପାଖରେ ରଖିଦେଲେ ପରିବେଶ ଯେତେ ଥଣ୍ଡା ଥିଲେ ମଧ୍ୟ ତାହା ତରଳିଯିବ। କିନ୍ତୁ ଏହି କରେଣ୍ଟ ମନୁଷ୍ୟ କିମ୍ବା ପ୍ରାଣୀଙ୍କ ପାଇଁ ଆଦୌ ବିପଜ୍ଜନକ ନୁହେଁ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷଭାବରେ ଶୀତଦିନେ ବରଫ ଦ୍ୱାରା ଆଚ୍ଛାଦିତ ରାସ୍ତାଗୁଡ଼ିକୁ ଏପରି ପ୍ରଣାଳୀରେ ସଫା କରାଯାଇପାରିବ। ଏହାକୁ ପରୀକ୍ଷା କରାଯାଇ ସେଥିରୁ ସଫଳତା ମିଳିଛି ଏବଂ ଶୀତପ୍ରଧାନ ଦେଶରେ ରାସ୍ତା ଏଭଳି କଂକ୍ରିଟରେ ପ୍ରସ୍ତୁତ କଲେ କିଛି ଅସୁବିଧା ନାହିଁ ବୋଲି ରିପୋର୍ଟରୁ ଜଣାପଡ଼ିଛି।

## ଜଗିଙ୍ଗ କରୁଥିଲେ..

ବର୍ତ୍ତମାନର ଧାଁ ଧପଡ ଜୀବନରେ ନିଜ ଫିଟ୍‌ନେସ ପ୍ରତି ସତର୍କ ରହିବା ନିହାତି ଜରୁରୀ। ଆଜିକାଲି ଅନେକେ ପ୍ରତିଦିନ ବ୍ୟାୟାମକୁ ନିଜ ଦୈନନ୍ଦିନ ରୁଟିନ୍‌ରେ ସାମିଲ କରିସାରିଛନ୍ତି। ଯଦି ଆପଣ ଜଗିଙ୍ଗ କରୁଛନ୍ତି ତା'ହେଲେ କେତୋଟି କଥା ପ୍ରତି ଧ୍ୟାନ ଦେବା ଦରକାର। ପ୍ରତିଦିନ ସକାଳେ ହେଉ କି ସନ୍ଧ୍ୟାରେ ଅତିକମ୍‌ରେ ୧୫-୩୦ ମିନିଟ୍ ଜଗିଙ୍ଗ କରନ୍ତୁ। ନିୟମିତ ଜଗିଙ୍ଗ କରିବା ଦ୍ୱାରା ଆମ ଶରୀରକୁ ଫ୍ରେଶ୍ ଅମ୍ଳଜାନ ମିଳିଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଏହାଦ୍ୱାରା ଆମେ ନିଜକୁ କେତେକାଂଶରେ ଅବସାଦ ଏବଂ ଟେନସନଠାରୁ ଦୂରେଇ ରଖିପାରିବା। ପ୍ରତିଦିନ ଜଗିଙ୍ଗ କରିବା ଦ୍ୱାରା ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ। ବିଶେଷଭାବରେ ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ନିୟମିତ ଜଗିଙ୍ଗ କରିବା ସେମାନଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏହାଦ୍ୱାରା ରକ୍ତ ସଞ୍ଚାଳନ ଆହୁରି ସକ୍ରିୟ ହୋଇଥାଏ। ଏପରି ଅଭ୍ୟାସ ଦ୍ୱାରା ଜଣେ ନିଜକୁ ହାର୍ଟ ଆଟାକ ଏବଂ ଷ୍ଟ୍ରୋକ୍ ପରି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିପାରିବ। ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ନିୟମିତ ଜଗିଙ୍ଗ କଲେ ଓଜନ ଅନେକାଂଶରେ ସନ୍ତୁଳିତ ରହିଥାଏ। ତେବେ ସବୁବେଳେ ପ୍ରଦୂଷଣମୁକ୍ତ ପରିବେଶରେ ଜଗିଙ୍ଗ କରନ୍ତୁ। ଯଦି ଏହାକୁ ନେଇ ମନରେ କିଛି ସନ୍ଦେହ ଅଛି, ତେବେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ। ଅସୁସ୍ଥ ଥିଲେ ଜଗିଙ୍ଗ ନ କରିବା ଭଲ।



## ସ୍ୱାସ୍ଥ୍ୟ ସୂଚନା

- ତଳେ ବସିବା ଏବଂ ଉଠିବା ଏକ ଭଲ ବ୍ୟାୟାମ। ହେଲେ ଉଠିବା ସମୟରେ ଏଭଳି ପୋଜ୍‌ରେ ଉଠନ୍ତୁ ଯେପରି ତାହାର ପ୍ରଭାବ ଅଣ୍ଟା ଉପରେ ପଡ଼ିବ ନାହିଁ।



- ଖାଇବା ସମୟରେ ଟେନ୍‌ସନରେ ରୁହନ୍ତୁ ନାହିଁ କି କଥାବାର୍ତ୍ତା କରନ୍ତୁ ନାହିଁ। ଖାଦ୍ୟ ଉପରେ ଧ୍ୟାନ କେନ୍ଦ୍ରିତ ହେଲେ ତାହା ହଜମ କ୍ରିୟାକୁ ସକ୍ରିୟ କରାଇଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ମତ ଦେଇଛନ୍ତି।
- ଯଦି ଅଫିସରେ କାମ କରୁଛନ୍ତି ଏବଂ ଫୋନ୍‌କଲ୍‌ଆସିଲା ତେବେ ଟିକେ ବୁଲାଚଲା କରି ଫୋନ୍‌ରେ କଥା ହୁଅନ୍ତୁ। ଏହା ଏକ ହାଲୁକା ଏକ୍ସରସାଇଜର କାମ କରିଥାଏ।
- ନିୟମିତ ସମୟ ବ୍ୟବଧାନରେ ନିଜର ଓଜନ ମାପି ନିଅନ୍ତୁ। ଯଦି ଓଜନ ବଢୁଛି ବୋଲି ଜାଣିପାରିଲେ ତେବେ ଆରମ୍ଭରୁ ଏ ନେଇ ସଚେତନ ରହିଲେ ପରବର୍ତ୍ତୀ ସମୟରେ ମେଦବହୁଳତା ପରି ସମସ୍ୟାର ସାମନା କରିବା ଆଶଙ୍କା କମ୍ ରହିବ।
- ପ୍ରତିଦିନ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

# ଭୋପାଳ ଗ୍ୟାସ ଦୁର୍ଘଟଣା

(ଶେଷ ଭାଗ)

**ସୂତ୍ରପାତ ଓ ଅଗ୍ରଗତି:** ୧୯୮୪ ମସିହା ଅକ୍ଟୋବର ମାସରେ ଜଣାପଡ଼ିଥିଲା ଯେ, ତିନୋଟି ଟାଙ୍କି ମଧ୍ୟରୁ ଗୋଟିଏ ଟାଙ୍କି ଉଚ୍ଚ ଚାପଯୁକ୍ତ ନାଇଟ୍ରୋଜେନ୍ ଗ୍ୟାସ୍‌କୁ ଧାରଣ କରିବାକୁ ସକ୍ଷମ ହେଉନାହିଁ। ଫଳରେ ଏହି ଟାଙ୍କି ମଧ୍ୟରୁ ଜଳୀୟବାଷ୍ପ ତଥା ଅନ୍ୟ ଅଶୁଦ୍ଧ (Impurity) ପଦାର୍ଥକୁ ଫଳପ୍ରଦ ରୂପେ ପଦାକୁ ସ୍ଥାନାନ୍ତରିତ କରାଯାଇ ପାରୁନାହିଁ। ୧୯୮୪ ମସିହା ଡିସେମ୍ବର ମାସ ସୁଦ୍ଧା କାରଖାନାର ଅଧିକାଂଶ ସୁରକ୍ଷା ବ୍ୟବସ୍ଥା, ଭାଲଭ ତଥା ପାଇପ୍ ଠିକ୍ ରୂପେ କାର୍ଯ୍ୟ କରୁନଥିଲା। ଡିସେମ୍ବର ୨ ତାରିଖ ଦିନ ସନ୍ଧ୍ୟାରେ ଶ୍ରମିକମାନେ ଏହି ଟାଙ୍କି ସହିତ ସଂଯୁକ୍ତ ପାର୍ଶ୍ୱସ୍ଥ ଏକ ରୁଦ୍ଧ ପାଇପକୁ ପାଣି ଦ୍ୱାରା ସଫା କରିବା ପାଇଁ ଚେଷ୍ଟା କରିଥିଲେ। ସେଥିରୁ ପାଣି କୌଣସିମତେ ଯାଇ ଉକ୍ତ ଟାଙ୍କିରେ ପ୍ରବେଶ କରିଥିଲା। ସେହି ସମୟରେ ଏହି ଟାଙ୍କିରେ ସମୁଦାୟ ୪୨ ଟନ୍ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ମହଜୁଦ ରହିଥିଲା। ଫଳରେ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ସହିତ ପାଣିର ଏକ ବିସ୍ଫୋରକ ରାସାୟନିକ ପ୍ରତିକ୍ରିୟା ସଂଘଟିତ ହୋଇଥିଲା ଯାହା ଅନ୍ୟ କିଛି କାରକ ଯଥା କଳଙ୍କି ଲାଗିଥିବା ପାଇପ୍‌ରୁ ଝଡୁଥିବା ଲୁହାଗୁଣ୍ଡ ତଥା ବିଭିନ୍ନ ଅଶୁଦ୍ଧ ପଦାର୍ଥର ଉପସ୍ଥିତି ଯୋଗୁଁ ତ୍ୱରାନିତ ହୋଇଥିଲା। ଏହି ପ୍ରତିକ୍ରିୟାରୁ ପ୍ରଚୁର ତାପ ନିର୍ଗତ ହୋଇଥିଲା। ଟାଙ୍କିର ଗ୍ୟାସ୍ ଚାପର ମୂଲ୍ୟ ରାତ୍ରି ୧୦.୩୦ ସମୟରେ ମାତ୍ର ୨ PSI ଥିଲାବେଳେ ୧୧.୩୦ ସମୟ ବେଳକୁ ବଢ଼ି ପାଇ ୧୦ PSI ମୂଲ୍ୟରେ ପହଞ୍ଚିଥିଲା। ୧୨.୪୫ ସମୟ ମଧ୍ୟରେ ଟାଙ୍କିର ଅବସ୍ଥା ଚରମ ସୀମାରେ ପହଞ୍ଚି ଗ୍ୟାସ୍ ଚାପର ମୂଲ୍ୟ ଆଶାତୀତ ଭାବେ ୪୦ PSI ଏବଂ ପରେ ୫୦ PSI କୁ ଟପି ଯାଇଥିଲା, ଯାହା ନିରାପଦ ମୂଲ୍ୟଠାରୁ ଥିଲା ଯଥେଷ୍ଟ ଅଧିକ। ତାପମାତ୍ରା ମଧ୍ୟ ବିପଜ୍ଜନକ ଭାବେ ୨୫୦ ସେଲସିୟସ୍ ସ୍ଥିତିରେ ପହଞ୍ଚି ଯାଇଥିଲା। ଏହି ଉଚ୍ଚ ଚାପକୁ ସହ୍ୟ କରିବା ଦୁର୍ବଳ ଟାଙ୍କି ପକ୍ଷରେ ସମ୍ଭବପର ନଥିଲା। ଫଳରେ ଟାଙ୍କିର କଂକ୍ରିଟ୍ ସ୍ଲାବ୍ ଫାଟି ଗ୍ୟାସ୍ ପ୍ରବଳ ବେଗରେ ପଦାକୁ ନିର୍ଗତ ହୋଇଥିଲା ଓ



ସଙ୍ଗେସଙ୍ଗେ ଘନ ବାଦଲ ଆକାରରେ ଆଖପାଖରେ ଘୋଟି ଯାଇଥିଲା। ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କାରଖାନାର ନିମ୍ନୋକ୍ତ ତିନୋଟି ସୁରକ୍ଷା ବ୍ୟବସ୍ଥା ସୁଚାରୁ ରୂପେ କାର୍ଯ୍ୟ କରୁ ନ ଥିବାରୁ ବିଷାକ୍ତ ଗ୍ୟାସ୍ ନିର୍ଗମନର ମାତ୍ରାକୁ ନିୟନ୍ତ୍ରଣ କରାଯାଇ ପାରିନଥିଲା। କାରଖାନାରେ ଭଣ୍ଡାରଣ ଟାଙ୍କିର ତାପମାତ୍ରାକୁ ନିୟନ୍ତ୍ରଣ ରଖିବା ପାଇଁ ଏକ ଶୀତଳକ ରେଫ୍ରିଜରେସନ୍ ବ୍ୟବସ୍ଥା ୧୯୮୨ ମସିହାରୁ ଅକାମୀ ହୋଇ ପଡ଼ିଥିଲା ଓ ପରବର୍ତ୍ତୀ ୧୯୮୪ ମସିହାରେ ଶୀତଳକ ପଦାର୍ଥ ରୂପେ ବ୍ୟବହାର କରାଯାଉଥିବା ଫ୍ରିୟନ୍ ପଦାର୍ଥକୁ ସମ୍ପୂର୍ଣ୍ଣ ରୂପେ ସ୍ଥାନାନ୍ତରିତ କରି ଅନ୍ୟତ୍ର ବିନିଯୋଗ କରାଯାଇଥିଲା। ଆହୁରି ମଧ୍ୟ ଉଚ୍ଚ ତାପମାତ୍ରାରେ ସକ୍ରିୟ ହେଉଥିବା କାରଖାନାର ସତର୍କଘଣ୍ଟି ବ୍ୟବସ୍ଥା (ଯାହା ୧୧୦ ସେଲସିୟସ୍ ତାପମାତ୍ରାରେ ବାଜିଉଠିବା କଥା)କୁ ବହୁ ଦିନ ପୂର୍ବରୁ କାଢ଼ି ନିଆଯାଇଥିଲା। ଫଳରେ ତାପମାତ୍ରା ୧୫୦ ରୁ ୨୫୦ ମୂଲ୍ୟରେ ପହଞ୍ଚି ନିରାପଦ ସୀମା ବାହାରକୁ ଚାଲି ଯାଇଥିଲେ ସୁଦ୍ଧା ଏହି ସତର୍କଘଣ୍ଟି ବାଜି ନଥିଲା।

ଟାଙ୍କିରୁ ଅଜାଣତ ବଶତଃ ନିର୍ଗତ ବିଷାକ୍ତ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସକୁ ପୋଡ଼ି ନିଷ୍କ୍ରିୟ କରିଦେବା ନିମନ୍ତେ କାରଖାନାରେ ଏକ ଗ୍ୟାସ୍ ପ୍ରଜ୍ୱଳନ ସ୍ତମ୍ଭ (Flare Tower)ର ବ୍ୟବସ୍ଥା ଥିଲା। ମାତ୍ର ଏହାର ଗୋଟିଏ ପାଇପ୍ ଫାଟି ଯାଇଥିବାରୁ ଏହି ବ୍ୟବସ୍ଥା ବହୁ ଆଗରୁ ଅକାମୀ ହୋଇଯାଇଥିଲା। ଟାଙ୍କିର ଲିକ୍‌କୁ ତୁରନ୍ତ ସିଲ୍ କରିବା ପାଇଁ ଏକ ସୁରକ୍ଷା ବ୍ୟବସ୍ଥା (Vent Gas Scrubber) ଥିଲା ଯାହା ସାଧାରଣତଃ ଚୂନ ଭଳି ଏକ ପଦାର୍ଥ 'କଷ୍ଟିକ୍ ସୋଡ଼ା'କୁ ବ୍ୟବହାର କରି ଆବଶ୍ୟକୀୟ ମରାମତି କାର୍ଯ୍ୟ ସମ୍ପାଦନ କରୁଥିଲା। ମାତ୍ର ଘଟଣା ସମୟରେ ଏହି ବ୍ୟବସ୍ଥାକୁ ସୁପ୍ତ ଅବସ୍ଥାରେ ରଖାଯାଇଥିଲା ଏବଂ ଆହୁରି ମଧ୍ୟ ଏହି ବ୍ୟବସ୍ଥାରେ ନିର୍ଗତ ଗ୍ୟାସ୍‌ର ବିଶାଳ ଉତ୍ସକୁ ପ୍ରତିହତ କରିବା ପାଇଁ ଆବଶ୍ୟକ ମାତ୍ରାରେ କଷ୍ଟିକ୍ ସୋଡ଼ା ପଦାର୍ଥ ଉପଲବ୍ଧ ନଥିଲା।

ଇତିମଧ୍ୟରେ ଦୀର୍ଘ ୩୮ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏବେବି ଏହି ଗ୍ୟାସ୍ ଦୁର୍ଘଟଣାର କ୍ଷତ ଭୋପାଳବାସୀଙ୍କ ମନରୁ ଲିଭି ନାହିଁ। ଏବେବି ବହୁ ଲୋକ ବଞ୍ଚିଛନ୍ତି ଯେଉଁମାନେ ସେଦିନର ସେହି ମର୍ମନ୍ତୁଦ ଘଟଣା ସ୍ୱଚକ୍ଷୁରେ ଦେଖିଛନ୍ତି ଓ ବିଷାକ୍ତ ଗ୍ୟାସ୍‌ର ସଂସ୍ପର୍ଶରେ ଆସିଛନ୍ତି। ଗ୍ୟାସ୍‌ର ପ୍ରଭାବରେ ଏବେବି ସେଠାକାର ମୃତ୍ତିକା ଓ ଭୂତଳ ଜଳ ବିଷାକ୍ତ ପାଲଟିଯାଇଛି। ଏବେବି ବଞ୍ଚିଯାଇଥିବା କିଛି ଲୋକଙ୍କର ଶିଶୁ ବିକଳାଙ୍ଗ କିମ୍ବା ମାନସିକ ଅନଗ୍ରସର ହୋଇ ଜନ୍ମ ହେଉଛନ୍ତି।

**-ନିକୁଞ୍ଜ ବିହାରୀ ସାହୁ,** ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,
ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୦୧୮୭୦୮୮୫୮

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କାମ କର ନଚେତ୍ ଅନ୍ୟଙ୍କୁ ବାଟ ଛାଡ଼

- ଦଳୀୟ ନେତାଙ୍କୁ ଖାର୍ଗେଙ୍କ କଡ଼ା ବାର୍ତ୍ତା
- ଫେବୃୟାରୀରେ କଂଗ୍ରେସ ଅଧିବେଶନ

ନୂଆଦିଲ୍ଲୀ,୪।୧୨(ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ରବିବାର ଦଳ ଷ୍ଟିୟରିଂ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ନେତାମାନେ ଦଳ ପାଇଁ କାମ କରନ୍ତୁ, ନହେଲେ ଅନ୍ୟମାନଙ୍କୁ ବାଟ ଛାଡ଼ିଦିଅନ୍ତୁ ବୋଲି ଖାର୍ଗେ ବୈଠକରେ କଡ଼ା ବାର୍ତ୍ତା ଦେଇଛନ୍ତି। ସେହିପରି ଉପରୁ ତଳ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକର୍ତ୍ତା ଉତ୍ତରଦାୟୀ ରହିବା ଉପରେ ଦଳ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଛନ୍ତି। ଦଳର ଅଧିବେଶନ ଫେବୃୟାରୀ ମଧ୍ୟଭାଗରେ ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ହେବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି।

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଜାନୁୟାରୀ ୨୬ରେ ଶେଷ ହେବାକୁ ଥିବାବେଳେ ଲୋକଙ୍କ ସହ ଯୋଡ଼ିହୋଇ ରହିବା ଲାଗି ମାର୍ଚ୍ଚ ୨୬ ପର୍ଯ୍ୟନ୍ତ 'ହାତରେ ହାତ ଯୋଡ଼' ଅଭିଯାନ ଚାଲିବ। ଏହି ସମୟରେ ଗାଁରୁ ବ୍ଲକ୍ ଏବଂ ଜିଲା ସ୍ତର ପର୍ଯ୍ୟନ୍ତ ପଦଯାତ୍ରା ହୋଇ ରାଜ୍ୟ ମୁଖ୍ୟାଳୟରେ ସାଧାରଣ ସଭାରେ ଶେଷ ହେବ। ଏହି ଯାତ୍ରାରେ ମୁଖ୍ୟ ବାର୍ତ୍ତା ରାହୁଲ ଗାନ୍ଧୀ ଦେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅଭିଯୋଗ ପତ୍ର ଦିଆଯିବ। ଏଥିସହିତ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ସାରା ଦେଶରେ ମହିଳା କଂଗ୍ରେସ କର୍ମୀମାନେ ରାଜ୍ୟସ୍ତରରେ ଶୋଭାଯାତ୍ରା କରିବେ।




ପ୍ରାରମ୍ଭିକ ଉଦ୍‌ବୋଧନରେ ଖାର୍ଗେ ସାଂଗଠନିକ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି। ଦଳର ପ୍ରଭାରୀମାନେ ମାସକୁ ଅନ୍ୟୂନ ୧୦ ଦିନ ସେମାନଙ୍କ ଦାୟିତ୍ୱରେ ଥିବା ରାଜ୍ୟ ଗସ୍ତ କରିବାକୁ କୁହାଯାଇଛି। ଜନ ଆନ୍ଦୋଳନ ଆୟୋଜନ କରି ଲୋକଙ୍କ ପ୍ରସଙ୍ଗ ଉଠାଇବା ନିମନ୍ତେ ୩୦ରୁ ୯୦ ଦିନ ମଧ୍ୟରେ କାର୍ଯ୍ୟଖସଡ଼ା ଦାଖଲ ନିମନ୍ତେ ଖାର୍ଗେ ରାଜ୍ୟ ପ୍ରଭାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ କଂଗ୍ରେସ ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି।

# ଏଆଇଏଡିଏମ୍‌କେରେ ଫାଟ ବଢୁଛି


ଓ. ପିନୀରସେଲଭାମ୍


ଏଡାପାଡି ପାଲାନିସ୍ୱାମୀ

## ଜୟଲଳିଥାଙ୍କର ଶ୍ରାଦ୍ଧବାର୍ଷିକୀରେ ଅଲଗା ରାଲି ଯୋଜନା

ଚେନ୍ନାଇ,୪।୧୨

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ସୋମବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଆଇଏଡିଏମ୍‌କେରେ ଗୋଷ୍ଠୀ ବିବାଦ ବଢୁଥିବା ପୁନର୍ବାର ପଦାରେ ପଡ଼ିଛି। ଓ. ପିନୀରସେଲଭାମ୍ ସୋମବାର ଚେପକ୍ ଗେଷ୍ଟହାଉସ୍‌ରୁ ଜୟଲଳିଥାଙ୍କ ସ୍ମାରକୀ ପର୍ଯ୍ୟନ୍ତ ରାଲି ବାହାର କରି ସେଠାରେ ସମର୍ଥକମାନଙ୍କୁ ଶପଥ ଗ୍ରହଣ ଲାଗି ଯୋଜନା ପ୍ରସ୍ତୁତ କରିଥିବାବେଳେ ଏଏମ୍‌ଏମ୍‌କେ ମୁଖ୍ୟ ଟି.ଟି.ଭି. ଦିନାକରନ ଆନ୍ନା ଷ୍ଟାଚ୍ୟୁଠାରୁ ରାଲି ବାହାର କରିବେ ଏବଂ ଭି.କେ. ଶଶୀକଳା ଅଲଗା ଯାଇ ଜୟଲଳିଥାଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ତେବେ କୌଣସି ରାଲିକୁ ପୋଲିସ ଏପର୍ଯ୍ୟନ୍ତ ଅନୁମତି ଦେଇନାହିଁ। ଅନ୍ୟ ପକ୍ଷରେ ବିଦ୍ରୋହୀ ଏଡାପାଡି ପାଲାନିସ୍ୱାମୀ (ଇପିଏସ୍) ତାଙ୍କ ସମର୍ଥକମାନଙ୍କ ସହ ଅଲଗା ଯାଇ ଶପଥ ପାଠ କରିବେ ବୋଲି ସୂଚନା ମିଳିଛି। ଏଆଇଏଡିଏମ୍‌କେରେ ନେତୃତ୍ୱକୁ ନେଇ ବିବାଦ ଜାରି ରହିଛି। ମାଡ୍ରାସ ହାଇକୋର୍ଟ ଇପିଏସ୍‌ଙ୍କ ନେତୃତ୍ୱ ସପକ୍ଷରେ ରାୟ ଦେଇଥିବାବେଳେ ଓପିଏସ୍ ଗୋଷ୍ଠୀ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତରେ ପିଟିଶନ ଶୁଣାଣି ପୂର୍ବରୁ ଦଳରେ ଗୋଷ୍ଠୀ ବିବାଦ ପୁଣିଥରେ ତୀବ୍ର ହୋଇଥିବା ସ୍ପଷ୍ଟ ହୋଇଛି। ତେବେ ଦଳରେ ଫାଟ ନାହିଁ ବୋଲି ପୂର୍ବତନ ମନ୍ତ୍ରୀ ଡି. ଜୟକୁମାର କହିଛନ୍ତି। ଦଳକୁ କ୍ଷତି ପହଞ୍ଚାଇବା ପାଇଁ ଯେଉଁ କେତେଜଣ ଡିଏମ୍‌କେ ସହ ଚୁକ୍ତି କରିଥିଲେ ସେମାନଙ୍କୁ ବିଦା କରାଯାଇଥିବା ସେ କହିଛନ୍ତି। ପୂର୍ବରୁ ବରିଷ୍ଠ ନେତାଙ୍କ ଉପରେ ଆକ୍ରମଣ ହୋଇଥିବାରୁ ଇପିଏସ୍ ଗୋଷ୍ଠୀ ସୋମବାର କାର୍ଯ୍ୟକ୍ରମ ଲାଗି ପୋଲିସ ସୁରକ୍ଷା ଲୋଡ଼ିଛନ୍ତି। ଗତବର୍ଷ ଜୟଲଳିଥାଙ୍କ ଶ୍ରାଦ୍ଧବାର୍ଷିକୀକୁ ପୋଲିସ ବିଗାଡ଼ିଦେଇଥିଲା ବୋଲି ଏଆଇଏଡିଏମ୍‌କେ ଏବଂ ଏଏମ୍‌ଏମ୍‌କେ କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ କରିଥିଲେ। ଏଥର ମାରିନା ବେଳାଭୂମିରେ ଶ୍ରାଦ୍ଧବାର୍ଷିକୀ ପାଳନ ବେଳେ ନେତାମାନଙ୍କୁ କଳା ଶାର୍ଟ ପିନ୍ଧି ରାଲିରେ ସାମିଲ ହେବାକୁ କୁହାଯାଇଛି।


ପଦ୍ମପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ବରଗଡ଼ ଜିଲା ପାଇକମାଳ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ପିଙ୍କ୍ ବୁଥ୍‌ରେ ରବିବାର କେନ୍ଦ୍ରୀୟ ସୁରକ୍ଷା ବଳ ପଇଁତରା ମାରୁଛନ୍ତି।

# ପୂର୍ବତନ ଭାଜପା ବିଧାୟକ ଅଟକ

## ଟଙ୍କା ବାଣ୍ଟିବା ଅଭିଯୋଗ ହୋଇଥିଲା

ପଦ୍ମପୁର ୪।୧୨(ଡିଏନ ଏ)

ପଦ୍ମପୁର ଉପନିର୍ବାଚନ ପାଇଁ ପ୍ରଚାର ଶେଷ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଅନ୍ୟ ଜିଲାରୁ ଆସିଥିବା ରାଜନୈତିକ ଅତିଥି, ପ୍ରଚାରକଙ୍କୁ ଶନିବାର ଅପରାହ୍ନ ୪ଟା ସୁଦ୍ଧା ପଦ୍ମପୁର ଅଞ୍ଚଳ ଛାଡିବାକୁ ନିର୍ଦ୍ଦେଶନାମା ଦିଆଯାଇଥିଲା। ତଦନୁସାରେ ବହୁ ରାଜନୈତିକ ବ୍ୟକ୍ତି ପଦ୍ମପୁର ଛାଡି ଚାଲିଯାଇଥିଲେ। ତେବେ ଜୁନାଗଡର ପୂର୍ବତନ ବିଧାୟକ ହିମାଂଶୁ ଶେଖର ମେହେର ରବିବାର ଲଖମରାଠାରେ ଥିବା ଖବର ପାଇ କେତେକ ଯୁବକ ସେଠାରେ ପହଞ୍ଚିଥିଲେ। ପ୍ରଶାସନର ଆଦେଶକୁ ବେଖାତିର କରିଥିବାରୁ ଉକ୍ତ ଯୁବକ ଏବଂ ମେହେରଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଜଗଦଲପୁର ଥାନାଧିକାରୀ ସୁଷମା କୁଅଁର ସଦଳବଳ ପହଞ୍ଚି ପୂର୍ବତନ ବିଧାୟକ ମେହେରଙ୍କୁ ଥାନାକୁ ନେଇଯାଇଥିଲେ। ସେଠାରେ ସମସ୍ତ କାଗଜପତ୍ର ଯାଞ୍ଚ ପରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରି ତାଙ୍କୁ ଛାଡି ଦିଆଯାଇଥିଲା। ସେହିପରି ସରେଇକେଲାରେ କେତେକ ରାଜନେତାଙ୍କ ଉପସ୍ଥିତି ପରିବେଶକୁ ଉତ୍ତପ୍ତ କରିଥିଲା। ସେମାନଙ୍କୁ ମଧ୍ୟ ଥାନାରେ ଚୁକ୍ତିପତ୍ର ଲେଖି ଅଞ୍ଚଳରେ ନ ରହିବାକୁ ସତର୍କ କରାଯାଇଥିଲା। ସରେଇକେଲାରେ ବିଜେଡି କର୍ମୀ ଟଙ୍କା ବାଣ୍ଟିବା ନେଇ ଭାଜପା ଅଭିଯୋଗ କରିଥିବାବେଳେ ବିଜେଡି ମଧ୍ୟ ଅନୁରୂପ ଅଭିଯୋଗ କରିଛି। ଲଖମରାକୁ ପୂର୍ବତନ ବିଧାୟକ ହିମାଂଶୁ ଶେଖର ମେହେର ଟଙ୍କା ବାଣ୍ଟିବା ପାଇଁ ଆସିଥିବା ବିଜେଡି ଅଭିଯୋଗ କରିଛି। ରବିବାର ଟଙ୍କା ବଣ୍ଟାକୁ ନେଇ ଉଭୟ ଦଳ ମଧ୍ୟରେ କାଦୁଅ ଫିଙ୍ଗା ଚାଲିଥିବା ଦେଖିବାକୁ ମିଳିଥିଲା।

**Classified Everyday**
**0674-2580101, 2549949**



REAL ESTATE

**SALE**

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2132

Commercial Cum residential gharabari plot for sale in Khurda Puri Road, just 2K.M. from Khurda Collector Office, Plot size-50'x112'. Contact Owner- 9439101373, 7750068828. D-2154

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158




"Only body massage & Steam-Bath. Contact at Trupti SPA-9861550765". D-2139

Newly open Spa positively health benefit with expert. Contact: 7749976301. D-73899

Newly open health benefits SPA special Offer @ 999/-, Nayapalli. 7846814019. D-73665

Newly open full body massage ladies and gents. 8327740003, 8093860513. D-74605

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**
By virtue of an affidavit of Notary Public, Chandikhole on 2.12.2022 I, Shaikh Ramiz Raza, son of Shaikh Jamaluddin, vill-Nalipur, PO-Charinangal, PS-Balichandrapur, Dist-Jajpur. has change my name Shaikh Ramiz Raza to Shaikh Ramiz Raja. Which is one and same person. Hence, I will be known as Shaikh Ramiz Raja for all purposes. D-2164

**Award for Ph.D. in Microbiology**

Somanath Behera, has been awarded with the degree of Ph.D. in Microbiology from Sambalpur University for his research work entitled "MOLECULAR CHARACTERISATION OF POST ANTIBIOTIC BACTERIAL SURVIVORS". Dr. Somanath did his research work under the guidance of Dr.(Mrs) Smaranika Pattnaik, School of Life Sciences, Sambalpur University, Jyoti Vihar. His thesis has been highly appreciated by Prof. Sailesh Kumar Jadhav, School of Studies in Biotechnology, Pandit Ravishankar Shukla University, Raipur and Prof. Ratan Gachhui, Dept. of Life Science & Biotechnology, Jadhavpur University, Kolkata. He is the only son of Sri Gouri Shankar Behera, Retd. High School Teacher and Smt. Ashabati Behera of Modipara, Sambalpur. Dr. Somanath Behera is now posted as Assistant Conservator of Forest in Titilagarh KL Division after clearing Odisha Forest Service conducted by O.P.S.C. For this achievement, Dr. Somanath sincerely acknowledges his immense gratitude to his guide, his parents, his sister Miss Sushree Sangeeta Behera, Teacher at Sri Ganesh Govt. High School, Dhanupali and other well-wishers and above all to the Almighty.
ଧ-୨୧୬୪

**ମନେ ପଡ଼ନ୍ତି**
**ଶ୍ରଦ୍ଧାଞ୍ଜଳି**

**ସ୍ୱର୍ଗତ ଧ୍ରୁବଚରଣ ମହାନ୍ତି**
ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୨୩
ତିରୋଧାନ: ୦୭।୧୨।୨୦୧୧
ଆଜିର ଶ୍ରାଦ୍ଧ ଦିବସରେ ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ତଥା ନୀତି, ଆଦର୍ଶ ଆମର ଚିର ସ୍ମରଣୀୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ପୁଅ: ମୁନା, ବୋହୂ: ରିନି, ଝିଅ: ରୁନି, ରୁକି ଓ ରେବା, ଜ୍ୱାଇଁ: ଗଗନ, ଅନିମେଷ ଓ ସୁବ୍ରତ, ନାତୁଣୀ ଓ ନାତି-ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍।
ଧ-୨୧୫୧

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଏମ୍‌ସିଡି ନିର୍ବାଚନରେ ୫୦% ମତଦାନ

## ୭ରେ ଫଳାଫଳ

- ଭୋଟର ତାଲିକାରେ ନାଁ ନ ଥିବାରୁ ଫେରିଗଲେ ମତଦାତା

ନୂଆଦିଲ୍ଲୀ,୪।୧୨

ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ୭ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ୫ଟା ୩୦ରେ ମତଦାନ ଶେଷ ହୋଇଥିବାବେଳେ ପ୍ରାୟ ୫୦ପ୍ରତିଶତ ଭୋଟିଂ ହୋଇଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ୨୦୧୭ ଏମ୍‌ସିଡି ନିର୍ବାଚନରେ ୫୩ ପ୍ରତିଶତ ମତଦାନ ହୋଇଥିଲା।

ଦିଲ୍ଲୀର ୨୫୦ ୱାର୍ଡ ଲାଗି ୧,୩୪୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ୧.୪୫ କୋଟିରୁ ଉର୍ଦ୍ଧ୍ୱ ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମତଦାନ ପାଇଁ ୧୩,୬୩୮ଟି ଭୋଟକେନ୍ଦ୍ର କରାଯାଇଥିବାବେଳେ ସେଥିରୁ ୩,୩୬୦ ଜଟିଳ ଏବଂ ୪୯୩ଟି ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି। ତେବେ ଭୋଟ ବେଳେ କୌଣସି ଅପ୍ରୀତିକର ସ୍ଥିତି ଉପୁଜିଥିବାର ଖବର ମିଳିନାହିଁ। ଏଠାରେ ମୁଖ୍ୟତଃ ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି), ଭାଜପା ଏବଂ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଉଭୟ ଏଏପି ଏବଂ ଭାଜପା ବିଜୟୀ ହେବା ନେଇ ଦାବି କରିଛନ୍ତି। କେତେକ ବୁଥ୍‌ରେ ଭୋଟର ତାଲିକାରେ ନାଁ ନ ଥିବାରୁ ଅନେକ ଲୋକ ଭୋଟ ଦେଇ ନ ପାରି ଫେରିଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ କେତେଜଣଙ୍କୁ ଏକାଧିକ ଥର ଭିନ୍ନ ଭିନ୍ନ ଭୋଟ କେନ୍ଦ୍ରକୁ ଯିବାକୁ କୁହାଯାଇଥିଲା। ଏମ୍‌ସିଡିର ତିନୋଟି ଡିଭିଜନର ମିଶ୍ରଣ ପରେ ପ୍ରଥମ ଥର ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି। ରାଜ୍ୟରେ ଭାଜପା କ୍ଷମତାରେ ନ ଥିଲେ ମଧ୍ୟ ୧୫ ବର୍ଷ ହେଲା ଏମ୍‌ସିଡିକୁ ଅକ୍ତିଆର କରିଆସିଛି। ଏଥର ନିର୍ବାଚନରେ ଭାଜପା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ କେତେଜଣ ମୁଖ୍ୟମନ୍ତ୍ରୀ ପ୍ରଚାର କରିଥିଲେ।


ଭାଜପା ଏମ୍‌ପି ଗୌତମ ଗମ୍ଭୀର ଓ ସ୍ତ୍ରୀ ନତାଶା ଜୈନ ଭୋଟ ଦେବା ପରେ ଆଙ୍ଗୁଠି ଦେଖାଉଛନ୍ତି।

CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ଭାରତ ଯୋଡୋ ଯାତ୍ରା ରବିବାର ସନ୍ଧ୍ୟାରେ ରାଜସ୍ଥାନରେ ପ୍ରବେଶ କରିଛି।

# ଏମ୍ବାପେଙ୍କ ଡବଲ୍‌ରେ ଫ୍ରାନ୍ସ କ୍ୱାର୍ଟରରେ


ରବିବାର ଫ୍ରାନ୍ସ ଓ ପୋଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଦୋହା,୪।୧୨**

ଗତଥରର ଚାମ୍ପିୟନ ଫ୍ରାନ୍ସ ଚଳିତ ଫିଫା ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କିଲିଆନ ଏମ୍ବାପେଙ୍କ ଡବଲ ଗୋଲ ବଳରେ ଏହି ଦଳ ରବିବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ପୋଲାଣ୍ଡକୁ ୩-୧ ଗୋଲରେ ପରାସ୍ତ କରିଛି। ୧୯୯୮ ଓ ୨୦୧୮ରେ ଚାମ୍ପିୟନ ହୋଇଥିବା ଫ୍ରାନ୍ସ ୨୦୦୬ରେ ରନରଅପ୍ ଏବଂ ୧୯୫୮ ଓ ୧୯୮୬ରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ତେଣୁ ଏଥର ଟାଇଟଲ ବଜାୟ ରଖିବା ଦିଗରେ ଏହି ଦଳ ଗୋଟିଏ ପାଦ ଆଗକୁ ବଢ଼ିଛି। ଅନ୍ୟପକ୍ଷରେ ୧୯୭୪ ଓ ୧୯୮୨ରେ ସର୍ବାଧିକ ତୃତୀୟ ସ୍ଥାନ ହାସଲ କରିଥିବା ପୋଲାଣ୍ଡ ଏହା ପୂର୍ବରୁ ୧୯୮୬ରେ ମଧ୍ୟ ରାଉଣ୍ଡ ଅଫ୍ ୧୬ରୁ ବିଦାୟ ନେଇଥିଲା। ଗତ ସଂସ୍କରଣରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିବାବେଳେ ଏଥର ପ୍ରି-କ୍ୱାର୍ଟର ଫାଇନାଲରୁ ଅଭିଯାନ ଶେଷ କରିଛି।

ମ୍ୟାଚର ୪୪ତମ ମିନିଟରେ କିଲିଆନେ ଏମ୍ବାପେଙ୍କଠାରୁ ଦେଇଥିବା ପାସ୍‌କୁ ବକ୍ସ ଏରିଆରେ ଓଲିଭର ଗିରୁଡ଼ ପ୍ରଥମେ ନିୟନ୍ତ୍ରଣକୁ ଆଣିପାରି ନ ଥିଲେ ହେଁ ପରେ ଚତୁରତାର ସହ ବାମ ପାଦରେ ଆୟତ୍ତକୁ ଆଣି ଗୋଲରେ ପରିଣତ କରିଥିଲେ। ୭୪ତମ ମିନିଟରେ ଫ୍ରାନ୍ସର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପରିଣତ କରିଥିଲେ ଏମ୍ବାପେ। ଏଥର ପାସ୍ ଦେଇଥିଲେ ଓସମାନେ ଡେମ୍ବେଲେ। ୯୦ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ତୃତୀୟ ଗୋଲଟି ସ୍କୋର କରିଥିଲେ ଏମ୍ବାପେ। ଷ୍ଟପେଜ ଟାଇମ୍ ୯୦+୫ ମିନିଟରେ ଫ୍ରାନ୍ସର ଡାୟୋଟ ଉପାମେକାନୋ ହ୍ୟାଣ୍ଡବଲ କରିବାରୁ ପୋଲାଣ୍ଡକୁ ପେନାଲ୍ଟି ସୁଯୋଗ ମିଳିଥିଲା। ୯୦+୮ ମିନିଟରେ ରବର୍ଟ ଲିୱାଣ୍ଡୋସ୍କିଙ୍କ ଶଟ୍‌କୁ ଫ୍ରାନ୍ସ ଗୋଲକିପର ହ୍ୟୁଗୋ ଲୋରିସ ଯଦିଓ ସେଭ୍ କରି ଦେଇଥିଲେ ତେବେ ଆଗୁଆ ଲାଇନ୍ ବାହାରକୁ ଚାଲି ଆସିଥିଲେ। ଫଳରେ ପୋଲାଣ୍ଡକୁ ଆଉଏକ ପେନାଲ୍ଟି ସୁଯୋଗ ଦିଆ ଯାଇଥିଲା। ୯୦+୯ ମିନିଟରେ ଦ୍ୱିତୀୟ ଉଦ୍ୟମରେ ଲିୱାଣ୍ଡୋସ୍କି ଗୋଲ କରିବାରେ ସକ୍ଷମ ହୋଇଥିଲେ। ଚଳିତ ଟୁର୍ନାମେଣ୍ଟରେ ଏହାଥିଲା ତାଙ୍କର ଦ୍ୱିତୀୟ ଗୋଲ।

# ଦର୍ଶକ ଆଉଟଫିଟ୍‌କୁ ନେଇ ମିଶ୍ର ପ୍ରତିକ୍ରିୟା


ଆରବୀୟ ପୋଷାକରେ ଦକ୍ଷିଣ କୋରିଆ ସମର୍ଥକ।

**ଦୋହା,୪।୧୨(ପି.ଟି.):** ଫିଫା ଫୁଟବଲ ବିଶ୍ୱକପ୍ ପାଇଁ ଫ୍ୟାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥିବା ବେଳେ ବିଭିନ୍ନ ଦେଶରୁ ଲକ୍ଷ ଲକ୍ଷ ଫୁଟବଲ ଫ୍ୟାନ କାତାର ଆସୁଛନ୍ତି। ତେବେ ଚଳିତ ବିଶ୍ୱକପ୍‌ରେ ଫୁଟବଲ ଫ୍ୟାନଙ୍କ ଆଉଟ୍‌ଫିଟ୍(ପରିପାଟୀ)କୁ ନେଇ ଦେଖିବାକୁ ମିଳିଛି ମିଶ୍ର ପ୍ରତିକ୍ରିୟା। କେବଳ ନିଜ ଟିମ୍‌ର ଜର୍ସି ନୁହେଁ ବରଂ ଅନ୍ୟାନ୍ୟ ରଙ୍ଗବେରଙ୍ଗ କପଡା ପିନ୍ଧିଥିବା ଫ୍ୟାନଙ୍କ କାରଣରୁ ଦୋହା ବର୍ତ୍ତମାନ ଫ୍ୟାଶନ ଶୋ'ର ରନ ୱେ ଭଳି ପ୍ରତୀୟମାନ ହେଉଛି। ସମଲିଙ୍ଗୀମାନଙ୍କୁ ବିରୋଧ କାରଣରୁ ସପ୍ତରଙ୍ଗୀ ଡ୍ରେସକୁ ବ୍ୟାନ କରାଯାଇଛି। ତେବେ ବିଦେଶୀ ପୁରୁଷମାନଙ୍କ ପାଇଁ ଆରବ ଦେଶରେ ମୁଣ୍ଡ ଉପରେ ବାନ୍ଧୁଥିବା ଟୋପିର ଶୈଳୀ ଫ୍ୟାଶନର ପ୍ରମୁଖ ଅଙ୍ଗ ପାଲଟିଥିବା ବେଳେ ମହିଳାମାନେ ହିଜାବ ପିନ୍ଧୁଛନ୍ତି। ତେବେ ଫ୍ୟାନମାନଙ୍କ ପରିପାଟୀକୁ ଅନେକ କାତାର ନାଗରିକ ସମର୍ଥନ କରିଥିବା ବେଳେ କିଛି ଗୋଷ୍ଠୀଙ୍କ ମଧ୍ୟରେ ବିରୋଧାଭାସ ଦେଖିବାକୁ ମିଳିଛି। ମୁସଲିମ ବହୁଳ ଏହି କ୍ଷୁଦ୍ର ରାଷ୍ଟ୍ର ପ୍ରଥମ ଥର ପାଇଁ ବିଶ୍ୱକପ ଭଳି ବଡ ଟୁର୍ନାମେଣ୍ଟ ଆୟୋଜନ କରୁଛି। ସେହିପରି ଦକ୍ଷିଣ ଆଫ୍ରିକାର ଜଣେ ବ୍ୟକ୍ତି ଆରବ ଦେଶରେ ପିନ୍ଧୁଥିବା ଟୋପିରେ ୪ ଆଫ୍ରିକୀୟ ଦେଶର ଜାତୀୟ ପତାକାକୁ ସିଲାଇ କରିଥିଲେ। ଏପରି କରିବା ତାଙ୍କ ଦେଶରେ ବେଆଇନ ହୋଇଥିଲେ ମଧ୍ୟ କାତାରରେ ଏହାକୁ ପ୍ରଶଂସା କରାଯାଇଥିଲା। ଏପରି କି ବିଦେଶୀ ନାଗରିକମାନେ ଆରବୀ ଆଉଟଫିଟ୍ ପିନ୍ଧିବାକୁ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

# ଆଉ ଏକ ବିପର୍ଯ୍ୟୟ ଆଶାରେ ଦକ୍ଷିଣ କୋରିଆ


ଟ୍ରେନିଂ ଅବସରରେ ସନ୍ ହ୍ୟୁଙ୍ଗ୍-ମିନ୍।

**ଦୋହା, ୪।୧୨ (ପି.ଟି.):** ଚଳିତ ବିଶ୍ୱକପର ଅନ୍ୟତମ ଟାଇଟଲ ଫେବରିଟ୍ ବ୍ରାଜିଲ ନିଜ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଦକ୍ଷିଣ କୋରିଆକୁ ଭେଟିବ। ଷ୍ଟାଡିୟମ ୯୭୪ରେ ଏହି ମ୍ୟାଚଟି ଖେଳାଯିବାକୁ ଥିବା ବେଳେ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିବ ଦକ୍ଷିଣ କୋରିଆ। ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ଦଳ ପର୍ତ୍ତୁଗାଲକୁ ପରାସ୍ତ କରିବା ସହିତ ବିଶ୍ୱକପରେ ଏକ ବିପର୍ଯ୍ୟୟ ଘଟାଇଥିଲା। ଅନ୍ୟପକ୍ଷରେ ବ୍ରାଜିଲ ମଧ୍ୟ ଏହାର ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ କାମେରୁନ୍ ଠାରୁ ପରାସ୍ତ ହୋଇଥିଲା। ତେବେ ବ୍ରାଜିଲ ପାଇଁ ନେମାର ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି। ଶନିବାର ସେ ସାମାନ୍ୟ ଅଭ୍ୟାସ କରିଥିଲେ ହେଁ ମ୍ୟାଚ୍ ଫିଟ ହୋଇନଥିବା କୁହାଯାଉଛି। ବ୍ରାଜିଲ ବିଗତ ୯ ସଂସ୍କରଣରେ ନକ୍‌ଆଉଟ ପ୍ରବେଶ କରୁଥିବା ବେଳେ ଦକ୍ଷିଣ କୋରିଆ ପାଇଁ ଏହା ଅପ୍ରତ୍ୟାଶିତ। ତେବେ ଦକ୍ଷିଣ କୋରିଆ ମିଳିଥିବା ସୁଯୋଗର ସମ୍ପୂର୍ଣ୍ଣ ଫାଇଦା ଉଠାଇବାକୁ ଚାହିଁବ। ୨୦୦୨ରେ ବିଶ୍ୱକପରେ ଦକ୍ଷିଣ କୋରିଆ ଥରେ ମାତ୍ର ସେମି ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଥିଲା। ଚଳିତ ବର୍ଷ ପୁନର୍ବାର ସମାନ ସଫଳତା ଦୋହରାଇବାକୁ ଦଳ ପ୍ରୟାସ କରିବ। ତେବେ ଦଳର ପ୍ରମୁଖ ଖେଳାଳି ହ୍ୱାଙ୍ଗ ଓ କିମ୍ ମିନ୍ ଜାଏ ଯଥାକ୍ରମେ ହାର୍ମଷ୍ଟ୍ରିଙ୍ଗ ଓ କାଫ୍ ମସଲ ଆଘାତ ଦେଇ ଗତି କରୁଛନ୍ତି।

# ଇତିହାସ ସୃଷ୍ଟି ଲକ୍ଷ୍ୟରେ ଜାପାନ

**ଦୋହା, ୪।୧୨**

ଚଳିତ ଫିଫା ବିଶ୍ୱକପ୍‌ରେ ସୋମବାର ଅଲ୍ ଜନୌବ ଷ୍ଟାଡିୟମରେ ହେବାକୁଥିବା ପ୍ରି-କ୍ୱାର୍ଟର ଫାଇନାଲରେ କ୍ରୋଏସିଆକୁ ଭେଟିବ ଜାପାନ। ପୂର୍ବରୁ ଜାପାନ କେବେହେଲେ ବିଶ୍ୱକପ୍‌ର ରାଉଣ୍ଡ ଅଫ୍ ୧୬ ପର୍ଯ୍ୟାୟ ଅତିକ୍ରମ କରିପାରିନାହିଁ। ଏଥର ଯଦି କ୍ରୋଏସିଆକୁ ହରାଇପାରିବ ତେବେ ଇତିହାସ ସୃଷ୍ଟି କରିବ। କାତାର ଫିଫା ବିଶ୍ୱକପ୍‌ରେ ସବୁଠାରୁ ଚର୍ଚ୍ଚାରେ ରହିଥିବା ଦଳଗୁଡ଼ିକର ଯଦି ତାଲିକା ପ୍ରସ୍ତୁତ କରାଯାଏ ତେବେ ଶୀର୍ଷରେ ରହିବ ଜାପାନ। ଏହାର ଅନେକ କାରଣ ରହିଛି। ଗ୍ରୁପ୍ 'ଇ'ରେ ଏହି ଦଳ ସ୍ପେନ୍, ଜର୍ମାନୀ ଓ କୋଷ୍ଟାରିକା ସହିତ ସ୍ଥାନ ପାଇଥିଲା। ଜର୍ମାନୀ ୪ ଥର ଟାଇଟଲ ଜିତିଥିବାବେଳେ ସ୍ପେନ୍ ୨୦୧୦ର ଚାମ୍ପିୟନ। କୋଷ୍ଟାରିକା ୨୦୧୪ରେ କ୍ୱାର୍ଟର ଫାଇନାଲ ଖେଳି ସାରିଥିବା ଦଳ। ସେହି ତୁଳନାରେ ଦେଖିବାକୁ ଗଲେ ଜାପାନ କେବେହେଲେ ରାଉଣ୍ଡ ଅଫ୍ ୧୬ ଅତିକ୍ରମ କରି ପାରିନାହିଁ। ତେଣୁ ଗ୍ରୁପ୍‌ରେ ଅଣ୍ଡରଡଗ୍‌ଭାବେ ପଡ଼ିଆକୁ ଓହ୍ଲାଇଥିଲା ଏହି ଏସୀୟ ଦଳ। ମାତ୍ର ନଭେମ୍ବର ୨୩ରେ ଏହି ଦଳ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳ ଜାପାନକୁ ୨-୧ ଗୋଲରେ ହରାଇ ଚହଳ ପକାଇ ଦେଇଥିଲା। ତେବେ କୋଷ୍ଟାରିକାକୁ ହାଲୁକାଭାବେ ନେବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଫଳରେ ଗୋଟିଏ ଗୋଲରେ ପରାଜୟ ସ୍ୱୀକାର କରିଥିଲା। ମାତ୍ର ଏଥିରୁ ଶିକ୍ଷାଲାଭ କରି ଦଳ ନିଜର ଶେଷ ଗ୍ରୁପ୍ ମ୍ୟାଚରେ ଯେପରି ସ୍ପେନ୍‌କୁ ହରାଇଲା ତାହା ଦେଖିବାର ଥିଲା। ସମସ୍ତ ଆକଳନକୁ ଭୁଲ ପ୍ରମାଣିତ କରି ଜାପାନ ଚଳିତ ବିଶ୍ୱକପର ନକ୍‌ଆଉଟରେ ପ୍ରବେଶ କଲା। କେବଳ ସେତିକି ନୁହେଁ ସ୍ପେନ୍‌କୁ ପଛରେ ପକାଇ ଗ୍ରୁପ୍‌ର ଶୀର୍ଷସ୍ଥାନ ମଧ୍ୟ ହାସଲ କଲା। ଜାପାନ ଓ କୋଷ୍ଟାରିକା ପରି ଦଳ ପଛରେ ପଡ଼ି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଲେ।

ଏବେ ଜାପାନ ସମ୍ମୁଖରେ ଅଛି କ୍ରୋଏସିଆ ହର୍ଡଲ୍ସ। ପୂର୍ବ ବିଶ୍ୱକପ୍ ପରି ଏଥର ମଧ୍ୟ କ୍ରୋଏସିଆ ପ୍ରଭାବୀ ପ୍ରଦର୍ଶନ କରି ନକ୍‌ଆଉଟରେ ପହଞ୍ଚିଛି। ମରକ୍କୋ ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ଏହି ଦଳ ଦ୍ୱିତୀୟ ମ୍ୟାଚରେ କାନାଡ଼ାକୁ ହରାଇ ନିଜ ପାଇଁ ପଥ ପରିଷ୍କାର କରିଥିଲା। ଶେଷ ମ୍ୟାଚରେ ବେଲ୍‌ଜିୟମ ବିପକ୍ଷରେ ପଏଣ୍ଟ ଭାଗକରି ଦଳ ଗ୍ରୁପ୍ 'ଏଫ୍'ର ଦ୍ୱିତୀୟ ଦଳଭାବେ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲା। ଗତ ବିଶ୍ୱକପରେ କ୍ରୋଏସିଆ ପ୍ରି-କ୍ୱାର୍ଟର ଫାଇନାଲରେ ପେନାଲ୍ଟି ଶୁଟ୍‌ଆଉଟ ୩-୨ ଗୋଲରେ ଡେନମାର୍କକୁ ହରାଇଥିବାବେଳେ କ୍ୱାର୍ଟର ଫାଇନାଲରେ ରୁଷିଆକୁ ପେନାଲ୍ଟି ୪-୩ରେ ପରାସ୍ତ କରିଥିଲା। ସେମିଫାଇନାଲରେ ଦଳ ଇଂଲଣ୍ଡକୁ ଅତିରିକ୍ତ ସମୟରେ ୨-୧ ଗୋଲରେ ହରାଇ ପ୍ରଥମଥରପାଇଁ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଥିଲା। ସେଠାରେ ଫ୍ରାନ୍ସଠାରୁ ହାରି ଯାଇଥିଲେ ହେଁ ଏହି ଅଭିଜ୍ଞତା ନିଶ୍ଚିତ ଦଳ ପାଇଁ ଉପାଦେୟ ହେବ। ତେଣୁ ଆଗାମୀ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ପୂର୍ବାନୁମାନ କରାଯାଉଛି।

**ଫିଫା ବିଶ୍ୱକପ**
**(ଆଜିର ମ୍ୟାଚ)**
**ଜାପାନ ବନାମ କ୍ରୋଏସିଆ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ,
ସମୟ: ରାତି ୮.୩୦
**ବ୍ରାଜିଲ ବନାମ ଦକ୍ଷିଣ କୋରିଆ**
ସ୍ଥାନ: ଷ୍ଟାଡିୟମ ୯୭୪
ସମୟ: ରାତି ୧୨.୩୦

**ଅନ୍ୟ ଖେଳ ଖବର**

# କେବଳ ମେସି ନୁହନ୍ତି


ଜର୍ଜ ବୁରୁଚାଗା

ଅଷ୍ଟ୍ରେଲିଆକୁ ୨-୧ ଗୋଲରେ ପରାସ୍ତ କରି ଆର୍ଜେଣ୍ଟିନା କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଦଳର ମୁଖ୍ୟ ଖେଳାଳି ଲିଓନେଲ ମେସିଙ୍କ ଆକର୍ଷଣୀୟ ଗୋଲ ଦଳର ବିଶ୍ୱକପ୍ ସ୍ୱପ୍ନକୁ ଉଜ୍ଜୀବିତ ରଖିଛି। ପ୍ରଫେସନାଲ ଫୁଟ୍‌ବଲରେ ମେସିଙ୍କର ଏହାଥିଲା ୧,୦୦୦ତମ ମ୍ୟାଚ। ଆର୍ଜେଣ୍ଟିନା ଅଧିନାୟକ ଭାବେ ଏହାଥିଲା ତାଙ୍କର ୧୦୦ତମ ମ୍ୟାଚ। ପ୍ରତିଯୋଗିତାରେ ଶୁକ୍ରବାର ସେମାନଙ୍କୁ ଆଉ ଏକ ବାଧା ନେଦରଲାଣ୍ଡସ୍‌କୁ ଅତିକ୍ରମ କରିବାକୁ ପଡ଼ିବ। ସତୁରି ଦଶକ ଆରମ୍ଭରେ ଆର୍ଜେଣ୍ଟିନା ମେକ୍ସିକୋ ବିଶ୍ୱକପ୍‌କୁ ଅଳ୍ପକେ ଯୋଗ୍ୟତା ହାସଲରୁ ବଞ୍ଚିତ ହୋଇଥିଲା। ୭୪ ମସିହା ବିଶ୍ୱକପ୍‌ରେ ଆର୍ଜେଣ୍ଟିନାର ପ୍ରଦର୍ଶନ ଭଲ ନ ଥିଲା। ତେବେ ଦଳ ୭୮ ଓ ୮୬ ମସିହାରେ ଚାମ୍ପିୟନ ହୋଇ ପାରିଥିଲା। ଫଳାଫଳ ଦୃଷ୍ଟିରୁ ଇତିହାସରେ ଆର୍ଜେଣ୍ଟିନାର ଏହାଥିଲା ଶ୍ରେଷ୍ଠ ପ୍ରଦର୍ଶନ। ଇତିହାସ ଦୋହରାଇବା ପାଇଁ ଏବେ ସମଗ୍ର ଆର୍ଜେଣ୍ଟିନା ସ୍ୱପ୍ନ ଦେଖୁଛି। ମ୍ୟାଚ ସହଜ ହେବ ନାହିଁ ବୋଲି ଶନିବାର ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଦର୍ଶନ ଜରିଆରେ ଆରମ୍ଭରୁ ସୂଚାଇ ଦେଇଥିଲା। ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ମଧ୍ୟରେ କେହି ଆକ୍ରମଣାତ୍ମକ ନ ଖେଳିବାରୁ ବୋରିଂ ଲାଗିଥିଲା। ଏହି ପର୍ଯ୍ୟାୟରେ କେବଳ ମେସିଙ୍କ ଗୋଲ୍ ଉଲ୍ଲେଖନୀୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କୋଚ୍ ଲିଓନେଲ ସ୍କୋଲାନି ୫ ଡିଫେଣ୍ଡର ମୁତୟନ କରିଥିଲେ। ଦଳରେ ସେ ଲିସାଣ୍ଡ୍ରୋ ମାର୍ଟିନେଜକୁ ସାମିଲ କରିଥିଲେ। ଡିଲ ପଲ୍ ଓ ଜୁଲିଆନ ଆଲଭାରେଜଙ୍କ ବିପକ୍ଷରେ ଅଷ୍ଟ୍ରେଲିଆ ଗୋଲକିପର ତ୍ରୁଟି କରି ବସିବା ପର୍ଯ୍ୟନ୍ତ କୌଣସି ଫଳ ମିଳି ନ ଥିଲା। ଆର୍ଜେଣ୍ଟିନା ପକ୍ଷରୁ ଦ୍ୱିତୀୟ ଗୋଲ୍ ସ୍କୋର କରିବାରେ ଆଲଭାରେଜ ସଫଳ ହୋଇଥିଲେ। ଏଥିସହିତ ଆର୍ଜେଣ୍ଟିନା ବିପକ୍ଷ ଦଳ ଉପରେ ଚାପ ସୃଷ୍ଟି କରିପାରିଥିଲା। ଦ୍ୱିତୀୟାର୍ଦ୍ଧରେ ମେସିଙ୍କ ଠାରୁ ଉଚ୍ଚକୋଟୀର ଖେଳ ଦେଖିବାକୁ ମିଳିଥିଲା। ଅଷ୍ଟ୍ରେଲିଆ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ ପରେ ମୁଁ କହିପାରେ ଆର୍ଜେଣ୍ଟିନା ଦଳ ପାଇଁ ମେସି ଏକା ନାହାନ୍ତି, ଜୁଲିଆନ ଆଲଭାରେଜ, ମ୍ୟାକ ଅଲିଷ୍ଟର ଓ ଅନ୍ୟମାନେ ଅଛନ୍ତି। ଚାପରେ ଥିବା ବେଳେ ଆର୍ଜେଣ୍ଟିନା ଡିଫେନ୍ସର ଦୁର୍ବଳତା ଦେଖିବାକୁ ମିଳିଛି। ପରବର୍ତ୍ତୀ ମ୍ୟାଚରେ ଏହି ସମସ୍ୟାକୁ ସ୍କୋଲାନି ଦୂର କରିଦେବେ ବୋଲି ମୋର ବିଶ୍ୱାସ। ବିଶ୍ୱକପ୍‌ରେ ସବୁ କିଛି ସମ୍ଭବ। ଏଥିରେ ଗୋଲ୍ ସ୍କୋର ଓ ଦୁର୍ଘଟଣା ଦେଖିବାକୁ ମିଳେ। ଏଥିରେ ମ୍ୟାଚ ଜିତିବା ସହଜ ନୁହେଁ। ଗୋଟିଏ ତ୍ରୁଟି ପାଇଁ ଟୁର୍ନାମେଣ୍ଟରୁ ବିଦା ହେବାକୁ ପଡ଼ିଥାଏ। ଆର୍ଜେଣ୍ଟିନା ୭ଟି ମ୍ୟାଚ ଖେଳିବା ଲାଗି କାତାର ଆସିଛି। ଇତିମଧ୍ୟରେ ଦଳ ୪ଟି ଗେମ୍ ଖେଳିସାରିଛି। ନେଦରଲାଣ୍ଡସ୍ ବିପକ୍ଷରେ ଆର୍ଜେଣ୍ଟିନା ୫ମ ମ୍ୟାଚ ଖେଳିବ। ମେସିଙ୍କର ସମ୍ଭବତଃ ଏହା ଶେଷ ବିଶ୍ୱକପ୍। ତାଙ୍କୁ ବର୍ତ୍ତମାନ ୩୫ ବର୍ଷ ବୟସ। ତେଣୁ ସେ ବିଶ୍ୱକପ୍ ଜିତିବା ଲାଗି ଦୃଢ ଆଶା ପୋଷଣ କରିଥିଲେ। ଲିଓ ଓ ଆର୍ଜେଣ୍ଟିନାକୁ ବିଶ୍ୱକପ୍ ସମଗ୍ର ଦେଶ ସ୍ୱପ୍ନ ଦେଖୁଛି।

-(ଟିଭାକ ସ୍ପୋର୍ଟ୍ସ)


ଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସବଜୁନିୟର କରାଟେରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ଜାତୀୟ ସାମ୍ବୋରେ ଓଡ଼ିଶାକୁ ୫ ପଦକ


ଓଡ଼ିଶା ପ୍ରତିଯୋଗୀଙ୍କ ସହ କୋଚ୍ ବିଭୂତି ଭୂଷଣ ବେହେରା।

**ଭୁବନେଶ୍ୱର, ୪।୧୨ (କ୍ରୀଡ଼ା ପ୍ରତିନିଧି):** ଜମ୍ମୁସ୍ଥିତ ଭଗବତୀ ନଗର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ଜାତୀୟ ସାମ୍ବୋ (ମାର୍ଶାଲ ଆର୍ଟର ଏକ ଷ୍ଟାଇଲ) ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ମୋଟ ୫ଟି ପଦକ ହାସଲ କରିଛି। ଏହା ମଧ୍ୟରେ ୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ସାମିଲ। ସୁପ୍ରିୟା କୁମାରୀ ଦାଶ ୪୭ କେଜି ୧୦ରୁ ୧୨ ବର୍ଷ ବର୍ଗ ଏବଂ ମହମ୍ମଦ ୟାଶ୍ ଖାଁ ୭୧ କେଜି ୧୬ରୁ ୧୮ ବର୍ଷ କମ୍ବାଟ ସାମ୍ବୋରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ମହମ୍ମଦ ଦକ୍ଷ ଖାଁ ୫୧ କେଜି ୧୪ରୁ ୧୬ ବର୍ଷ ଓ ମହମ୍ମଦ ୟାଶ୍ ଖାଁ ୭୧ କେଜି ୧୬ରୁ ୧୮ ବର୍ଷ ବାଳକରେ ରୌପ୍ୟ ପଦକ ଏବଂ ଆର୍ଯ୍ୟନ ଶର୍ମା ୪୫ କେଜି ୧୦ରୁ ୧୨ ବର୍ଷ ବାଳକରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ସାମ୍ବୋ ଆସୋସିଏଶନର ସଭାପତି ତଥା ଅନ୍ତର୍ଜାତୀୟ ଖେଳାଳି ବିଭୂତି ଭୂଷଣ ବେହେରା କୋଚ୍ ଏବଂ ଜିତେନ୍ଦ୍ର ମିଶ୍ର ମ୍ୟାନେଜର ଭାବେ ଦଳ ସହ ରହିଥିଲେ। ପ୍ରତିଯୋଗିତା ଅବସରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଜଜ୍ ଓ ରେଫରି ସେମିନାରରେ ବିଭୂତି ଅଂଶଗ୍ରହଣ କରିଥିଲେ।

# ଓଡ଼ିଶାକୁ ୧୨ ପଦକ

**ଭୁବନେଶ୍ୱର,୪।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସବ ଜୁନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶା ୧୨ ପଦକ ହାସଲ କରିଛି। ଓଡ଼ିଶା ପ୍ରତିଯୋଗୀ ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୧ ବର୍ଷର କୁମିତେ ବର୍ଗରେ ସୁରଭି ପଣ୍ଡା ଓ ୧୨ ବର୍ଷ ବ୍ୟକ୍ତିଗତ କାଟା ବର୍ଗର ଆଲିସା ସୁବୁଦ୍ଧି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୬ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଆକାଙ୍କ୍ଷା ମହାନ୍ତି, ୭ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଅର୍ନ୍ନଦିତା ସ୍ୱାଇଁ, ୯ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଓରଜା ସାମନ୍ତ, ୧୦ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଆଲିସା ଚୌହାନ, ୧୩ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ଫାତିମା ପରଭେଜ୍ ଓ ୧୨ ବର୍ଷ ବ୍ୟକ୍ତିଗତ କାଟା ବର୍ଗରେ ପ୍ରିୟଦର୍ଶିନୀ ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ୧୦ ବର୍ଷର କୁମିତେ ବର୍ଗରେ ଲିପ୍ସି ସିଂ(୩୦ କିଗ୍ରା), ୮ ବର୍ଷର କୁମିତେ ବର୍ଗରେ ରାଜେଶ୍ୱରୀ ସିଂ (୩୦ କିଗ୍ରା), ୧୨ ବର୍ଷର କୁମିତେ ବର୍ଗରେ ଆର୍ଯ୍ୟା ବଂଶିକା(୫୦ କିଗ୍ରା) ଓ ୧୩ ବର୍ଷର କୁମିତେ ବର୍ଗରେ କାଜଲ ଆଚାର୍ଯ୍ୟ(୫୦ କିଗ୍ରା) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ବିଜେତା ପ୍ରତିଯୋଗୀ ମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, କୋଚ ହରି ପ୍ରସାଦ ପଟ୍ଟନାୟକ ଓ ଅନ୍ୟାନ୍ୟ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

# ଦିନିକିଆ ଦଳରୁ ରିଲିଜ ହେଲେ ପନ୍ତ

**ମୀରପୁର, ୪।୧୨ (ପି.ଟି.):** ରବିବାରଠାରୁ ଆରମ୍ଭ ହୋଇଥିବା ବାଂଲାଦେଶ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରୁ ଉଇକେଟକିପର-ବ୍ୟାଟର ରିଷଭ ପନ୍ତଙ୍କୁ ରିଲିଜ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍‌ର ପରାମର୍ଶ ପରେ ଏହି ପଦକ୍ଷେପ ନିଆଯାଇଛି। ଟେଷ୍ଟ ସିରିଜ ଆରମ୍ଭ ହେବା ପୂର୍ବରୁ ସେ ଦଳ ସହିତ ଯୋଗ ଦେବେ। ତାଙ୍କ ବଦଳରେ ଅନ୍ୟ କୌଣସି ଖେଳାଳିଙ୍କୁ ନିଆଯିବ ନାହିଁ।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
**Tender Notice No. TPWODL/TP/O/SU/ 130**
TP Western Odisha Distribution Limited, invites quotations (in 2part) from eligible vendors/suppliers for the following package :
**Supply of 7/8 SWG GI Stranded Wire.**
Interested bidders to submit Tender Participation Fee and Authorization Letter by email on or before **12th December 2022, 15:00Hrs,** after which link from e-Tender system shall be shared.
For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.
All future correspondence regarding the tender, bid submission, date extension etc. will happen with participating bidders only through E-Tender system.
Sd /- **Chief-Contracts and Stores**

GOVERNMENT OF ODISHA
No.O-1366
OFFICE OF THE SUPERINTENDING ENGINEER
**RURAL WORKS DIVISION-I, MALKANGIRI**
NATIONAL COMPETITIVE BIDDING THROUGH e-Procurement
**Identification No. Online Tender 04/RWD-I, MKG/2022-23 dt. 25.11.2022**
1. Name of the work : Building works (Repair & New construction work Detailed in Annexure). 2. Total Number of Works : 20 (Twenty) Numbers. 3. Tender Cost : Rs. 1.26 Lakhs to Rs. 79.13 Lakhs. 4. Class of Contractor : 'B', "C" & "D" Class contractors. 5. Period of Completion : (As Per Detailed in Annexure). 6. Other Details: -

| Procurement Officer | Bid Identification No. | No. of Works | Availability of tender online for bidding | | Last date & time of seeking tender clarification | Date and time of opening of tender (Single Cover) |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division-I, Malkangiri | Online Tender- 04/ RWD-I, MKG / 2022-23 | 20 (Twenty) Nos. buildings works | 12.12.2022 from 11.00 A.M. | 19.12.2022 upto 5.00 P.M. | 17.12.2022 upto 5.00 P.M. | Bid opening- 20.12.2022 at 11.00 A.M. |

Further details can be seen from the website www.tenderorissa.gov.in
**Sd./- Executive Engineer, R.W. Division-I, Malkangiri**
OIPR-25058/11/0006/2223

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
AT/PO- NAYABAZAR, CUTTACK-753004, Tel.No. 0671-2444488,
Email: serw_kpd@yahoo.com
**No.Tender Online RCK-34/22 Letter No. 3000 Date: 28.11.22**
No.O-1368
**e-Procurement NOTICE**
1. Name of the work: Building works in the district of Kendrapara-Jajpur for the year 2022-23. 2. Class of contractor: As specified in the Column-5 of the Annexure. 3. Time for completion: As specified in the Column-6 of the Annexure. 4. Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK-34/22 | 12.12.2022 at 11.30 A.M. | 26.12.2022 to 05.00 P.M. | 26.12.2022 upto 02.00 P.M. | 27.12.2022 at 11.30 A.M. | Will be intimated later on |

Further details can be seen from the website **www.tendersodisha.gov.in**
**Sd./- Chief Construction Engineer**
**Rural Works Circle, Kendrapara-Jajpur**
OIPR-25129/11/0039/2223



# ଅଭିମାନୀ କରୀନା

**ମୁମ୍ବାଇ:** ବଲିଉଡ୍ ଇଣ୍ଡଷ୍ଟ୍ରିରେ କରୀନା କପୁର ଖାନ୍‌ଙ୍କ ଅଭିନୟଠାରୁ ଆରମ୍ଭ କରି ତାଙ୍କ ଆଉଟ୍ ଫିଟ୍‌କୁ ନେଇ ଅନେକ ସମୟରେ ସେ ଚର୍ଚ୍ଚାରେ ରୁହନ୍ତି। ନିକଟରେ କରୀନା ଓ ସ୍ୱାମୀ ସୈଫ ଅଲ୍ଲୀ ଖାନ୍ ସାଉଦି ଆରବର ଜେଦାହରେ ଅନୁଷ୍ଠିତ ରେଡ୍ ସି ଫେଷ୍ଟିଭାଲରେ ଯୋଗ ଦେଇଥିଲେ। ଦୁହିଁଙ୍କ ଗେଟ୍‌ଅପ୍ ନେଇ ସମସ୍ତେ ସେମାନଙ୍କ ପ୍ରଶଂସା କରିଥିଲେ। ତେବେ ରେଡ୍ କାର୍ପେଟରେ ଦୁହେଁ ଏକାଠି ଥିବାବେଳେ କିଛି ଖବରଦାତା ତାଙ୍କୁ ପ୍ରଶ୍ନ କରିଥିଲେ ଯେ, ଫିଲ୍ମ ଜଗତରେ ମହିଳାମାନଙ୍କ ଗୁରୁତ୍ୱ କେତେ। ଏହାର ଉତ୍ତରରେ ସୈଫ ଅଲ୍ଲୀ ତାଙ୍କ ମା' ଶର୍ମିଳା ଟାଗୋରଙ୍କ କଥା କହିଥିଲେ। କିନ୍ତୁ ସ୍ତ୍ରୀ କରୀନାଙ୍କ ନାଁ ନେଇ ନ ଥିଲେ। ଏହାପରେ କରୀନା ସୈଫଙ୍କୁ ରାଗଭରା ଚାହାଣିରେ ଦେଖିଥିଲେ। ପରେ ସୈଫ ବିଷୟବସ୍ତୁକୁ ବଦଳାଇ ଦେଇଥିଲେ। କରୀନା ଶେଷଥର ପାଇଁ ବଲିଉଡ୍ ଫିଲ୍ମ ଲାଲ୍ ସିଂ ଚଡ୍ଢାରେ ଆମୀର ଖାନ୍‌ଙ୍କ ସହ ନଜରକୁ ଆସିଥିଲେ।

# ଚକ୍ଷୁ ରୋଗ ଚିହ୍ନଟ କରିବ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ

ଲଣ୍ଡନ



ମନୁଷ୍ୟ ଶରୀରରେ ଆଖି ହେଉଛ ଅମୂଲ୍ୟ ସମ୍ପଦ। ଆଖି ସାହାଯ୍ୟରେ ମଣିଷ ବହୁତକିଛି ଦେଖିପାରୁଛି। ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ ମଧ୍ୟ କରେ। ଅନେକ ସମୟରେ ଦେଖିବାକୁ ମିଳିଛି, ଆଖିରେ ହେଉଥିବା ସଂକ୍ରମଣ ବା ରୋଗ ବିଷୟରେ ବହୁ ବିଳମ୍ବରେ ଜଣାପଡେ। କିନ୍ତୁ ସେତେବେଳକୁ ତାହା ବଡ଼ ରୂପ ନେଇସାରିଥାଏ। ତେବେ ଚକ୍ଷୁ ଇନ୍‌ଫେକ୍ସନ ସମ୍ପର୍କରେ ଜାଣିବା ଏଣିକି ସହଜ ହେବ। ଏହା କେବଳ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ଜରିଆରେ ହିଁ ସମ୍ଭବ। ଭାରତ ଓ ବ୍ରିଟେନ ବୈଜ୍ଞାନିକମାନେ ମିଳିତ ଭାବେ ଏହି ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ତିଆରି କରିଛନ୍ତି। ଆଖିରେ ଫଙ୍ଗାଲ ଇନ୍‌ଫେକ୍ସନର ମାତ୍ରା ବୃଦ୍ଧି ପାଇଥିବାବେଳେ ଏହି ରୋଗକୁ ଚିହ୍ନଟ କରିବ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ।

ଶେଫିଲ୍ଡ ୟୁନିଭର୍ସିଟି, ବ୍ରାଡଫୋର୍ଡ ୟୁନିଭର୍ସିଟି ଏବଂ ଭାରତର ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ମିଳିତ ଭାବେ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ତିଆରି କରିଛନ୍ତି। ମାଇକ୍ରୋବାୟାଲ କେରାଟିଟ୍ସ, ଯାହା ଦ୍ୱାରା ରୋଗୀ ଅନ୍ଧ ହେବାର ଆଶଙ୍କା ରହିଥାଏ। ଅଧିକାଂଶ ଲୋକଙ୍କଠାରେ ଦେଖାଯାଉଥିବା ଏହି ରୋଗର ଚିହ୍ନଟ ଉନ୍ନତ ଟେକ୍ନୋଲୋଜିରେ ତିଆରି ସ୍ମାର୍ଟ ଲେନ୍ସ ଦ୍ୱାରା କରାଯାଇ ପାରିବ ବୋଲି ଡା. ପ୍ରଶାନ୍ତ ଗାର୍ଗ କହିଛନ୍ତି। ଆଖିରେ ବ୍ୟାକ୍ଟେରିଆ ଓ ଫଙ୍ଗାଲର ଚିହ୍ନଟ ମଧ୍ୟ ସମ୍ଭବପର। ଭାରତରେ ମ୍ୟୁକୋମାଇକୋସିସ୍ ଦ୍ୱାରା ଏକାଧିକ ରୋଗୀଙ୍କ ମୃତ୍ୟୁ ହେଉଥିବାବେଳେ ସ୍ମାର୍ଟ କଣ୍ଟାକ୍ଟ ଲେନ୍ସ ଏହାକୁ ଦୂର କରିବାର ସମ୍ଭାବନା ଥିବା କୁହାଯାଉଛି।










































# ‘ପିଏମ୍‌ଏଫ୍‌ବିୱାଇ କାର୍ଯ୍ୟକାରୀ କରିବ ଏଚ୍‌ଡିଏଫ୍‌ସି ଏଗ୍ରୋ’

**ନୂଆଦିଲ୍ଲୀ,୪।୧୨**

ଓଡ଼ିଶାର କୃଷକମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍‌ଏଫ୍‌ବିୱାଇ)କୁ ଏଚ୍‌ଡିଏଫ୍‌ସି ଏଗ୍ରୋ ଜେନେରାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ କାର୍ଯ୍ୟକାରୀ କରିବ ବୋଲି ଜଣାପଡ଼ିଛି। ବିଶେଷକରି ଏଚ୍‌ଡିଏଫସି ଏଗ୍ରୋ ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ବିଭିନ୍ନ ଜିଲା ଯଥା ବରଗଡ଼, ଭଦ୍ରକ, ଦେବଗଡ଼, ଗଜପତି, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଏବଂ ନବରଙ୍ଗପୁର ଜିଲାଗୁଡ଼ିକର ଋଣ ଗ୍ରହଣ କରିଥିବା ଚାଷୀ ଏବଂ ଋଣ ଗ୍ରହଣ କରି ନ ଥିବା ଚାଷୀମାନଙ୍କ ପାଇଁ ପିଏମ୍‌ଏଫବିୱାଇ କାର୍ଯ୍ୟକାରୀ କରିବାକୁ ଯାଉଛି। ଏପରିକି ଉକ୍ତ ସ୍କିମ୍ ରାଜ୍ୟର ବିଭିନ୍ନ ଜିଲାରେ ଓଡ଼ିଶା ସରକାରଙ୍କ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଧାନ, ବାଦାମ, ବିରି, ମୁଗ, ଆଖୁ ଇତ୍ୟାଦି ଭଳି ବିଭିନ୍ନ ପ୍ରକାର ଫସଲ ପାଇଁ କାର୍ଯ୍ୟକାରୀ ସାଙ୍ଗକୁ ଫସଲ କଟ୍ ଅଫ୍ ତାରିଖ ମଧ୍ୟ ପ୍ରଦାନ କରାଯାଇଛି। ସେହିଭଳି ପିଏମ୍‌ଏଫବିୱାଇ ଯୋଜନା କୃଷକମାନଙ୍କୁ ମରୁଡ଼ି, ବନ୍ୟା, ଶୁଖିଲା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, କୁଆପଥର, ଜଳମଗ୍ନ, କୀଟ, ରୋଗ ଏବଂ ଅନ୍ୟାନ୍ୟ ବିଭିନ୍ନ ବାହ୍ୟ ଉତ୍ପାଦରୁ ଉତ୍ପନ୍ନ ଫସଲ ଅମଳରେ କ୍ଷତି ସମ୍ବନ୍ଧିତ ବୀମା ପ୍ରଦାନ କରିଥାଏ। ଏପରିକି ଅମଳରେ ହେଉଥିବା କ୍ଷତିକୁ ଚିହ୍ନଟ କରିବା ପାଇଁ ରାଜ୍ୟ ସରକାର ଏହି ଯୋଜନା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ଫସଲ ନିମନ୍ତେ ଫସଲ କାଟିବା ପରୀକ୍ଷଣ (ସିସିଇ) ଯୋଜନା ପରିଚାଳନା କରିବେ।

# ନଭେମ୍ବରରେ ସ୍କୋଡାର ୪୪୩୩ କାର୍ ବିକ୍ରି

**ନୂଆଦିଲ୍ଲୀ,୪।୧୨**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ‘ସ୍କୋଡା ଅଟୋ ଇଣ୍ଡିଆ’ ପକ୍ଷରୁ ୨୦୨୨ ନଭେମ୍ବର ମାସର ଗାଡି ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଛି। ଏପରିକି ଚଳିତ ବର୍ଷ ନଭେମ୍ବରରେ କମ୍ପାନୀ ଏକ ନୂତନ ଶିଖର ହାସଲ କରିଛି। ବିଶେଷ କରି ଗତ ମାସରେ କମ୍ପାନୀ ୪,୪୩୩ ୟୁନିଟ ବିକ୍ରି ପଞ୍ଜୀକୃତ କରିଛି। ଫଳସ୍ୱରୂପ ଗତ ବର୍ଷ ସମାନ ଅବଧି ମଧ୍ୟରେ ବିକ୍ରି ହୋଇଥିବା ୨,୧୯୬ କାର୍ ତୁଳନାରେ ୧୦୨% ବୃଦ୍ଧି ଘଟିଛି। ଏହି ବର୍ଦ୍ଧିତ ବିକ୍ରୟ ଯୋଗୁ କମ୍ପାନୀ ୨୦୨୧ର ବାର୍ଷିକ ବିକ୍ରି ତୁଳନାରେ ୨୦୨୨ରେ ଆଉ ଏକ ରେକର୍ଡ ସହ ଏକ ମାସ ପୂର୍ବରୁ ଗାଡି ବିକ୍ରିକୁ ଦ୍ୱିଗୁଣିତ କରିସାରିଛି । ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆ’ର ବ୍ରାଣ୍ଡ୍ ନିର୍ଦ୍ଦେଶକ ପିଟର ସ୍ଲୋକ କହିଛନ୍ତି, ଆମେ ଆମର ସର୍ବକାଳୀନ ଉଚ୍ଚ ବିକ୍ରୟ ରେକର୍ଡର ଲ୍ୟାଣ୍ଡମାର୍କ ଅତିକ୍ରମ କରିସାରିଛୁ। ଏପରିକି ଭାରତ ସ୍କୋଡା ଅଟୋ ପାଇଁ ୩ୟ ବୃହତ୍ତମ ବଜାର ହୋଇ ରହିଛୁ। ଏପରିକି ଆମେ କ୍ରମାଗତ ଭାବେ ଆମର ଅଭିବୃଦ୍ଧିର ସମ୍ବେଗ ବଜାୟ ରଖିଛୁ ଏବଂ ଏକ ନୂତନ ଉଚ୍ଚତାରେ ଏହି ବର୍ଷକୁ ଶେଷ କରିବାକୁ ଅପେକ୍ଷା କରିଛୁ। ଉଲ୍ଲେଖଯୋଗ୍ୟ ଯେ ଚଳିତ ବର୍ଷ ଜାନୁୟାରୀରୁ ନଭେମ୍ବର ଶେଷ ସୁଦ୍ଧା ସ୍କୋଡା ଅଟୋ ଇଣ୍ଡିଆ ୪୮,୯୩୩ ୟୁନିଟ ଗାଡି ବିକ୍ରି କରିଛି, ଯାହାକି ୨୦୨୧ରେ ବାର୍ଷିକ ବିକ୍ରି ହେଇଥିବା ୨୩,୮୫୮ କାରର ଦୁଇଗୁଣରୁ ଅଧିକ ଅଟେ । ଏହା ମଧ୍ୟ କମ୍ପାନୀକୁ ୨୦୨୨ ପାଇଁ ବାର୍ଷିକ ୫୦,୦୦୦କାର ଲକ୍ଷ୍ୟର ନିକଟତର କରିଛି।

ŠKODA

**୨୦୨୨ ନଭେମ୍ବରରେ ୧୦୨% ଅଭିବୃଦ୍ଧି**

# ଶ୍ରେଷ୍ଠ ୧୦ କମ୍ପାନୀ ମଧ୍ୟରେ ରିଲାଏନ୍ସ ଏକ ନମ୍ବର

**ନୂଆଦିଲ୍ଲୀ,୪।୧୨:** ଭାରତୀୟ ଷ୍ଟକ୍ ମାର୍କେଟରେ ପଞ୍ଜୀକୃତ ନିବେଶକ କମ୍ପାନୀଗଡ଼ିକର କାରବାର ଫଳାଫଳ ଓ ଶେୟାର ବଜାରର ବଜାର ପୁଞ୍ଜିକୁ ନେଇ ଦେଶର ଶ୍ରେଷ୍ଠ ୧୦ କମ୍ପାନୀର ତାଲିକା ପ୍ରକାଶ କରାଯାଇଛି। ସେହିପରି ଗତ ସପ୍ତାହରେ ଦେଶର ଶ୍ରେଷ୍ଠ ୧୦ ମୂଲ୍ୟବାନ ଶିଳ୍ପ ସଂସ୍ଥାମାନଙ୍କ ମଧ୍ୟରୁ ୮ଟିର ବଜାର ମୂଲ୍ୟରେ ୧,୧୫,୮୩୭ କୋଟି ଟଙ୍କା ଯୋଡ଼ିଥିବା ବେଳେ ସେଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସବୁଠୁ ବଡ଼ ଲାଭକାରୀ ସଂସ୍ଥା ଭାବେ ପରିଗଣିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ବଜାର ମୂଲ୍ୟରେ ୭୧,୪୬୨.୨୮ କୋଟି ଟଙ୍କାକୁ ବୃଦ୍ଧି ପାଇ ୧୮,୪୧,୯୯୪.୪୮ କୋଟିରେ ପହଞ୍ଚିଥିବା ଜଣାପଡିଛି।




























See Career Appointment on every Wednesday & Saturday















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଡିସେମ୍ବର ୫/୨୦୨୨ Bhubaneswar, Monday, December 5/ 2022

# ଅଷ୍ଟ୍ରେଲିଆ ୧୬୪ ରନରେ ବିଜୟୀ

**ପର୍ଥ, ୪।୧୨(ଏପି):** ଅଫ୍ ସ୍ପିନର ନାଥାନ ଲିଅନଙ୍କ ଚମତ୍କାର ବୋଲିଂ ଯୋଗୁ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚକୁ ଅଷ୍ଟ୍ରେଲିଆ ୧୬୪ ରନରେ ଜିତିନେଇଛି। ପର୍ଥ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଲିଅନ ୧୨୮ ରନ ବିନିମୟରେ ୬ଉଇକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜ ରବିବାର ଅନ୍ତିମ ଦିବସ ଖେଳର ଚା'ପାନ ବିରତି ପୂର୍ବରୁ ୩୩୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଲିଅନଙ୍କର ୧୧୧ତମ ଟେଷ୍ଟରେ ଏହା ହେଉଛି ୨୧ତମ ୫ଉଇକେଟ ସଫଳତା। ତାଙ୍କ ମୋଟ ଟେଷ୍ଟ ଉଇକେଟ ସଂଖ୍ୟା ୪୪୬ରେ ପହଞ୍ଚିଛି। ଅଷ୍ଟ୍ରେଲିଆର ସର୍ବକାଳୀନ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ସେ ୮ମ ସ୍ଥାନ ଅଧିକାର କରିଛନ୍ତି। ଭ୍ରମଣକାରୀ ଦଳର ଟପ୍ ସ୍କୋରର କ୍ରେଗ୍ ବ୍ରାଥ୍‌ୱେଟ୍ ୧୧୦ ରନ କରିଥିଲେ। ଏହି ମ୍ୟାଚରେ ମାର୍ନସ ଲାବୁସେନ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୦୪ ରନ କରିଥିବା ବେଳେ ଦ୍ୱିତୀୟ ଇନିଂସରେ ୧୦୪ରନ କରି ଅପରାଜିତ ରହିଥିଲେ। ୧୯୭୪ରେ ଗ୍ରେଗ୍ ଚାପେଲଙ୍କ ପରେ ଏକ ମ୍ୟାଚରେ ଗୋଟିଏ ଦ୍ୱିଶତକ ଓ ଗୋଟିଏ ଶତକ ହାସଲ କରିବାରେ ସେ ପ୍ରଥମ ଅଷ୍ଟ୍ରେଲୀୟ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୯୮/୪, ଘୋଷଣା। ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୮୩। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:୧୮୨/୨ ଘୋଷଣା। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୩୩୩ (କ୍ରେଗ୍ ବ୍ରାଥୱେଟ୍-୧୧୦, ରୋଷ୍ଟନ ଚେଜ୍-୫୫, ଟାଗେନାରିନ୍ ଚନ୍ଦରପଲ-୪୫, ଅଲ୍‌ଜାରି ଯୋଶେଫ-୪୩; ନାଥାନ ଲିଅନ-୬/୧୨୮, ଟ୍ରାଭିସ ହେଡ୍-୨/୨୫)।

# ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ୪-୧ରେ ବିଜୟୀ

**ଆଡିଲେଡ୍, ୪।୧୨ (ପି.ଟି.):** ଅଧିନାୟକ ହରମନପ୍ରୀତ୍ ସିଂଙ୍କ ଡବଲ ଗୋଲ୍ ସତ୍ତ୍ୱେ ରବିବାର ଖେଳାଯାଇଥିବା ଫାଇନାଲ ଗେମ୍‌ରେ ଭାରତ ୪-୫ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଛି। ଫଳରେ ବିଶ୍ୱର ନମ୍ବର ୱାନ ଦଳ ୫ମ୍ୟାଚ ବିଶିଷ୍ଟ ସିରିଜ ୪-୧ରେ ଜିତିନେଇଛି। ଅଷ୍ଟ୍ରେଲିଆ ତରଫରୁ ଟମ୍ ୱିଖାମ୍ (୨ୟ, ୧୭ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ ଆରାନ ଜାଲେୱିସ୍କି (୩୦ତମ), ଜାକବ ଆଣ୍ଡରସନ (୪୦ତମ) ଓ ଜେକ୍ ହ୍ୱିଟନ (୫୪ତମ) ଅନ୍ୟ ଗୋଲ୍‌ଗୁଡ଼ିକ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଭାରତ ପକ୍ଷରୁ ହରମନପ୍ରୀତ (୨୪ତମ, ୬୦ତମ) ଦୁଇଟି ପେନାଲ୍ଟି କର୍ନରକୁ ରୂପାନ୍ତରିତ କରିଥିବା ବେଳେ ଅମିତ ରୋହିଦାସ (୩୪ତମ) ଓ ସୁଖଜିତ୍ ସିଂ (୫୫ତମ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ସିରିଜରେ ଭାରତ ପ୍ରଥମ ଦୁଇଟି ମ୍ୟାଚ ୪-୫ ଓ ୪-୭ ଗୋଲରେ ପରାଜିତ ହୋଇଥିବା ବେଳେ ପରବର୍ତ୍ତୀ ଗେମ୍ ୪-୩ରେ ଜିତିଥିଲା। ଦଳ ୪ର୍ଥ ଗେମ୍ ୧-୫ରେ ପରାସ୍ତ ହୋଇଥିଲା। ରବିବାର ମ୍ୟାଚରେ ଭାରତ ଓପନିଂ ଦୁଇ କ୍ୱାର୍ଟରରେ ଉନ୍ନତ ଖେଳ ପ୍ରଦର୍ଶନ କରି ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ଅନ୍ୟପକ୍ଷରେ ଭାରତୀୟ ଦଳର ଖେଳ ମନ୍ଥର ପରିଲକ୍ଷିତ ହୋଇଥିଲା। ଅଷ୍ଟ୍ରେଲିଆ ଡିଫେନ୍ସରେ ଚାପ ସୃଷ୍ଟି କରିବାରେ ସେମାନେ ବିଫଳ ରହିଥିଲେ।

# ବ୍ୟାଟିଂ, ବୋଲିଂ ଫେଲ୍

## ବାଂଲାଦେଶଠାରୁ ହାରିଲା ଭାରତ

**ମୀରପୁର,୪।୧୨**

ବାଂଲାଦେଶ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ପରାଜିତ ହୋଇଛି ଭାରତ। ଦଶମ ଉଇକେଟରେ ମେହିଦୀ ହସନ ମିରାଜ ଓ ମୁସ୍ତାଫିଜୁର ରେହମାନ ୫୧ ରନ ଯୋଡିବା କାରଣରୁ ବାଂଲାଦେଶ ଏହି ଲୋ ସ୍କୋରିଂ ମ୍ୟାଚକୁ ୧ ଉଇକେଟରେ ଜିତିବା ସହିତ ୧-୦ରେ ଆଗୁଆ ରହିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୧.୨ ଓଭରରେ ୧୮୬ ରନରେ ଅଲଆଉଟ ହୋଇଥିଲା। ଲୋକେଶ ରାହୁଲ ୭୩ ରନର ଇନିଂସ ଖେଳିଥିବା ବେଳେ ଶାକିବ ଅଲ ହସନ ୫ ଓ ଇବାଦତ ହୋସେନ ୪ ଉଇକେଟ ନେଇ ଭାରତର ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ବାଂଲାଦେଶ ୧୩୬ ରନରେ ୯ ଉଇକେଟ ହରାଇ ସଙ୍କଟରେ ପଡିଥିବା ବେଳେ ମେହିଦୀ(୩୮) ଓ ମୁସ୍ତାଫିଜୁର(୧୦) ଦଳକୁ ବିଜୟୀ କରାଇଥିଲେ।

ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଦୁଇ ଓପନର ରୋହିତ ଶର୍ମା(୨୭) ଓ ଶିଖର ଧାୱନ(୭) ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ବିରାଟ କୋହଲି(୯) ଓ ଶ୍ରେୟାସ ଆୟର(୨୪) ମଧ୍ୟ ସହଜରେ ଆଉଟ ହେବା କାରଣରୁ ଭାରତ ୯୨ ରନରେ


ପ୍ଲେୟର ଅଫ୍ ଦି ମ୍ୟାଚ ମେହିଦୀ ହସନ ମିରାଜ।

୪ ଉଇକେଟ ହରାଇଥିଲା। ତେବେ ଲୋକେଶ ରାହୁଲ ୭୩ ରନର ଦୃଢ ଇନିଂସ ଖେଳିବାରୁ ଭାରତ ୧୮୬ ରନରେ ପହଞ୍ଚିଥିଲା। ୭୦ ବଲର ଇନିଂସରେ ସେ ୫ ଚୌକା ଓ ୪ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ଶାକିବ ୩୬ ରନରେ ୫ ଓ ଇବାଦତ ୪୭ ରନରେ ୪ ଉଇକେଟ ନେଇଥିଲେ।

୧୮୭ ରନ ବିଜୟ ଲକ୍ଷ୍ୟର ପିଛା କରୁଥିବା ବାଂଲାଦେଶ ୨୬ ରନରେ ଦୁଇ ଉଇକେଟ ହରାଇଥିଲା। ତେବେ ଅଧିନାୟକ ଲିଟନ ଦାସ(୪୧) ଇନିଂସ ସଜାଡିବାକୁ ପ୍ରୟାସ କରିଥିଲେ। ୱାଶିଂଟନ୍ ସୁନ୍ଦର ଲିଟନ ଓ ଶାକିବଙ୍କୁ ଆଉଟ କରିବା ପରେ ଭାରତ ପୁନର୍ବାର ମ୍ୟାଚକୁ ଫେରିଥିଲା। ମିଡିଲ ଓଭରରେ ଶାର୍ଦ୍ଦୂଳ ଠାକୁର, ମହମ୍ମଦ ସିରାଜ ଓ କୁଲଦୀପ ସେନ୍ ଘାତକ ବୋଲିଂ କରିବାରୁ ବାଂଲାଦେଶ ୧୩୬ ରନରେ ୯ ଉଇକେଟ ହରାଇଥିଲା। ଭାରତ ପକ୍ଷରୁ ସିରାଜ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ କୁଲଦୀପ ସେନ୍ ଓ ୱାଶିଂଟନ୍ ସୁନ୍ଦର ଦୁଇଟି ଲେଖାଏ ଏବଂ ଦୀପକ ଚହର ଓ ଶାର୍ଦ୍ଦୂଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମେହିଦୀ ହସନ ମିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ୪୧.୨ ଓଭରରେ ୧୮୬/୧୦ (ଲୋକେଶ ରାହୁଲ-୭୩, ରୋହିତ ଶର୍ମା-୨୭, ଶ୍ରେୟାସ ଆୟର-୨୪, ଶାକିବ ଅଲ ହସନ-୫/୩୬, ଇବାଦତ ହୋସେନ-୪/୪୭)। ବାଂଲାଦେଶ ୪୬ ଓଭରରେ ୧୮୭/୯ (ଲିଟନ୍ ଦାସ-୪୧, ମେହିଦୀ ହସନ ମିରାଜ-୩୮*, ଶାକିବ ଅଲ ହସନ-୨୯, ମହମ୍ମଦ ସିରାଜ-୩/୩୨, କୁଲଦୀପ ସେନ୍-୨/୩୭, ୱାଶିଂଟନ୍ ସୁନ୍ଦର-୨/୧୭)।

# ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ କ୍ରିକେଟ ଆରମ୍ଭ

**ଭୁବନେଶ୍ୱର, ୪।୧୨ (କ୍ରୀଡ଼ା ପ୍ରତିନିଧି):** ସ୍ପୋର୍ଟ୍ସ ଆସୋସିଏଶନ କପିଳପ୍ରସାଦ ସୁନ୍ଦରପଦା (ସାକ୍ସ) ଖେଳପଡ଼ିଆରେ ୧୪ତମ ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚରେ ଲାଲ ବାହାଦୂର ଏକାଦଶ ପ୍ରତିପକ୍ଷ ସୁପର ଏକାଦଶକୁ ପରାସ୍ତ କରିଛି। ଲାଲ ବାହାଦୂର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୨୦୩ ରନ କରିଥିଲା। ଦଳ ପକ୍ଷରୁ ଆଇ.ଏମ୍.ଗିରି ୮୦ ଓ ପଙ୍କଜ ଦାସ ୭୫ ରନ କରିଥିଲେ। ଜବାପରେ ସୁପର ଏକାଦଶ ୭୬ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ୮୦ ରନ କରିବା ସହ ୩ ଉଇକେଟ ହାସଲ କରିଥିବାରୁ ଆଇ.ଏମ୍. ଗିରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଅର୍ଣ୍ଣବ ଏକାଦଶ ବିପକ୍ଷରେ ପୋଲିସ ଏକାଦଶ ବିଜୟୀ ହୋଇଛି। ପୋଲିସ ଏକାଦଶ ୧୫ ଓଭରରେ ୧୩୦ ରନ କରିଥିବାବେଳେ ଅର୍ଣ୍ଣବ ଏକାଦଶ ୭୭ ରନରେ ସମସ୍ତ ଉଇକେଟ ହରାଇଥିଲା। ୩୧ ରନ କରିବା ସହ ୬ ଉଇକେଟ ହାସଲ କରିଥିବାରୁ ବିଜୟୀ ଦଳର ପ୍ରଶାନ୍ତ ରାଉତରାୟ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।

# ପାକିସ୍ତାନକୁ ଆହୁରି ୨୬୩ ରନ ଆବଶ୍ୟକ

**ରାୱଲପିଣ୍ଡି, ୪।୧୨(ଏପି):** ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟିବାକୁ ଯାଉଛି। ପାକିସ୍ତାନ ପାଇଁ ଇଂଲଣ୍ଡ ୩୪୩ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଘରୋଇ ଦଳ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ ବିନିମୟରେ ୮୦ ରନ କରିଛି। ସୋମବାର ଅନ୍ତିମ ଦିବସରେ ସର୍ବାଧିକ ୯୦ ଓଭର ମଧ୍ୟରେ ପାକିସ୍ତାନକୁ ୨୬୩ ରନ ଆବଶ୍ୟକ। **ସଂକ୍ଷିପ୍ତ ସ୍କୋର:** ଇଂଲଣ୍ଡ ପ୍ରଥମ ଇନିଂସ: ୬୫୭। ପାକିସ୍ତାନ ପ୍ରଥମ ଇନିଂସ: ୫୭୯। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୬୪/୭ (ଘୋଷଣା)। ପାକିସ୍ତାନ ଦ୍ୱିତୀୟ ଇନିଂସ: ୮୦/୨।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ